

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୭ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 07 October 2026
Vol.No. 36 ■ No.263 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ମୁଖ୍ୟ ନିର୍ବାଚନ ଆୟୋଗଙ୍କ ଇସ୍ତଫା ଦାବିରେ ବିରୋଧୀ ମେଣ୍ଟର ସଂସଦ ମାର୍ଚ୍ଚ: ଯୋଗଦେଲେ ୧୯ ଟି ଦଳର ପ୍ରତିନିଧି



ନୂଆଦିଲ୍ଲୀ,୦୬/୧୦ : ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ୧୯ଟି ବିରୋଧୀ ଦଳର ସାଂସଦ 'ସେଭ୍ ଡେମୋକ୍ରାସି ମାର୍ଚ୍ଚ' ବାହାର କରିଛନ୍ତି । ପୁଲିସ ବିରୋଧୀ ସାଂସଦମାନଙ୍କୁ ଆଗକୁ ବଢ଼ିବାକୁ ଅଟକାଇଛି । ଏହାପରେ ସାଂସଦମାନେ ରାସ୍ତାରେ ବସିପଡ଼ିଛନ୍ତି । ଦିଲ୍ଲୀରେ ନୂଆ ସଂସଦ ଭବନରୁ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହେଉଥିବା ଏହି ମାର୍ଚ୍ଚରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଉପସ୍ଥିତ ଅଛନ୍ତି । ତେବେ ଆପ୍ ଓ ଡିଏମକେ ଏଥିରେ ସାମିଲ ହୋଇନାହାନ୍ତି । ସାଂସଦମାନେ 'ସେଭ୍ ଡେମୋକ୍ରାସି' ବ୍ୟାନର ଧରି ପହଞ୍ଚିଛନ୍ତି ଏବଂ 'ଜ୍ଞାନେଶ କୁମାର ଇସ୍ତଫା ଦିଅ' ନାରା ଦେଉଛନ୍ତି । ସଂସଦ ମାର୍ଗ, ଜନ୍ତରମନ୍ତର ଏବଂ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ବାହାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି । ଇଣ୍ଡିଆ ମେଣ୍ଟ ୨୦୨୫ ଅଗଷ୍ଟ ୧୧ ତାରିଖରେ ମଧ୍ୟ ସଂସଦ ଭବନରୁ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମାର୍ଚ୍ଚ କରିଥିଲା । ଏଥିରେ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେ, ଶରଦ ପାୱାରଙ୍କ ସମେତ ୨୫ଟି ବିରୋଧୀ ଦଳ ସାମିଲ ହୋଇଥିଲେ । ସମାଜବାଦୀ ପାର୍ଟି ସାଂସଦ ଧର୍ମେନ୍ଦ୍ର ଯାଦବ କହିଛନ୍ତି, "ଯେବେଠାରୁ ଝଓଜ ଘୋଷଣା ହୋଇଛି, ସେବେଠାରୁ ସମାଜବାଦୀ ପାର୍ଟି ଓ ଅଖିଳେଶ ଯାଦବ ଏହାକୁ କଡ଼ା ବିରୋଧ କରୁଛନ୍ତି । ସମଗ୍ର ବିରୋଧୀ ଦଳ ମଧ୍ୟ ଏହାର ବିରୋଧ କରୁଛି । ଅନ୍ୟ ଦୁଇ ନିର୍ବାଚନ କମିଶନର ମଧ୍ୟ ପ୍ରମାଣ କରିଛନ୍ତି ଯେ ଜ୍ଞାନେଶ କୁମାର ନିଜ ଇଚ୍ଛା ଅନୁସାରେ ଦେଶର ଗଣତନ୍ତ୍ର, ସମ୍ବିଧାନ ଓ ଆଇନ ବିରୋଧରେ ନିଷ୍ପତ୍ତି ନେଉଛନ୍ତି । ବିରୋଧୀ ଦଳ ଆରମ୍ଭରୁ ଏହା ବିରୋଧରେ ଥିଲା, ଆଜି ମଧ୍ୟ ଅଛି ଏବଂ ତାଙ୍କୁ ହଟାଇ ନଦେବା ପର୍ଯ୍ୟନ୍ତ ବିରୋଧ ଜାରି ରହିବ ।" ଇଣ୍ଡିଆ ବ୍ଲକ୍‌ର ମାର୍ଚ୍ଚକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଦିଲ୍ଲୀରେ ସକାଳ ୮ଟାରୁ ଅନେକ ରାସ୍ତାରେ ଟ୍ରାଫିକ୍ ଡାଇଭର୍ଟ କିମ୍ବା ନିୟନ୍ତ୍ରଣ କରାଯାଉଛି । କନଟ୍ ପ୍ଲେସ୍, ପଟେଲ ଚୌକ, ସଂସଦ ମାର୍ଗ ଏବଂ ଜନ୍ତରମନ୍ତର ଆଖପାଖରେ ଟ୍ରାଫିକ୍ ଜାମ୍ ଓ ବ୍ୟାରିକେଡିଂ ହେବାର ସମ୍ଭାବନା ରହିଛି । ଟ୍ରାଫିକ୍ ପୁଲିସ ଲୋକମାନଙ୍କୁ ଜନ୍ତରମନ୍ତର, ସଂସଦ ମାର୍ଗ, ଅଶୋକ ରୋଡ୍ ◆◆ପୃଷ୍ଠା ୭

## ବାୟୁସେନାରେ ନୂଆ ମୁଖ୍ୟ ଏୟାର ମାର୍ଶଲ ଆଶୁତୋଷ ଦିକ୍ଷୀତ



ନୂଆଦିଲ୍ଲୀ,୦୬/୧୦ : ଭାରତୀୟ ବାୟୁସେନାକୁ ମିଳିଛି ନୂଆ ମୁଖ୍ୟ । ଅଭିଜ୍ଞ ଫାଇଟର ପାଇଲଟ୍ ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତଙ୍କୁ ଭାରତୀୟ ବାୟୁସେନାର ପରବର୍ତ୍ତୀ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି । ଆଶୁତୋଷ ଦୀକ୍ଷିତ ୩୧ ଅକ୍ଟୋବର ୨୦୨୬ରୁ ଏୟାର ଚିଫ୍ ମାର୍ଶାଲ ପଦରେ ଦାୟିତ୍ୱ ଗ୍ରହଣ କରିବେ । ସେ ବର୍ତ୍ତମାନର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହଙ୍କ ସ୍ଥାନ ନେବେ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଦେଶ ଅନୁସାରେ, ଆଶୁତୋଷ ଦୀକ୍ଷିତଙ୍କ କାର୍ଯ୍ୟକାଳ ୩୧ ଡିସେମ୍ବର ୨୦୨୮ ପର୍ଯ୍ୟନ୍ତ ରହିବ । ଅର୍ଥାତ୍ ସେ ପ୍ରାୟ ଦୁଇ ବର୍ଷରୁ ଅଧିକ ସମୟ ଭାରତୀୟ ବାୟୁସେନାର ନେତୃତ୍ୱ ନେବେ । ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତଙ୍କୁ ଭାରତୀୟ ବାୟୁସେନାର ଜଣେ ଦକ୍ଷ ଓ ଅଭିଜ୍ଞ ଫାଇଟର ପାଇଲଟ୍ ଭାବେ ଜଣାଯାଏ । ତିନି ଦଶନ୍ଧିରୁ ଅଧିକ ସମୟର କ୍ୟାରିୟରରେ ସେ ୩୫୦୦ ଘଣ୍ଟାରୁ ଅଧିକ ସମୟ ବିମାନ ଉଡ଼ାଇଛନ୍ତି । ସେ ଭାରତୀୟ ବାୟୁସେନାରେ ଥିବା ଏଚ୍‌ପିଟି-୩୨, ଏଏନ୍ ୩୨, ଏଭ୍ରୋ, କିରଣ, ଜାଗୁଆର, ଆଇଏଲ୍-୭୮, ହକ୍ ଏବଂ ତେଜସ୍ ସମେତ ବିଭିନ୍ନ ବିମାନ ଉଡ଼ାଇବାର ଅଭିଜ୍ଞତା ରଖନ୍ତି । ତାଙ୍କର ଅପରେସନାଲ୍ ଏବଂ କମାଣ୍ଡ ଦାୟିତ୍ୱ ତୁଲାଇବାର ମଧ୍ୟ ଦୀର୍ଘ ଅଭିଜ୍ଞତା ରହିଛି । ତାଙ୍କୁ ପରମ ବିଶିଷ୍ଟ ସେବା ପଦକ , ଅତି ବିଶିଷ୍ଟ ସେବା ପଦକ , ବୀର ପଦକ ଏବଂ ବିଶିଷ୍ଟ ସେବା ପଦକ ଭଳି ସମ୍ମାନରେ ସମ୍ମାନିତ କରାଯାଇଛି । ଆଶୁତୋଷ ଦୀକ୍ଷିତଙ୍କ ସାମରିକ କ୍ୟାରିୟରରେ ୧୯୯୯ର କାର୍ଗିଲ ଯୁଦ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ପାକିସ୍ତାନ ବିରୋଧରେ ହୋଇଥିବା କାର୍ଗିଲ ଯୁଦ୍ଧ ସମୟରେ ସେ ନବମ ସ୍କ୍ୱାଡ୍ରନର କମାଣ୍ଡିଂ ଅଫିସର ଭାବେ ଦାୟିତ୍ୱ ତୁଲାଇଥିଲେ । ଯୁଦ୍ଧ ସମୟରେ ସେ ଫାଇଟର ଜେଟ୍ ମାଧ୍ୟମରେ ଶତ୍ରୁର ବଙ୍କର ଉପରେ ସଠିକ୍ ବୋମା ମାଡ଼ କରିଥିଲେ । କାର୍ଗିଲ ଯୁଦ୍ଧ ସମୟରେ ଭାରତୀୟ ବାୟୁସେନା 'ଅପରେସନ୍ ସଫେଦ ସାଗର' ଏବଂ 'ଅପରେସନ୍ ରକ୍ଷକ' ଭଳି ଅଭିଯାନ ଚଳାଇଥିଲା । ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତ ୧୯୮୬ରେ ଫାଇଟର ଷ୍ଟ୍ରିମ୍‌ରେ ଭାରତୀୟ ବାୟୁସେନାରେ କମିଶନ୍ ପାଇଥିଲେ । ସେ ନ୍ୟାସନାଲ ଡିଫେନ୍ସ ଏକାଡେମୀରେ ପ୍ରଶିକ୍ଷଣ ନେଇଥିଲେ । ଏହା ସହ ସେ ବାଂଲାଦେଶର ଡିଫେନ୍ସ ଷ୍ଟାଫ୍ ସର୍ଭିସେସ୍ କଲେଜ୍ ଏବଂ ନ୍ୟାସନାଲ ଡିଫେନ୍ସ କଲେଜ୍‌ର ମଧ୍ୟ ପୂର୍ବତନ ଛାତ୍ର । ଦୀର୍ଘ ସାମରିକ ଅଭିଜ୍ଞତା, ଫାଇଟର ପାଇଲଟ୍ ଭାବେ ଦକ୍ଷତା ଏବଂ କାର୍ଗିଲ ଯୁଦ୍ଧରେ ତାଙ୍କ ଭୂମିକାକୁ ଦୃଷ୍ଟିରେ ରଖି ଏବେ ଭାରତୀୟ ବାୟୁସେନାର ନେତୃତ୍ୱ ତାଙ୍କ ହାତରେ ରହିବ ।

## ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ବିଗୁଲ: ପ୍ରାର୍ଥୀ ଖୋଜୁଛନ୍ତି ସଂଗଠନ, କଂଗ୍ରେସର କ୍ୟୁଆର କୋଡ୍ ଅଭିଯାନ



ଭୁବନେଶ୍ୱର, ୦୬/୧୦ (ନି.ପ୍ର): ରାଜ୍ୟ ଉଚ୍ଚଶିକ୍ଷା କ୍ଷେତ୍ରରେ ଦୀର୍ଘ ୮ ବର୍ଷ ପରେ ଫେରିଛି ଛାତ୍ର ସଂସଦ ନିର୍ବାଚନର ରୋମାଞ୍ଚ । କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ଗୁଡ଼ିକରେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ଏବେ ଛାତ୍ର ରାଜନୀତି ସରଗରମ ହୋଇଉଠିଛି । ଆସନ୍ତା ୧୫ ତାରିଖରେ ମତଦାନ ହେବାକୁ ଥିବା ବେଳେ ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ କରାଯିବ । ହାତରେ ଆଉ ମାତ୍ର କିଛି ଘଣ୍ଟା ସମୟ ଥିବାରୁ ପ୍ରତ୍ୟେକ କ୍ୟାମ୍ପସ୍‌ରେ ଯୋଗ୍ୟ ଓ ଲୋକପ୍ରିୟ ଚେହେରା ଖୋଜି ପ୍ରାର୍ଥୀ ଚୂଡ଼ାନ୍ତ କରିବା ପାଇଁ ସବୁ ଛାତ୍ର ସଂଗଠନ ଦିନରାତି ଏକ କରିଦେଇଛନ୍ତି । ମଇଦାନକୁ ଓହ୍ଲାଇବା ପାଇଁ ପ୍ରମୁଖ ଛାତ୍ର ସଂଗଠନ ନିଜ ନିଜର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛନ୍ତି । ବର୍ଷସାରା ଛାତ୍ରଛାତ୍ରୀଙ୍କ ସମସ୍ୟା ପାଇଁ ଲଢ଼ି ଆସିଥିବାରୁ ନିର୍ବାଚନ ଜିତିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଦମ୍ଭୋକ୍ତି ପ୍ରକାଶ କରିଛି । ସେହିପରି ବିଜୁ ଛାତ୍ର ଜନତା ଦଳ ମଧ୍ୟ ନିଜ ଗଡ଼ ବଞ୍ଚାଇବାକୁ ବରିଷ୍ଠ ନେତା ଓ ଛାତ୍ର ପ୍ରତିନିଧିମାନଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଦାୟିତ୍ୱ ବାଣ୍ଟି ଦେଇଛି । ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଟି କ୍ୟାମ୍ପସ୍‌ରେ ଶକ୍ତିଶାଳୀ ପ୍ରାର୍ଥୀ ଛିଡ଼ା କରାଇବାକୁ ଯୋଜନା ଚାଲିଛି । ଅନ୍ୟପଟେ ଛାତ୍ର କଂଗ୍ରେସ ପ୍ରାର୍ଥୀ ଚୟନ ପାଇଁ ଏକ ସମ୍ପୂର୍ଣ୍ଣ ନିଆରା ତଥା ଡିଜିଟାଲ୍ ଉପାୟ ଆପଣାଇଛି । ସଂଗଠନ ପକ୍ଷରୁ ସ୍ୱତନ୍ତ୍ର ଛଜ କୋଡ୍ ଜାରି କରାଯାଇଛି, ଯାହା ମାଧ୍ୟମରେ କ୍ୟାମ୍ପସ୍‌ର ଆଶାୟୀ ଛାତ୍ରଛାତ୍ରୀମାନେ ସିଧାସଳଖ ଆବେଦନ

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାକୁ ପୂରିଲା ବର୍ଷେ : ପୁଣି ଅଡୁଆରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା



ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାକୁ ଆଜି ପୂରିଛି ଏକ ବର୍ଷ । ଏହାରି ଭିତରେ ପୁଣି ଅଡୁଆରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା । ସାକ୍ଷୀଙ୍କୁ ପ୍ରଲୋଭିତ କରିବା ଓ ଧମକ ଦେବା ଅଭିଯୋଗରେ ଗୋଷାଣୀ ନୂଆଗାଁ ଥାନା ପୁଲିସ ତାଙ୍କୁ ଦୀର୍ଘ ୩ ଘଣ୍ଟା ଧରି ଜେରା କରିଛି । ଥାନାରେ ପହଞ୍ଚି ପୁଲିସର ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିବା କହିଛନ୍ତି ବିକ୍ରମ । ୨୦୨୫ ମସିହା ଅକ୍ଟୋବର ୬ ତାରିଖ । ରାତି ପ୍ରାୟ ୧୦ଟା ସମୟରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯାଇଥିଲା । ଏହି ଘଟଣାରେ ପୁଲିସ ତଦନ୍ତ କରି ୧୬ ଜଣଙ୍କୁ ଗିରଫ କରିଥିଲା । ଗିରଫ ତାଲିକାରେ ପୂର୍ବତନ ବିଧାୟକ, ମେୟର ଓ କର୍ପୋରେଟରଙ୍କ ଭଳି ବ୍ୟକ୍ତି ମଧ୍ୟ ସାମିଲ ଥିଲେ । ଏହି ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଗତ ମାସରେ ଜାମିନ ପାଇଥିଲେ । ତେବେ ଜେଲରେ ଥିବା ସମୟରେ ସାକ୍ଷୀ ମଦନଙ୍କୁ ଧମକ ଦେବା ଓ ପ୍ରଲୋଭିତ କରିବା ଅଭିଯୋଗରେ ଗୋଷାଣୀ ନୂଆଗାଁ ଥାନାରେ ଆଉ ଏକ ମାମଲା ରୁଜୁ ହୋଇଥିଲା । ସେହି ମାମଲାରେ ଆଜି ବିକ୍ରମ ପଣ୍ଡାଙ୍କୁ ପୁଲିସ ପଚରାଉଚରା କରିଛି । ଆଜି ଦିନ ପ୍ରାୟ ୧୧ଟା ସମୟରେ ଗୋଷାଣୀ ନୂଆଗାଁ ଥାନାରେ ପହଞ୍ଚିଥିଲେ ବିକ୍ରମ ।

◆◆ପୃଷ୍ଠା ୭

## କ୍ରାଇମବ୍ରାଞ୍ଚର ତଦନ୍ତ ଉପରେ କୌଣସି ଚାପ ନାହିଁ: ଡିଜିପି

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ବାଲିଅନ୍ତା ସୌମ୍ୟ ମୃତ୍ୟୁ ମାମଲାରେ ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ । ଏ ନେଇ ସୂଚନା ଦେଇଛନ୍ତି ପୋଲିସ ଡିଜି ବିନୟତୋଷ ମିଶ୍ର । ସୌମ୍ୟଙ୍କ ବାପା ତାଙ୍କୁ ଭେଟିଥିବା କହିଛନ୍ତି ଡିଜିପି । କ୍ରାଇମବ୍ରାଞ୍ଚର ତଦନ୍ତ ଉପରେ କୌଣସି ଚାପ ନାହିଁ । ଦିନ ୧୦ଟାରେ ଘଟଣା ହୋଇଛି, ସମସ୍ତେ ଦେଖିଛନ୍ତି । ଯେଉଁଠି ଆବଶ୍ୟକ, ସେଇଠି ଲାଏ ଡିଟେକ୍ଟର ଟେଷ୍ଟ ହେବ । ପର୍ଯ୍ୟାପ୍ତ ପ୍ରମାଣ ଅଛି, ଆଉ ଲାଏ ଡିଟେକ୍ଟର ଟେଷ୍ଟର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି ।

## ବେତନଟି ଆର ଆଣ୍ଡ୍ ବି ସବ୍‌ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କୁ ଗିରଫ କଲା ଭିଜିଲାନ୍ସ

ବୈଶିଙ୍ଗା/ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଥିବା ବେତନଟି ଆର ଆଣ୍ଡ୍ ବି ସବ୍ ଡିଭିଜନର ଏକଜିକ୍ୟୁଟିଭ୍ ଇଂଜିନିୟର ଅରବିନ୍ଦ ମହାନ୍ତିଙ୍କୁ ଭିଜିଲାନ୍ସ ଗିରଫ କରିଛି । ଗତକାଲିଠାରୁ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଅରବିନ୍ଦଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ ଜାରି ରଖିଛି ଭିଜିଲାନ୍ସ । ଏହି ଚଢ଼ାଉ ସମୟରେ ଘରୁ ମିଳିଛି ନଗଦ ୧୦ଲକ୍ଷ ୫୭ ହଜାର ୫୦୦ ଟଙ୍କା । ଜମି କାଗଜପତ୍ର, ଲିଜ ଏଗ୍ରିମେଣ୍ଟ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଜବତ କରାଯାଇଛି । ଏହାଛଡ଼ା ୬୯.୬୯ ଲକ୍ଷ ଟଙ୍କାର ଜମା ଠାବ ହୋଇଛି । ଖାଲି ସେତିକି ନୁହେଁ, ତାଙ୍କର ୨୦ଟି ମୂଲ୍ୟବାନ୍ ପ୍ଲଟ୍ ବି ଥିବା ଜଣାଯାଇଛି । ଆଜି ସକାଳୁ ଖୋର୍ଦ୍ଧାଜିଲ୍ଲା ପାହାଳ ଥାନା ଅଧୀନ କାଞ୍ଚିଲୋ ଘରେ ଭିଜିଲାନ୍ସ ଚଢ଼ାଉ ଜାରିରହିଥିଲା । ଏହାପରେ ଅରବିନ୍ଦ ମହାନ୍ତିଙ୍କୁ ଗିରଫ କରିଛି ଓଡ଼ିଶା ଭିଜିଲାନ୍ସ ।

◆◆ପୃଷ୍ଠା ୭

## ଡିଜିପିଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଡିଜିପି ଶ୍ରୀ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା ଏସ୍‌ପି ଓ ରେଞ୍ଜ ଆଇଜି/ଡିଆଇଜିଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଛି । ବୈଠକରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ, ପର୍ବପର୍ବାଣୀ ସମୟରେ ଆଇନଶୃଙ୍ଖଳା, ମହିଳା ସୁରକ୍ଷା, ସାଇବର ଅପରାଧ, ଅପରାଧ ନିୟନ୍ତ୍ରଣ ଏବଂ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଡିଜିପି ବିସ୍ତୃତ ସମୀକ୍ଷା କରିଥିଲେ ।

## ଅନୁଷ୍ଠିତ ହେଲା ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ

### କୁଳପତିଙ୍କ ସମେତ ପାଞ୍ଚଜଣ ପ୍ରତିଭାଧରଙ୍କୁ ସମ୍ମାନ ପ୍ରଦାନ



ବାଲେଶ୍ୱର, ୦୬/୧୦ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ଡ. ରମାକାନ୍ତ ବେହେରାଙ୍କ ନାମରେ ପ୍ରତିଷ୍ଠିତ ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସହ ଡ. ବେହେରାଙ୍କ ୮୫ତମ ଜୟନ୍ତୀ ସମାରୋହ ଓ ପରିଷଦ ପକ୍ଷରୁ ପ୍ରଦତ୍ତ ବାର୍ଷିକ ସମ୍ମାନ ପ୍ରଦାନ ଉତ୍ସବ ଡ. ବେହେରାଙ୍କ ଜନ୍ମତିଥି ପାଞ୍ଚ ଅକ୍ଟୋବର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ସହରସ୍ଥ 'ସାଧାନାଳୟ' ଅଙ୍ଗାରଗଡ଼ିଆ ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହର ପ୍ରଥମ ଅଧିବେଶନରେ ସମବେତ କବିମାନଙ୍କର ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ନିରୂପମା ସେଠୀ ଏଥିରେ ସଭାପତିତ୍ୱ କରିଥିବାବେଳେ କବି କମଳିନୀ କାନ୍ତ ସଂଯୋଜନା କରିଥିଲେ । ଦ୍ୱିତୀୟ ଅଧିବେଶନ ଟ୍ରଷ୍ଟର ପ୍ରତିଷ୍ଠାତା ଡ. ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲାବେଳେ ଏଥିରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନନୀୟ କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ କହିଥିଲେ ଡ. ବେହେରାଙ୍କ ଦୀର୍ଘ ପ୍ରାୟ ୭୦ବର୍ଷର ସାହିତ୍ୟ ସାଧନାରେ ଯେଉଁ କାଳଜୟୀ ସୃଷ୍ଟି ସମୂହ ଓଡ଼ିଆ ବାଣୀଭଣ୍ଡାରକୁ ଉପହାର ଦେଇଛନ୍ତି ସେଥିପାଇଁ ସେ ସମସ୍ତଙ୍କ ମଧ୍ୟରେ ସବୁଦିନ ସ୍ମରଣରେ ରହିବେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷକ ଡ. ଅରବିନ୍ଦ ଗିରି ଓ ସମ୍ମାନିତ ଅତିଥି ଭାବେ ଧ୍ୱନିପ୍ରତିଧ୍ୱନିର କାର୍ଯ୍ୟନିର୍ବାହୀ ସଂପାଦକ ଔପନ୍ୟାସିକ ସୃଷ୍ଟିଧର ପରିଡ଼ା ଯୋଗଦେଇ ଡ. ବେହେରାଙ୍କ ବହୁବିଧ ସାହିତ୍ୟ ସମ୍ଭାରର ଆଲୋକପାତ କରିଥିଲେ । ଟ୍ରଷ୍ଟର ସଂପାଦକ ଡ. କାଳୀପଦ ପଣ୍ଡା ବାର୍ଷିକ ବିବରଣୀ ପାଠ ସହ ◆◆ପୃଷ୍ଠା ୭

## ଟ୍ରେଲର୍ ସହ ପିଟିହେଲା ଏସ୍‌ୟୁଭି : ୭ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୦୬/୧୦ : ଗୁଜରାଟର ଭାବନଗର ଜିଲ୍ଲାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ରାଜପଥ କଡରେ ପାର୍କିଂ ହୋଇଥିବା ଏକ ଟ୍ରେଲର୍ ଟ୍ରକ୍ ପଛରେ ଏକ ଦ୍ରୁତଗାମୀ ଏସୟୁଭି (ବୋଲେରୋ) ପିଟିହେବା ଯୋଗୁଁ ୭ ଜଣଙ୍କର ମୃତ୍ୟୁ ଘଟିଛି ବୋଲି ପୁଲିସ ସୂଚନା ଦେଇଛି । ଜିଲ୍ଲା ଏସ୍‌ପି ନୀତେଶ ପାଣ୍ଡେ ଜଣାଇଛନ୍ତି ଯେ, ମୃତକମାନେ ସମସ୍ତେ ଭାବନଗରରୁ ଆଲାଙ୍ଗ ଅଞ୍ଚଳକୁ ଯାଉଥିଲେ, ଯେଉଁଠାରେ ସେମାନେ ଏକ ସିପ୍‌ୟାର୍ଡରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ପୁଲିସର ସୂଚନା ଅନୁଯାୟୀ, ଭାବନଗର-ସୋମନାଥ ଜାତୀୟ ରାଜପଥର ତଲାଜା ତାଲୁକ ଅଧୀନରେ ଥିବା ତ୍ରାପଜ ଗ୍ରାମ ନିକଟସ୍ଥ ସର୍ଭିସ୍ ରୋଡ୍‌ରେ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି । ଟ୍ରେଲର ସହ ପ୍ରଚଣ୍ଡ ଧକ୍କା ଯୋଗୁଁ ଘଟଣାସ୍ଥଳରେ ହିଁ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ବ୍ୟକ୍ତି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି । ଘଟଣାର ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି ଯେ, ଏହି ମୁହାଁମୁହିଁ ଧକ୍କାର ପ୍ରଭାବ ଏତେ ଭୟଙ୍କର ଥିଲା ଯେ ସ୍ଥିର ଠିଆ ହୋଇଥିବା ଟ୍ରେଲରଟି ମଧ୍ୟ ଆଗକୁ ଠେଲି ହୋଇ ଚାଲିଯାଇଥିଲା ।

# ଲିପିକା ପ୍ରକାଶନ ଦ୍ୱାରା ପ୍ରକାଶିତ ଡକ୍ଟର ଶ୍ରୀମତୀ ବିଜୟା ପାତ୍ର(ସ୍ୱାଇଁ)ଙ୍କ ଦଶମ ମୁଦ୍ରିତ ପୁସ୍ତକ ତଥା ଦ୍ୱିତୀୟ ଗଳ୍ପ ସଂକଳନ 'କିଛି ଲୁହ ପିଇ ଯାଏ ୦୦' ଉନ୍ମୋଚିତ



ଭୁବନେଶ୍ୱର:୫/୧୦: ବିଶିଷ୍ଟ ସାହିତ୍ୟିକା, କବି ତଥା ଅବସପ୍ରାପ୍ତ ବରିଷ୍ଠ ପ୍ରଶାସିକା ଡକ୍ଟର ଶ୍ରୀମତୀ ବିଜୟା ପାତ୍ର(ସ୍ୱାଇଁ)ଙ୍କ ଦଶମ ମୁଦ୍ରିତ ପୁସ୍ତକ ତଥା ଦ୍ୱିତୀୟ ଗଳ୍ପ ସଂକଳନ' ଈକିଛି ଲୁହ ପିଇ ଯାଏ ୦୦ ସୋମବାର ଉନ୍ମୋଚିତ ହୋଇଯାଇଛି । ଓଡ଼ିଶା କୃଷି ଓ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଡିନ୍ ପ୍ରଫେସର ହୃଷୀକେଶ ସେନାପତି ପୁରୁଣା ଭୁବନେଶ୍ୱର ସ୍ଥିତ କେଦାରନାଥ ଗବେଷଣା କେନ୍ଦ୍ର ଠାରେ କିଛି ଲୁହ ପିଇଯାଏ ୦୦ ଗଳ୍ପ ସଙ୍କଳନର ଲୋକାର୍ପଣ କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ପ୍ରାକ୍ତନ ଭାରତୀୟ ପ୍ରସାଶନିକ ସେବା ଅଧିକାରୀ ଡକ୍ଟର ନିରଞ୍ଜନ ସାହୁ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗୋଦେଇ ଗଳ୍ପ ସଂକଳନର ବିଭିନ୍ନ ଦିଗଉପରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଶିଷ୍ଟ ସାହିତ୍ୟିକା, ଅଧ୍ୟାପିକା ଡକ୍ଟର ବାସନ୍ତୀ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗୋଦେଇଥିବା ବେଳେ କେଦାରନାଥ ଗବେଷଣା ପ୍ରତିଷ୍ଠାନର ସମ୍ପାଦକ ଡ଼କ୍ଟର ରମେଶ ଚନ୍ଦ୍ର ପାଣି ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଗଳ୍ପ ସଙ୍କଳନର ବିଭିନ୍ନ ଗଳ୍ପ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶିକ୍ଷା ବିଭାଗର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ ସାମ୍ପ୍ରତିକ ସମୟରେ ଗଳ୍ପ ଓ କବିତାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି କବି ବିମଳା ସିଂହ ଏବଂ ବିଶିଷ୍ଟ ଅତିଥି ଡ଼କ୍ଟର ଜେନାମଣି ସଞ୍ଜୀବ କୁମାର ସାମ୍ପ୍ରତିକ ସମାଜ ଓ ସାହିତ୍ୟ ଏବଂ ଗାଳ୍ପିକ,କବି, ଲେଖକ ଏବଂ ସାହିତ୍ୟିକ ମାନଙ୍କର ଭୂମିକା ସଂପର୍କରେ ଆଲୋଚନା କରିଥିଲେ। ଗଳ୍ପ ସଙ୍କଳନର ଲେଖିକା ତଥା ଶିକ୍ଷା ବିଭାଗର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ଡ଼କ୍ଟର ବିଜୟା ପାତ୍ର(ସ୍ୱାଇଁ) ଏହି ଅବସରରେ ଗଳ୍ପ ସଙ୍କଳନର ଗପ ଗୁଡ଼ିକ ପଛରେ ରହିଥିବା ଚିତ୍ର ଓ ଚରିତ୍ର ଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ତାଙ୍କର ପୂର୍ବ ପ୍ରକାଶିତ ପୁସ୍ତକଗୁଡ଼ିକ ପ୍ରତି ପାଠିକା ଓ ପାଠକ ମାନଙ୍କ ଅହେତୁକ ଭଲପାଇବା ଏବଂ ବିଶିଷ୍ଟ ସାହିତ୍ୟିକା ଓ ସାହିତ୍ୟିକ ମାନଙ୍କର ପ୍ରେରଣା ତାଙ୍କୁ ଏହି ଦ୍ୱିତୀୟ ଗଳ୍ପ ସଂକଳନ ପ୍ରକାଶ କରିବା ପାଇଁ ଉତ୍ସାହିତ କରିଛି ବୋଲି କହିଥିଲେ। କାବ୍ୟଲୋକର ପ୍ରକାଶକ କବି ଭିକାରୀ ଧଳ ଲୋକାର୍ପଣ ଉତ୍ସବରେ ସଭା ମୁଖ୍ୟ ଦାୟୀତ୍ୱ ନିର୍ବାହ କରିଥିଲେ। ବିଶିଷ୍ଟ କଣ୍ଠ ଶିଳ୍ପୀ ଡ. ପ୍ରଭାବତୀ ପଢ଼ିଆରୀ କାର୍ଯକ୍ରମର ପ୍ରାରମ୍ଭିକ ଓ ସମାପନି ସଙ୍ଗୀତ ଗାନ କରିଥିଲେ। ଶେଷରେ ଡ଼କ୍ଟର ନଳୀନ କୁମାର ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର,୦୬/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୪୩୧ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୩୮୦ ଗୋଟି ବ୍ୟକ୍ତିଗତ ଏବଂ ୫ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୪୬ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୭୨ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବାଲେଶ୍ୱର ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସ, ବାଲେଶ୍ୱର କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶ୍ରୀଯୁକ୍ତ ଶିରୀୟାଲ ଶୁଭ୍ର ପଟେଲ, ସଦର ବିଡିଓ ଶ୍ରୀଯୁକ୍ତ ଉତ୍ତମ କୁମାର ଜେନା, ସଦର ତହସିଲଦାର ଶ୍ରୀଯୁକ୍ତ ଅନିଲ କୁମାର ମହାନ୍ତିଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁରରେ ଯୋଗଦେଲେ ନୂତନ ଜିଲ୍ଲାପାଳ

ସୁବର୍ଣ୍ଣପୁର,୦୬/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ନୂତନ ଜିଲ୍ଲାପାଳ ଭାବେ ଶ୍ରୀ ଦେବାଶିଷ ସିଂହ ଭାରତୀୟ ପ୍ରାଶାସନିକ ସେବା (ଆଇଏଏସ) ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କୁ ଦର୍ଶନ କରି ଜିଲ୍ଲାପାଳ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କଲେ । ପରେ ପ୍ରଥମେ ସୋନପୁର ବ୍ଲକ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇ ଗାଁର ସଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଶିବିରରେ ୫୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ସହ ୩ ଗୋଟି ସାଧାରଣ ଅଭିଯୋଗ ଉପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ସେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ଯେ ଜିଲ୍ଲାର ମୌଳିକ ସମସ୍ୟା ର ସମାଧାନ ଓ ସରକାରଙ୍କ କଲ୍ୟାଣ କାରୀ ଯୋଜନା ସଫଳ ଦିଗରେ ପୁରା ଟିମକୁ ନେଇ କାମ କରିବୁ ବୋଲି କହିଥିଲେ । ବିଶେଷ କରି ଶିକ୍ଷା ସ୍ୱାସ୍ଥ୍ୟ କୃଷି ଜଳ ସେଚନ ଓ ପର୍ଯ୍ୟଟନର ବିକାଶ ଦିଗରେ ପ୍ରଥମେ ଗୁରୁତ୍ୱ ଦେବୁ ବୋଲି ସାମ୍ବାଦିକ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସିଂ କହିଥିଲେ। ଅସମ୍ପୂର୍ଣ୍ଣ ରିଙ୍ଗ ରୋଡ଼ କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବାକୁ ଓ ଅସଜଡ଼ା ସ୍ୱାସ୍ଥ୍ୟ ବିଭାଗକୁ ସଜାଡ଼ିବାକୁ ଓ ପୌର ପରିଷଦ ମନ୍ଥର କାର୍ଯ୍ୟ ସବୁକୁ ତ୍ୱରାନ୍ୱିତ କରିବା ସହ ଗଚ୍ଛିତ ଅନୁଦାନର ସଦ ବିନିଯୋଗ କରିବାକୁ ତୁରନ୍ତ ପଦକ୍ଷେ ନେବି ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ସମସ୍ତଙ୍କ ସହଯୋଗ ଓ ପରାମର୍ଶ ଜରୁରୀ ବୋଲି କହିଥିଲେ ।

# ସଡ଼କ ସୁରକ୍ଷା ସଚେତନତା ଅଭିଯାନ: ସଡ଼କ ନିୟମ ପାଳନ ପାଇଁ ଛାତ୍ରଛାତ୍ରୀଙ୍କ ସଚେତନତା ଶୋଭାଯାତ୍ରା

ମାଲକାନଗିରି ,୦୬/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲିସ୍ଥିତ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ପରିସରରେ ଆରଟିଓଙ୍କ ପକ୍ଷରୁ 'ସେବା ସଂକଳ୍ପ ଅଭିଯାନ'ରବିବାର ଅନୁଷ୍ଠିତ ହୋଇଯାଇଛି । ଆଂଚଳିକ ପରିବହନ ଅଧିକାରୀ ସାଇକ ଇନୁସଙ୍କ ଅଧକ୍ଷତାରେ ଆୟୋଜିତ ଏହି ଅଭିଯାନରେ ମହାବିଦ୍ୟାଳୟର ଅଧକ୍ଷ ଅଭୟ କୁମାର ପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ମାଥିଲି ଥାନା ପକ୍ଷରୁ ଉପନିରୀକ୍ଷକ ମନୋରଞ୍ଜନ ପ୍ରଧାନ, ପଦ୍ମନ ପୂଜାରୀ, ହାବିଲଦାର ବୁଲୁ ମହାନ୍ତି, ଆଗସ୍ତି ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ଏଥିସହ ରାକେଶ ପଣ୍ଡା ଓ ଅନିଲ ମଧ୍ୟ ଉପସ୍ଥିତ ଥିଲେ।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ନିୟମ ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା। ଦୁଇଚକିଆ ଯାନ ଚଳାଇବା ସମୟରେ ଅନିବାର୍ଯ୍ୟ ଭାବେ ହେଲମେଟ୍ ପିନ୍ଧିବା ଏବଂ ଚାରିଚକିଆ ଯାନରେ ଯାତ୍ରା କରିବା ବେଳେ ସିଟ୍ ବେଲ୍ଟ ବ୍ୟବହାର କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଏହାପରେ ମହାବିଦ୍ୟାଳୟ ପରିସରରୁ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ବାହାରି ଗୋବିନ୍ଦପାଲି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦେଇ ଗାଡ଼ି ଚାଳକ ଓ ସାଧାରଣ ଲୋକଙ୍କୁ ଟ୍ରାଫିକ୍ ନିୟମ ପାଳନ ପାଇଁ ଆହ୍ୱାନ କରିଥିଲେ। ଛାତ୍ରଛାତ୍ରୀମାନେ "ଗତି ସୀମା ମାନନ୍ତୁ", "ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ବ୍ୟବହାର କରନ୍ତୁ ନାହିଁ", "ମଦ୍ୟପାନ କରି ଗାଡ଼ି ଚଳାନ୍ତୁ ନାହିଁ", "ବାମ ପାର୍ଶ୍ୱରେ ଚାଳନା କରନ୍ତୁ", "ଟ୍ରାଫିକ୍ ନିୟମ ମାନନ୍ତୁ", "ପଥଚାରୀଙ୍କୁ ସୁରକ୍ଷା ଦିଅନ୍ତୁ", "ହେଲମେଟ୍ ଓ ସିଟ୍ ବେଲ୍ଟ ବ୍ୟବହାର କରନ୍ତୁ" ଭଳି ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦେଇଥିଲେ।

ସଡ଼କ ଦୁର୍ଘଟଣା ହ୍ରାସ କରିବା ସହ ପ୍ରତ୍ୟେକ ନାଗରିକଙ୍କ ଜୀବନ ସୁରକ୍ଷା ପାଇଁ ଟ୍ରାଫିକ୍ ନିୟମର କଡ଼ାକଡ଼ି ପାଳନ ଆବଶ୍ୟକ ବୋଲି ଏହି ଅଭିଯାନ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ଏଭଳି ସଚେତନତାମୂଳକ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ।

# ଅକ୍ଟୋବର ୮ରେ କଂଗ୍ରେସ ଓ ଇଣ୍ଡି ମେଂଟର ଓଡ଼ିଶା ବନ୍ଦ ଡାକରା ଖଣି ଆଇନ ସଂଶୋଧନ ପ୍ରତ୍ୟାହାର: ସିଇସିଙ୍କ ବହିଷ୍କାର ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

ଜୟପୁର,୦୬/୧୦ (ନି.ପ୍ର): ଆସନ୍ତା ଅକ୍ଟୋବର ୮ ତାରିଖରେ ରାଜ୍ୟବ୍ୟାପୀ କଂଗ୍ରେସ ଓ 'ଇଣ୍ଡି' ମେଂଟ ପକ୍ଷରୁ 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ଜୟପୁର ସ୍ଥିତ ଜିଲ୍ଲା କଂଗ୍ରେସ ଭବନ ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ରବିବାର କଂଗ୍ରେସ କମିଟି ଏବଂ ସିପିଆଇ ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୮ ତାରିଖ ରେ ସକାଳ ୬ଟାରୁ ସଂଧ୍ୟା ୬ ଯାଏଁ ଚକ ଅଖ ଦୋକାନ ବଜାର ବନ୍ଦ ରହିବ । ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ସଭାପତିତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ ଯେ, କେନ୍ଦ୍ରର ଭାଜପା ସରକାର ସଂସଦରେ ଏମଏମଡିଆର ସଂଶୋଧିତ ଆଇନ ବେଆଇନ ଭାବେ ପାରିତ କରି ରାଜ୍ୟର ଅଧିକାରକୁ ଛଡ଼ାଇ ନେବାକୁ ଚେଷ୍ଟା କରୁଛନ୍ତି। ଆଦାନୀ ଓ ବେଦାନ୍ତ ଭଳି କର୍ପୋରେଟ ସଂସ୍ଥାଙ୍କ ସ୍ୱାର୍ଥ ସାଧନ ପାଇଁ ଆଦିବାସୀଙ୍କ ଭିଟାମାଟି ବିକ୍ରି କରିବାକୁ ଯୋଜନା ଚାଲିଛି। କୋରାପୁଟ ଜିଲ୍ଲାର ପ୍ରାକୃତିକ ସମ୍ପତି ଓ ମାଟିକୁ କୌଣସି ପରିସ୍ଥିତିରେ ବିକ୍ରି ହେବାକୁ ଦିଆଯିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ଏହାସହ ନିର୍ବାଚନ ଆୟୋଗଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବହିଷ୍କାର ଓ ଗିରଫଦାରୀ, ଭୋଟର ତାଲିକାରୁ ମନମୁଖୀ ଭାବେ କଂଗ୍ରେସ ଓ ବିରୋଧୀ ସମର୍ଥକଙ୍କ ନାମ କାଟିବା ବିରୋଧରେ କାର୍ଯ୍ୟାନୁଷ୍ଠାନ, ବିଦ୍ୟାଳୟ ପାଠ୍ୟପୁସ୍ତକରେ ତ୍ରୁଟି ଓ ଶିକ୍ଷା ବିଭାଗର ବିପର୍ଯ୍ୟସ୍ତ ବ୍ୟବସ୍ଥା ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ରାଜ୍ୟରେ ସାମ୍ପ୍ରତିକ ବନ୍ୟା ବିପତିରେ ସରକାରଙ୍କ ଉଦାସୀନତାକୁ ଦଳ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏହା ସହ ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ଥାନୀୟ ଯୁବକଯୁବତୀଙ୍କ ନିଯୁକ୍ତି ଅଧିକାରକୁ ଛଡ଼ାଇ ନିଆଯାଉଛି । ଯଦି ସରକାର ସ୍ଥାନୀୟ ପିଲାଙ୍କ ନିଯୁକ୍ତି ପ୍ରତି ନ୍ୟାୟ ନ ଦିଅନ୍ତି, ତେବେ ଆଗାମୀ ଦିନରେ ଅବିଭକ୍ତ କୋରାପୁଟ ଜିଲ୍ଲାକୁ ସମ୍ପୂର୍ଣ୍ଣ ଅଚଳ କରି ଦିଆଯିବ ବୋଲି ଉପସ୍ଥିତ ନେତା ମାନେ ଚେତାବନୀ ଦେଇଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ବରିଷ୍ଠ ନେତା ବିନୋଦ ମହାପାତ୍ର, ପିସିସି ସମ୍ପାଦକ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ଦୁର୍ଗା ପଣ୍ଡା, ପୂର୍ବତନ ବିଧାୟକ ନିମାଇଁ ସରକାର, ପିସିସି ସାଧାରଣ ସମ୍ପାଦକ କୃଷ୍ଣ କୁଲଦୀପ, ପିସିସି ସମ୍ପାଦକ ଦୁର୍ଗା ଶର୍ମା, ଜୟପୁର ବ୍ଲକ ସଭାପତି ବସନ୍ତ ନାୟକ, ବୋରିଗୁମ୍ମା ବ୍ଲକ ସଭାପତି ଅଶୋକ ପଟ୍ଟନାୟକ, ଓବିସି ସେଲ୍ ଅଧକ୍ଷ ନିହାର ରଞ୍ଜନ ବିଶୋଇ, ଡିସିସି ଉପସଭାପତି ସୂର୍ଯ୍ୟ ପଟ୍ଟନାୟକ, ସାଂସଦ ପ୍ରତିନିଧି ହସନ ମଦାନୀ, ରାମ ନାୟକ, ପ୍ରଣବ କିଶୋର ନାୟକ, ସୁରଜିତ ରାଉତରାୟ ଏବଂ ଛାତ୍ର କଂଗ୍ରେସର ପ୍ରଣୟ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମେଂଟ ତରଫରୁ ସିପିଆଇ ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ ଏବଂ ବରିଷ୍ଠ ସିପିଆଇ ନେତା ସତ୍ୟବ୍ରତ ନନ୍ଦ ମଧ୍ୟ ଉପସ୍ଥିତ ରହି ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରିଥିଲେ।

## 'ସେବା ସଂକଳ୍ପ ଅଭିଯାନ' ଅବସରରେ ସାଂସଦଙ୍କ ଭିଡିଓ ବାର୍ତ୍ତା

# 'ସ୍ୱଚ୍ଛତା'କୁ ଜନଆନ୍ଦୋଳନରେ ପରିଣତ କରିବା: ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର,୦୬/୧୦ (ନି.ପ୍ର): ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ସ୍ୱଚ୍ଛତା ଓ ପବିତ୍ରତାକୁ ସବୁବେଳେ ପ୍ରଥମ ସ୍ଥାନ ଦିଆଯାଇଛି। ସ୍ୱଚ୍ଛତା କେବଳ ଘରର ଚାରିକାନ୍ଥ ଭିତରେ ସୀମିତ ନୁହେଁ, ଏହା ଆମ ଜୀବନଶୈଳୀ, ଆମର ସଂସ୍କାର ଏବଂ ଆମର ଚରିତ୍ର। 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ଆସନ୍ତା ଅକ୍ଟୋବର ୧୦ ତାରିଖ ସକାଳେ ସାରା ସମ୍ବଲପୁର ଜିଲ୍ଲାରେ ଆୟୋଜିତ ହେବାକୁ ଯାଉଥିବା ବ୍ୟାପକ ସ୍ୱଚ୍ଛତା ଅଭିଯାନରେ ଜିଲ୍ଲାର ପ୍ରତ୍ୟେକ ନାଗରିକ ସାମିଲ ହେବା ପାଇଁ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ନିବେଦନ କରିଛନ୍ତି। ସମ୍ବଲପୁରବାସୀଙ୍କୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆମର 'ଲକ୍ଷ୍ମୀ ପୁରାଣ'ରେ ସ୍ପଷ୍ଟ କୁହାଯାଇଛି ଯେଉଁଠି ସ୍ୱଚ୍ଛତା ଥାଏ, ସେହିଠାରେ ହିଁ ମା' ଲକ୍ଷ୍ମୀ ବାସ କରନ୍ତି। ଆମର ପ୍ରତ୍ୟେକ ପର୍ବପର୍ବାଣୀରେ ଆମେ ପ୍ରଥମେ ନିଜ ଘର ଓ ଆଖପାଖକୁ ସଫା-ସୁତୁରା କରିଥାଉ, କାରଣ ସ୍ୱଚ୍ଛତା ଓ ପବିତ୍ରତା ନଥିଲେ କୌଣସି ପୂଜା ବା ଆରାଧନା ଅସମ୍ପୂର୍ଣ୍ଣ ରହିଯାଏ । ଏହା କେବଳ ଏକ ସାଧାରଣ କାମ ନୁହେଁ, ବରଂ ଆମ ପୂର୍ବପୁରୁଷମାନଙ୍କ ଦ୍ୱାରା ଦିଆଯାଇଥିବା ଏକ ଆଧ୍ୟାତ୍ମିକ ଓ ସାମାଜିକ ଦାୟିତ୍ୱ। ସେହିପରି, ପୂଜ୍ୟ ବାପୁ (ମହାତ୍ମା ଗାନ୍ଧୀ) ସ୍ୱଚ୍ଛତାକୁ କେବଳ ବ୍ୟକ୍ତିଗତ ଅଭ୍ୟାସ ନୁହେଁ, ବରଂ ସୁସ୍ଥ ସମାଜ ଓ ଉତ୍ତମ ଜୀବନର ମୂଳ ଆଧାର ଭାବେ ଦେଖୁଥିଲେ ଏବଂ ନିଜେ ସଫେଇ କାର୍ଯ୍ୟରେ ସାମିଲ ହୋଇ ସାରା ଦେଶକୁ ସ୍ୱଚ୍ଛତାର ଆଦର୍ଶ ଶିଖାଇଥିଲେ। ଦେଶର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ସବୁବେଳେ କହିଛନ୍ତି - 'ସ୍ୱଚ୍ଛତା ହିଁ ସେବା'। ଯେତେବେଳେ ଆମେ ନିଜ ପରିବେଶକୁ ସ୍ୱଚ୍ଛ ରଖୁ, ସେତେବେଳେ ଆମେ ସମାଜର, ଦେଶର ଏବଂ ଆମ ଭବିଷ୍ୟତ ପିଢ଼ିର ସେବା କରୁ। ଶ୍ରୀ ପ୍ରଧାନ ଦୋହରାଇଛନ୍ତି ଯେ, ସମ୍ବଲପୁର ହେଉଛି ମା' ସମଲେଶ୍ୱରୀଙ୍କ ପବିତ୍ର କ୍ଷେତ୍ର, ବୀର ସୁରେନ୍ଦ୍ର ସାଏଙ୍କ ମାଟି ଏବଂ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସାଧନା ପୀଠ। ଏହା ଆମ ସାହିତ୍ୟ, ସଂସ୍କୃତି, କଳା ଏବଂ ସଂସ୍କାରର ପ୍ରାଣକେନ୍ଦ୍ର। ଏହି ପବିତ୍ର ମାଟିକୁ ସ୍ୱଚ୍ଛ, ସୁନ୍ଦର, ଆବର୍ଜନାମୁକ୍ତ ଏବଂ ସୁସ୍ଥ ରଖିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ।

ଏହି ଆଧ୍ୟାତ୍ମିକ ଓ ସାମାଜିକ ଚିନ୍ତାଧାରାକୁ ଆଗେଇ ନେବା ପାଇଁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ଯେ, ସମ୍ବଲପୁରର ପ୍ରତ୍ୟେକ ନାଗରିକ, ଯୁବ ସାଥୀ, ମା' ଓ ଭଉଣୀ, ଜନପ୍ରତିନିଧି ଏବଂ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ନିଜ ଗାଁ, ପଡ଼ା, ୱାର୍ଡ, ଅଞ୍ଚଳ ଓ ସାଧାରଣ ସ୍ଥାନଗୁଡ଼ିକୁ ସଫା କରିବାରେ ନିଜର ଯୋଗଦାନ ଦିଅନ୍ତୁ। ସମସ୍ତେ ମିଶି ସ୍ୱଚ୍ଛତାକୁ ଏକ ଜନ-ଆନ୍ଦୋଳନରେ ପରିଣତ କରି ସମ୍ବଲପୁରକୁ ଏକ ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ଜିଲ୍ଲାରେ ପରିଣତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# ପ୍ରାଇଡ ମିସ୍ ଇଣ୍ଡିଆ ମୁକୁଟରେ ଭଦ୍ରକର ଶ୍ରେୟା ଶିବଦର୍ଶିନୀ

ଭଦ୍ରକ,୦୬/୧୦ (ନି.ପ୍ର): ଦିଲ୍ଲୀର ତାଜ୍ ଭିଭାନ୍ତ ହୋଟେଲ୍ ଠାରେ ପ୍ରାଇଡ ମିସ୍ ଇଣ୍ଡିଆ ପ୍ରତିଯୋଗିତା ଦୁଇ ଦୁନ ଧରି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ସାହାଡାଗଡିଆ ଗ୍ରାମର ଶ୍ରେୟା ଶିବଦର୍ଶିନୀ ପଣ୍ଡା ୱିନର ହୋଇ ପ୍ରାଇଡ ମିସ୍ ଇଣ୍ଡିଆ-୨୦୨୬ ମୁକୁଟରେ ଓଡିଶାର ଗୌରବ ବୃଦ୍ଧି କରିଛନ୍ତି । ସେ ପିତା ଡାକ୍ତର ତ୍ରିନାଥ ପଣ୍ଡା ଓ ମାତା ମିନତୀ ପଣ୍ଡାଙ୍କ ଏକମାତ୍ର କନ୍ୟା ଅଟନ୍ତି । ଏବେ ସେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜର ଦ୍ୱିତିୟ ବର୍ଷର ଛାତ୍ରୀ ଅଟନ୍ତି। ଦିଲ୍ଲୀରେ ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୧୨୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ୪ ଗୋଟି ପର୍ଯ୍ୟାୟରେ ପ୍ରତିଯୋଗିତା କରାଯାଇଥିଲା। ଶେଷରେ ଗ୍ରାଣ୍ଡ ଫାଇନାଲ୍ ରେ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଶ୍ରେୟା ଶିବଦର୍ଶିନୀଙ୍କୁ ବିଜେତା ଘୋଷଣା କରାଯାଇଥିଲା । ଦୂରଦର୍ଶନ ଓ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ଅମନ ବର୍ମା ବିଜୟ ମୁକୁଟ ପନ୍ଧାଇଥିଲେ। ଉପହାର ସ୍ୱରୂପ ମୁକୁଟ, ମେଡାଲ୍,ଉତରୀୟ ପ୍ରଦାନ କରାଯାଇଥିଲା। ଏହି ମର୍ଯ୍ୟଦା ଜନକ ସମ୍ମାନ ପାଇବାରେ ଶ୍ରେୟା ଶିବଦର୍ଶିନୀ ଓଡିଶାର ପ୍ରଥମ ପ୍ରତିଯୋଗୀ ଅଟନ୍ତି । ପ୍ରକାଶଯେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ବେଳେ ଶ୍ରେୟା ଶିବଦର୍ଶିନୀ ପାଠପଢା ସାଙ୍ଗକୁ, ବକ୍ତୃତା, ରଚନା ଲେଖନୀ, ଚିତ୍ରକଳାରେ ପ୍ରଥମ ସ୍ଥାନ ଅଧିକାର କରି ନିଜର ପ୍ରତିଭା ପରାକାଷ୍ଠା ଦେଖାଇ ଆସିଛନ୍ତି । ଓଡିଶା ଓ ଛତିଶଗଡର ମିଳିତ ଆୟୋଜନରେ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ପ୍ରମାଣପତ୍ର ଓ ଅର୍ଥରାଶି ପାଇବା ପରେ ତାଙ୍କର ଉତ୍ସାହ ଦ୍ୱିଗୁଣିତ ହୋଇଥିଲା । ଜଣେ ଓଡିଶୀ ଓ ସମ୍ବଲପୁରୀ ନୃତ୍ୟଶିଳ୍ପୀ ଭାବେ ନେପାଳରେ ସମ୍ମାନିତ ହୋଇଥିବା ବେଳେ ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଭାଷଣର ଓଡିଆ ଅନୁବାଦରେ ଭୁବନେଶ୍ୱରର ମଦର ପବ୍ଲିକ ସ୍କୁଲରେ ବକ୍ତୃତା ଦେଇ ଓଡିଶାର ପ୍ରାକ୍ତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଠାରୁ ପୁରସ୍କୃତ ହୋଇ ସାରିଛନ୍ତି । ଆଗକୁ ସର୍ବଭାରତୀୟ ସ୍ତରରେ ମେଡିକାଲ ପାଠ ସମାପ୍ତ ପରେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ଲୋକମାନଙ୍କ ସେବା କରିବାର ଲକ୍ଷ୍ୟ ରଖି ଥିବା କଥା କହିଛନ୍ତି ଶ୍ରେୟା ଶିବଦର୍ଶିନୀ ।

# ସ୍ୱଚ୍ଛତା ହିଁ ସେବା ଅଭିଯାନ ଅଧୀନରେ ସେଲ୍ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଅନୁଷ୍ଠିତ ସ୍ୱଚ୍ଛତା କାର୍ଯ୍ୟକ୍ରମର ଶୃଙ୍ଖଳା




ରାଉରକେଲା,୦୬/୧୦ (ନି.ପ୍ର): ଚାଲୁରହିଥିବା ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନର ଅଂଶସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନା ର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା, ଆରୋଗ୍ୟ ଏବଂ ସାମୂହିକ ଦାୟିତ୍ୱର ସନ୍ଦେଶକୁ ଦୃଢ଼ୀଭୂତ କରି କେତେକ ସଫେଇ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୨ ତାରିଖ ଦିନ ରାଉରକେଲା ସ୍ଥିତ ଇସ୍ପାତ ଜେନେରାଲ ହସ୍ପିଟାଲ ରେ ହସ୍ପିଟାଲ ପରିସର ସମେତ ସଂଲଗ୍ନ/ବାହାର ଅଞ୍ଚଳକୁ ଅନ୍ତର୍ଭୁକ୍ତ କରି ଏକ ବ୍ୟାପକ ସଫେଇ ଅଭିଯାନ ଆୟୋଜିତ ହୋଇଥିଲା। ସିଏମ୍ଓ ଆଇ/ସି, (ଏମ ଆଣ୍ଡ ଏଚ ଏସ) ଡଃ ଜେ. କେ. ଆଚାର୍ଯ୍ୟ ଏବଂ ଅନ୍ୟାନ୍ୟ ବରିଷ୍ଠ ଡାକ୍ତରୀ ଅଫିସରମାନଙ୍କ ଉପସ୍ଥିତିରେ ସ୍ୱଚ୍ଛତା ଶପଥ ପାଠ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମସ୍ତ ପ୍ରତିଯୋଗୀ ଆଇ.ଜି.ଏଚ ପରିସର ମଧ୍ୟରେ ଏବଂ ଆଖପାଖ ଅଞ୍ଚଳରେ ଏକ ସାମୂହିକ ସଫେଇ ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକ ଆବର୍ଜନା ଏବଂ ଅନାବଶ୍ୟକ ବର୍ଜ୍ୟବସ୍ତୁ ସଫା କରିବା, ସାଧାରଣ ପରିଷ୍କାର ପରିଚ୍ଛନ୍ନତାରେ ସୁଧାର ଆଣିବା ଏବଂ ଏକ ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ସ୍ୱାସ୍ଥ୍ୟସେବା ପରିବେଶ ବଜାୟ ରଖିବାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥିଲା। ଟାଉନସିପ୍‌ରେ, ସେକ୍ଟର-୨ ବସ୍ ଷ୍ଟାଣ୍ଡ ଏବଂ ସେକ୍ଟର-୨ ଦୁର୍ଗାପୂଜା ପଡ଼ିଆରେ ସ୍ୱଚ୍ଛତା ଅଭିଯାନ ସଂଗଠିତ ହୋଇଥିଲା, ଯେଉଁଥିରେ ଟାଉନସିପ୍‌ର ପ୍ରାୟ ୧୦୦ ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ଚିହ୍ନଟ ହୋଇଥିବା ଅଞ୍ଚଳଗୁଡ଼ିକୁ ସକ୍ରିୟ ଭାବରେ ସଫା କରିଥିଲେ ଏବଂ ଜମା ହୋଇଥିବା ଆବର୍ଜନା ହଟାଇବାରେ ସାହାଯ୍ୟ କରିଥିଲେ, ଯାହା ଏକ ସ୍ୱଚ୍ଛ ଏବଂ ସ୍ୱାସ୍ଥ୍ୟକର ସାର୍ବଜନୀନ ସ୍ଥାନ ସୃଷ୍ଟି କରିବାରେ ଯୋଗଦାନ ଦେଇଥିଲା। ସ୍ୱଚ୍ଛତାର ଗୁରୁତ୍ୱ, ସଠିକ୍ ଆବର୍ଜନା ନିଷ୍କାସନ ଏବଂ ସ୍ୱଚ୍ଛ ପରିବେଶ ବଜାୟ ରଖିବାରେ ବ୍ୟକ୍ତିଗତ ଦାୟିତ୍ୱ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ମଧ୍ୟରେ ଏକ ପଥ ନାଟକ ମଧ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମଗୁଡ଼ିକୁ ସହକାରୀ ପ୍ରବନ୍ଧକ (ଜନସ୍ୱାସ୍ଥ୍ୟ) ଶ୍ରୀ ରସାନନ୍ଦ ପ୍ରଧାନ ସଂଯୋଜନା କରିଥିଲେ। କାରଖାନା ପରିସର ମଧ୍ୟରେ, ସିଭିଲ୍ ଇଞ୍ଜିନିୟରିଂ ସର୍ଭିସେସ୍ ବିଭାଗ ଏସ.ଏମ.ଏସ -୧ ରାମ୍ପ ନିକଟରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ପରିଚାଳନା କରିଥିଲା। ଏହି କାର୍ଯ୍ୟକ୍ରମରେ ଚିହ୍ନଟ ହୋଇଥିବା ଅଞ୍ଚଳକୁ ସଫା କରିବା ଏବଂ ବର୍ଜ୍ୟବସ୍ତୁ ଓ ଅନାବଶ୍ୟକ ସାମଗ୍ରୀ ହଟାଇବା ଅନ୍ତର୍ଭୁକ୍ତ ଥିଲା, ଯାହା ଏକ ସ୍ୱଚ୍ଛ ଏବଂ ସୁରକ୍ଷିତ କର୍ମକ୍ଷେତ୍ର ପରିବେଶ ଗଠନରେ ଯୋଗଦାନ ଦେଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଆର.ଏସ.ପି ର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଏବଂ ସ୍ୱଚ୍ଛ, ସ୍ୱାସ୍ଥ୍ୟକର ଓ ସ୍ଥାୟୀ ପରିବେଶ ସୃଷ୍ଟି କରିବାରେ ସାମୂହିକ ଭାଗିଦାରୀର ଗୁରୁତ୍ୱକୁ ଦର୍ଶାଏ।

# ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନ ଦର୍ଶନ



ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ଉତ୍କଳ ମାତୃକାର ଦରଦୀ ସନ୍ତାନ ତଥା ଦୁଃଖୀ ଦରିଦ୍ରଙ୍କ ବନ୍ଧୁରୂପେ ପରିଚିତ ଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ସେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖ ଦିନ ପିତା ଦୈତାରି ଦାସ ଓ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କ କୋଳରେ ପୁରୀ ଜିଲ୍ଲାସ୍ଥିତ ସୁଆଣ୍ଡୋ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାହାଙ୍କୁ ୧୯୦୯ ମସିହାରେ ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ବିକାଶ କ୍ଷେତ୍ରରେ ଅତୁଳନୀୟ ଅବଦାନ ଏବଂ ନିଃସ୍ୱାର୍ଥପର ସେବା ମନୋଭାବକୁ ସମ୍ମାନ ଜଣାଇ ବିଶିଷ୍ଟ ବୈଜ୍ଞାନିକ ତଥା ଶିକ୍ଷାବିତ୍ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଉତ୍କଳର ମଣି ବା ରତ୍ନ ଉପାଧିରେ ଭୂଷିତ କରିଥିଲେ ।

ଗୋପବନ୍ଧୁ ଥିଲେ ତତ୍କାଳୀନ ଓଡ଼ିଶାର ଜଣେ ମହାନ ସେବକ, ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ଦୂରଦର୍ଶୀ ଶିକ୍ଷାବିତ୍, ସାମ୍ବାଦିକ, ପ୍ରଖ୍ୟାତ କବି ଓ ଦାର୍ଶନିକ। ତାଙ୍କର ସମଗ୍ର ଜୀବନ ତ୍ୟାଗ, ସେବା ଓ ମାନବିକତାର ଏକ ଜ୍ୱଳନ୍ତ ଉଦାହରଣ ଥିଲା। ଉତ୍କଳମଣିଙ୍କ ଜୀବନ ଦର୍ଶନ କେବଳ ଭାଷଣ ବା ଆଦର୍ଶବାଦ ମଧ୍ୟରେ ସୀମିତ ନଥିଲା, ବରଂ ତାଙ୍କର କାର୍ଯ୍ୟ ଓ କବିତା ମାଧ୍ୟମରେ ପ୍ରତିଫଳିତ ହେଉଥିଲା। ଏହି ମହାନ୍ ବ୍ୟକ୍ତିଙ୍କ ଜୀବନ ଦର୍ଶନର ମୂଳଦୁଆ ଥିଲା 'ମାନବ ସେବା ହିଁ ମାଧବ ସେବା' ଏବଂ ସ୍ୱାଧୀନତା ପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ପଣର ଭାବନା। ସେ ସ୍ୱଦେଶୀ ଆନ୍ଦୋଳନ ସହ ଜଡ଼ିତ ରହି ଓଡ଼ିଶାରେ ଜାତୀୟତାବାଦର ଜାଗରଣ ସୃଷ୍ଟି କରିଥିଲେ ଏବଂ ଜେଲରେ ବନ୍ଦୀ ଥିବାବେଳେ ତାଙ୍କ ରଚିତ 'ବନ୍ଦୀର ଆତ୍ମକଥା' କାବ୍ୟରେ ଦେଶପ୍ରେମର ପରାକାଷ୍ଠା ଦେଖିବାକୁ ମିଳିଥିଲା। ଗୋପବନ୍ଧୁ ନିଜର ବ୍ୟକ୍ତିଗତ ସୁଖ-ଶାନ୍ତିକୁ ଜଳାଞ୍ଜଳି ଦେଇ ଦେଶର ସ୍ୱରାଜ୍ୟ ପାଇଁ ଆତ୍ମବଳିଦାନ ଦେବାକୁ ଶ୍ରେଷ୍ଠ ମଣୁଥିଲେ। ଯାହା ତାଙ୍କର ଅମର କବିତାରେ ଦେଶପ୍ରେମର ଅଗ୍ନି ପ୍ରଜ୍ୱଳିତ ହେଉଥିବା ଦେଖିବାକୁ ମିଳେ:

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲିଯାଆନ୍ତୁ ପିଠିରେ;
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,
ପୁରୁ ତହିଁ ପଡ଼ି ମୋର ମାଂସ ହାଡ଼ ।'

ଏହି ସନ୍ଥଙ୍କ ହୃଦୟ ସଦା ସର୍ବଦା ଗରିବ, ଦୁଃଖୀ ଏବଂ ନିଷ୍ପେସିତ ଜନସାଧାରଣଙ୍କ ପାଇଁ କାନ୍ଦି ଉଠୁଥିଲା। ଓଡ଼ିଶାରେ ବନ୍ୟା ଓ ମରୁଡ଼ି ପରିସ୍ଥିତି ବେଳେ ସେ ନିଜ ଜୀବନକୁ ପାଣି ଛଡ଼ାଇ ଲୋକଙ୍କ ପାଖରେ ପହଞ୍ଚି ସେବା କରୁଥିଲେ। ଜନ ଶ୍ରୁତି ଅନୁସାରେ ଦିନେ ସେ ଲୋକଙ୍କ ସେବା କରୁଥିବା ସମୟରେ ତାଙ୍କ ନିଜ ପୁଅ, ଗୁରୁତର ଅସୁସ୍ଥ ଥିବାର ଖବର ପାଇଥିଲେ, ତଥାପି ସେ ନିଜ ପୁଅ ପାଖକୁ ନଯାଇ ବନ୍ୟା ବିପନ୍ନଙ୍କ ସେବା କରିବାକୁ ଶ୍ରେଷ୍ଠ ମନେକରିଥିଲେ। ଗୋପବନ୍ଧୁ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ଈଶ୍ୱରଙ୍କୁ ଦେଖୁଥିଲେ। ତାଙ୍କ ମତରେ, ଅନ୍ୟର ଦୁଃଖରେ ସମଭାଗୀ ହେବା ଏବଂ ପରୋପକାର କରିବା ହିଁ ମାନବ ବାଦର ଶ୍ରେଷ୍ଠ ଦର୍ଶନ ଥିଲା। ଏହାକୁ ପାଥେୟ କରି ସେ ସମାଜରେ ସଂସ୍କାର ଆଣିବାକୁ ଚେଷ୍ଟା କରିଥିଲେ। ତତ୍କାଳୀନ ସମାଜରେ ପ୍ରଚଳିତ ଥିବା ଅସ୍ପୃଶ୍ୟତା, ଜାତିପ୍ରଥା ଓ ଉଚ୍ଚ-ନୀଚ ଭେଦଭାବର ଘୋର ବିରୋଧୀ ମଧ୍ୟ ଥିଲେ। ତାହାଙ୍କ ଦୃଷ୍ଟିରେ ସମସ୍ତ ମଣିଷ ସମାନ ଏବଂ ସମସ୍ତଙ୍କ କଲ୍ୟାଣ କରିବା ହିଁ ପ୍ରକୃତ ଧର୍ମ। ତେଣୁ ଉତ୍କଳମଣିଙ୍କୁ ଶ୍ରେଷ୍ଠ ସମାଜ ସଂସ୍କାରକ ଭାବରେ ଗ୍ରହଣ କରାଯାଇଛି। ସେ କହିଥିଲେ ଯେ କେବଳ ନିଜ ସ୍ୱାର୍ଥ ପାଇଁ ବଞ୍ଚିବା ଜୀବନ ନୁହେଁ, ବରଂ ଜଗତର ମଙ୍ଗଳ ପାଇଁ ବଞ୍ଚିବା ହିଁ ଶ୍ରେଷ୍ଠ ଜୀବନ। ଯାହା ତାଙ୍କର 'ଧର୍ମପଦ' କାବ୍ୟରେ ଏହି ଜୀବନ ଦର୍ଶନକୁ ସେ ଅତି ସୁନ୍ଦର ଭାବେ ସାର୍ବଜନୀନ କରିଛନ୍ତି:

'ଆପଣା ଅଶ୍ରୁରେ ଜଗତ ଅଶ୍ରୁକୁ
ପୋଛିବାକୁ ଯାର ହୋଇଛି ଜନମ,
ଜଗତ ବିପଦେ ସେ କିପରି ଭଲା
ଘରେ ବସି ରହି ପାରେ ଅକରମ ।'

ଦୁଃଖୀ ଦରିଦ୍ରଙ୍କ ସେବା, ଉଚ୍ଚ-ନୀଚ ମଧ୍ୟରେ ଥିବା ଭେଦଭାବର କେବଳ ସେ ଘୋର ବିରୋଧୀ ଥିଲେ, ଅପିତୁ ଶିକ୍ଷାକୁ ମଧ୍ୟ ଗୁରୁତ୍ୱ ଦେଇଥିଲେ। ଗୋପବନ୍ଧୁ ବିଶ୍ୱାସ କରୁଥିଲେ ଯେ ଶିକ୍ଷା ବିନା କୌଣସି ଜାତିର ଉନ୍ନତି ଅସମ୍ଭବ। ମାତ୍ର ସେ କେବଳ ଡିଗ୍ରୀ ହାସଲ କରିବା ଶିକ୍ଷା ଚାହୁଁନଥିଲେ, ବରଂ ଏପରି ଏକ ଶିକ୍ଷା ବ୍ୟବସ୍ଥା ଚାହୁଁଥିଲେ ଯାହା ମଣିଷକୁ ଚରିତ୍ରବାନ, ଦେଶପ୍ରେମୀ ଓ ସ୍ୱାବଲମ୍ବୀ କରି ଗଢ଼ିତୋଳିପାରିବ। ଏହି ଉଦ୍ଦେଶ୍ୟରେ ସେ ୧୯୦୯ ମସିହାରେ ସାକ୍ଷୀଗୋପାଳଠାରେ ପ୍ରସିଦ୍ଧ 'ସତ୍ୟବାଦୀ ବନ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲେ। ଏହି ବିଦ୍ୟାଳୟ ଖୋଲା ଆକାଶ ତଳେ, ପ୍ରକୃତି କୋଳର ଗଛମୂଳେ ଗଢ଼ିଉଠିଥିଲା, ଯେଉଁଠାରେ ଜାତି-ଧର୍ମ ନିର୍ବିଶେଷରେ ସମସ୍ତ ଛାତ୍ର ଏକାଠି ବସି ଶିକ୍ଷା ଗ୍ରହଣ କରୁଥିଲେ। ଏହାକୁ ଓଡ଼ିଶାର 'ମାନସ ମନ୍ଥନର କେନ୍ଦ୍ର' ବୋଲି ମଧ୍ୟ କୁହାଯାଉଥିଲା। ଏତିକିରେ ସେ ଅଟକି ଯାଇ ନଥିଲେ, ଜୀବନର



ଶେଷ ସମୟ ପର୍ଯ୍ୟନ୍ତ ସମାଜର ନିଷ୍ପେସିତ ଗରିବ ଲୋକଙ୍କ ସ୍ୱରକୁ ସରକାରଙ୍କ ପାଖରେ ପହଞ୍ଚାଇବା ପାଇଁ ସାମ୍ବାଦିକତାକୁ ଏକ ମାଧ୍ୟମ ଭାବେ ଗ୍ରହଣ କରିଥିଲେ। ତେଣୁ ଗୋପବନ୍ଧୁ ୧୯୧୯ ମସିହାରେ ପ୍ରସିଦ୍ଧ ଓଡ଼ିଆ ଦୈନିକ ସମ୍ବାଦପତ୍ର 'ସମାଜ' ପ୍ରତିଷ୍ଠା କରିଥିଲେ। ସରଳ ଏବଂ ସହଜ ଭାଷାରେ ଲୋକଙ୍କ ସମସ୍ୟାକୁ ଉପସ୍ଥାପନ କରି ସମାଜରେ ଏକ ବିରାଟ ଜନଜାଗରଣ ସୃଷ୍ଟି କରିବା ତାଙ୍କ ସାମ୍ବାଦିକତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତାହାସହ ସେ ଜୀବନକୁ ଅତି ନିକଟରୁ ଦେଖିଥିଲେ। ଯାହା ଜଣେ ଶ୍ରେଷ୍ଠ ଲେଖକ ବା କବିର ଦର୍ଶନ। ସଂସାରର କ୍ଷଣଭଙ୍ଗୁରତାକୁ ଅନୁଭବ କରିଥିଲେ। ପତ୍ନୀ, ସନ୍ତାନ ଓ ପରିବାରକୁ ହରାଇବା ପରେ ବି ସେ ଭାଙ୍ଗି ପଡ଼ିନଥିଲେ। ସେ ଜାଣିଥିଲେ ଯେ ଏହି ସଂସାରରେ କେହି ଚିରସ୍ଥାୟୀ ନୁହନ୍ତି, କେବଳ ମଣିଷର କର୍ମ ହିଁ ତାକୁ ଅମର କରି ରଖେ। ନିଜର ସ୍ୱାର୍ଥପରତାକୁ ତ୍ୟାଗ କରି ସମାଜ ପାଇଁ କିଛି କରିବା ହିଁ ଶ୍ରେଷ୍ଠ କାର୍ଯ୍ୟ ମଣିଥିଲେ। ତେଣୁ ସେ ଜୀବନ ଓ ମୃତ୍ୟୁର ଏହି ଗଭୀର ରହସ୍ୟକୁ ତାଙ୍କ କବିତାରେ ଅତି ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି:

'ମାନବ ଜୀବନ ନୁହଇ କେବଳ,
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତାର,
ଜୀବନର ମାନଦଣ୍ଡ।'

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ଥୂଳ ନେତ୍ର ସହ ଅନ୍ୟ ତିନୋଟି ନେତ୍ର ରହିଥିଲା। ଯଥା: ଶିକ୍ଷା ନେତ୍ର, ସେବା ନେତ୍ର ଓ ସ୍ୱାଧୀନତା ନେତ୍ର। ଯାହାବଳରେ ସେ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିପାରୁଥିଲେ। ତାଙ୍କ ଜୀବନ ଦର୍ଶନ ଥିଲା ତ୍ୟାଗ, ସେବା, ସାଧୁତା ଓ ସର୍ବଜନହିତାୟ ଜୀବନର ପ୍ରତୀକ। ସେ କେବଳ ଓଡ଼ିଶାର ନୁହନ୍ତି, ବରଂ ସମଗ୍ର ବିଶ୍ୱ ମାନବ ଜାତି ପାଇଁ ଜଣେ ଆଦର୍ଶ ଅମ୍ଳାନ ପୁରୁଷ ଅଟନ୍ତି। ତାଙ୍କର ଉକ୍ତି, କାର୍ଯ୍ୟ ଏବଂ କବିତା ଆଜି ମଧ୍ୟ ଆମ ସମାଜକୁ ସତ୍ ପଥରେ ଚାଲିବାକୁ ପ୍ରେରଣା ଯୋଗାଇ ଚାଲିଛି। ଏଭଳି ମହାନ ଆତ୍ମାଙ୍କର ଜୀବନ ଆଦର୍ଶକୁ ନିଜ ଜୀବନରେ ସାମିଲ କରିବା ହିଁ ତାଙ୍କ ପ୍ରତି ଓଡ଼ିଆ ଜାତିର ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ।

ବରିଷ୍ଠ ଦର୍ଶନ ଅଧ୍ୟାପକ
ସଂସ୍କୃତ ମହାବିଦ୍ୟାଳୟ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ: ୯୮୬୧୩୩୪୮୬୮

# ଶିକ୍ଷାନୁଷ୍ଠାନରେ ନୈତିକ ଉନ୍ନତି ଓ ମୂଲ୍ୟବୋଧ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମାନବ ସମାଜର ଉପଯୁକ୍ତ ବିକାଶ ପାଇଁ କେବଳ ଜ୍ଞାନ ଯଥେଷ୍ଟ ନୁହେଁ; ଏଥିପାଇଁ ନୈତିକତା ଏବଂ ମୂଲ୍ୟବୋଧ ଆବଶ୍ୟକ। ଜଣେ ବ୍ୟକ୍ତିକୁ ସଚ୍ଚୋଟ, ଦାୟିତ୍ୱବାନ ଏବଂ ଭଲ ନାଗରିକ ଭାବରେ ଗଢ଼ି ତୋଳିବାରେ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ନୈତିକତାର ମୂଳଦୁଆ କେବଳ ଏକ ଶିକ୍ଷାନୁଷ୍ଠାନରେ ସ୍ଥାପନ କରାଯାଇପାରିବ। ସେହିପରି, ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ପ୍ରଦାନ କରିବା ପାଇଁ ନୁହେଁ, ବରଂ ମାନବ ଚରିତ୍ର ଗଠନ ପାଇଁ ପବିତ୍ର କେନ୍ଦ୍ର ଭାବରେ କାର୍ଯ୍ୟ କରନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜର ମୂଳଦୁଆ। ଏଠାରେ, ଛାତ୍ରମାନେ କେବଳ ପୁସ୍ତକୀୟ ଜ୍ଞାନ ନୁହେଁ ବରଂ ଜୀବନ ମୂଲ୍ୟ ମଧ୍ୟ ଶିଖନ୍ତି। ଯଦି ପିଲାମାନଙ୍କୁ ଛୋଟ ବୟସରୁ ସତ୍ୟ, ଅହିଂସା, ଦୟା, ସହନଶୀଳତା, ସହଯୋଗ ଏବଂ ଶୃଙ୍ଖଳା ଭଳି ମୂଲ୍ୟବୋଧ ଶିକ୍ଷା ଦିଆଯାଏ, ତେବେ ସେମାନେ ଭବିଷ୍ୟତରେ ଭଲ ନାଗରିକ ହୋଇପାରିବେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ଉନ୍ନତିର ବହୁତ ଗୁରୁତ୍ୱ ଅଛି। ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ନୈତିକତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଗୁରୁକୁଳ ବ୍ୟବସ୍ଥାରେ, ଛାତ୍ରମାନେ ଜଣେ ଗୁରୁଙ୍କ ମାର୍ଗଦର୍ଶନରେ ରହୁଥିଲେ ଏବଂ ଶିକ୍ଷା ଗ୍ରହଣ କରୁଥିଲେ। ସେଠାରେ, ସେମାନଙ୍କୁ କେବଳ ଶୈକ୍ଷିକ ଜ୍ଞାନ ନୁହେଁ ବରଂ ନୈତିକ ଶିକ୍ଷା ଏବଂ ଜୀବନଶୈଳୀ ମଧ୍ୟ ଶିକ୍ଷା ଦିଆଯାଉଥିଲା। ଗୁରୁକୁଳଗୁଡ଼ିକ ଗୁରୁଙ୍କ ପ୍ରତି ସମ୍ମାନ, ସତ୍ୟବାଦୀ, ଶୃଙ୍ଖଳା ଏବଂ ଆତ୍ମନିୟନ୍ତ୍ରଣ ଭଳି ସଦ୍ଗୁଣ ଶିକ୍ଷା ଦେଉଥିଲେ। ଏହି ବ୍ୟବସ୍ଥା ଛାତ୍ରମାନଙ୍କୁ ଭଲ ଚରିତ୍ର ସହିତ ବିକଶିତ କରିଥିଲା।

କିନ୍ତୁ ଆଜି ଶିକ୍ଷା ବ୍ୟବସ୍ଥା ଅଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି। ଛାତ୍ରମାନେ ଅଧିକ ନମ୍ବର ଏବଂ ଭଲ ଚାକିରି ପାଇବା ପାଇଁ ପାଠ ପଢୁଛନ୍ତି। ଏହି କାରଣରୁ, ନୈତିକତା ଏବଂ ମୂଲ୍ୟବୋଧର ଗୁରୁତ୍ୱ ହ୍ରାସ ପାଇଛି। କେତେକ ସମୟରେ ଆମେ ଛାତ୍ରଛାତ୍ରୀମାନଙ୍କୁ ଠକିବା, ମିଛ କହିବା ଏବଂ ଭୁଲ ପଥ ଅନୁସରଣ କରିବା ଭଳି କାର୍ଯ୍ୟକଳାପରେ ଲିପ୍ତ ହେଉଥିବାର ଦେଖୁ। ଏହି ପରିସ୍ଥିତି ଆମକୁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ନୈତିକତାକୁ ପୁନଃ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଅନୁଭବ କରାଏ। ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରନ୍ତି। ସେମାନଙ୍କର ଆଚରଣ, ଆଦର୍ଶ ଏବଂ ଜୀବନଶୈଳୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ। ଯଦି ଶିକ୍ଷକମାନେ ସତ୍ୟବାଦୀ, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୁଅନ୍ତି, ତେବେ ଛାତ୍ରଛାତ୍ରୀମାନେ ସମାନ ଗୁଣ ଗ୍ରହଣ କରିବାକୁ ପ୍ରେରଣା ପାଇବେ। ତେଣୁ, ଛାତ୍ରମାନଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ନୈତିକ ଆଚରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ, ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ନୈତିକ ବିକାଶ ହାସଲ କରାଯାଇପାରିବ। ପ୍ରାର୍ଥନା ସଭା, ପ୍ରବାଦ, ଜାତୀୟ ପର୍ବ ପାଳନ, ସମାଜସେବା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକଳାପ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଦାୟିତ୍ୱ ଏବଂ ସହଯୋଗର ଭାବନା ସୃଷ୍ଟି କରେ। ଏହା ସେମାନଙ୍କୁ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ବୁଝିବାରେ ସାହାଯ୍ୟ କରେ।

ନୈତିକ ବିକାଶ ପାଇଁ ପରିବାର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ପ୍ରଥମେ ଘରେ ନୈତିକତା ଶିଖନ୍ତି। ଯଦି ପରିବାରରେ ସତ୍ୟବାଦୀ, ସମ୍ମାନ ଏବଂ ଶୃଙ୍ଖଳାର ପରିବେଶ ଥାଏ, ତେବେ ସେମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରନ୍ତି। ଯଦି ଶିକ୍ଷାନୁଷ୍ଠାନ ଏବଂ ପରିବାର ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଏକାଠି କାମ କରନ୍ତି, ତେବେ ସେମାନଙ୍କର ଚରିତ୍ର ସୁଦୃଢ଼ ହୋଇପାରିବ। ଆଜିର ଦୁନିଆରେ, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧ୍ୟମ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। କେତେକ ସମୟରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ, କିନ୍ତୁ କେତେକ ସମୟରେ ଏହା ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଏବଂ ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ ଶିଖାଇବା ଉଚିତ। ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରେ ନାହିଁ ବରଂ ସେମାନଙ୍କୁ ଭଲ ମଣିଷ ହେବାରେ ମଧ୍ୟ ସାହାଯ୍ୟ କରେ। ନୈତିକତା ବିନା ଶିକ୍ଷା ସମାଜ ପାଇଁ କ୍ଷତିକାରକ ହୋଇପାରେ। ତେଣୁ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନେ ନୈତିକ, ଦାୟିତ୍ୱବାନ ଏବଂ ସଚ୍ଚୋଟ ନାଗରିକ ବିକଶିତ ହୁଅନ୍ତୁ ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ। ତେଣୁ, ସମାଜର ପ୍ରଗତି ଏବଂ ଶାନ୍ତି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାରେ ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

+ ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# କାଶ ଔଷଧ ନିଶାର ମାଧ୍ୟମ ନୁହେଁ: କଠୋର ହେଉ ସରକାର, ବଞ୍ଚୁ ଯୁବପିଢ଼ି



ସୌଭାଗ୍ୟ ରଞ୍ଜନ ମହାନ୍ତି

କାଶି ହେଲେ ଆରାମ ଦେବା ପାଇଁ ଯେଉଁ ଔଷଧ ତିଆରି ହୋଇଛି, ତାହା ଯଦି ଚିକିତ୍ସାର ଘରୁ ବାହାରି ନିଶାର ଅନ୍ଧକାର ଦୁନିଆକୁ ପହଞ୍ଚିଯାଏ, ତେବେ ସେହି ଔଷଧ ଆଉ କେବଳ ଔଷଧ ରହେ ନାହିଁ—ସେହି ମୁହୂର୍ତ୍ତରୁ ଏହା ଜନସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତର ବିପଦର ରୂପ ନେଇଥାଏ। ଆଜି ଦେଶରେ କିଛି କାଶି ଔଷଧର ଅପବ୍ୟବହାରକୁ ନେଇ ଯେଉଁ ଚିନ୍ତା ବଢୁଛି, ତାହାକୁ ଆଉ ହାଲୁକା ଭାବେ ନେବାର ସମୟ ନାହିଁ। କାଶି ଔଷଧରେ ଥିବା କିଛି ଉପାଦାନ, ବିଶେଷକରି ନିଶା ସୃଷ୍ଟି କରିପାରୁଥିବା ଔଷଧୀୟ ଉପାଦାନ, ଡାକ୍ତରଙ୍କ ପରାମର୍ଶ ବିନା ଅଧିକ ପରିମାଣରେ ନିଆଗଲେ ଶରୀର ଉପରେ ଭୟଙ୍କର ପ୍ରଭାବ ପକାଇପାରେ। ଏହା କେବଳ ମୁଣ୍ଡ ଘୂରିବା କିମ୍ବା ଘୁମ ଆସିବାର କଥା ନୁହେଁ; ଅତ୍ୟଧିକ ବ୍ୟବହାରରେ ଚେତନା ହ୍ରାସ, ଶ୍ୱାସକ୍ରିୟା ଧୀର ହେବା, ଅଚେତନତା, କୋମା ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ଝୁମ୍ପ ରହିପାରେ। ଏହାଠାରୁ ବଡ଼ ସତର୍କତା ଆଉ କ'ଣ ହୋଇପାରେ? ଯେଉଁ ତରଳ ଔଷଧ ଏକ ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଦିଆଯାଏ, ସେହି ଔଷଧକୁ ଯଦି କେହି ନିଶା ପାଇଁ ବ୍ୟବହାର କରୁଛି, ତେବେ ଏହା ତାଙ୍କ ଶରୀର ସହିତ ଖେଳ ମାତ୍ର ନୁହେଁ, ତାଙ୍କ ପରିବାରର ଭବିଷ୍ୟତ ସହିତ ମଧ୍ୟ ଖେଳ। ଆଉ ଯଦି ଏହି ଅପବ୍ୟବହାର ଯୁବପିଢ଼ି ମଧ୍ୟରେ ପ୍ରବେଶ କରେ, ତେବେ ସମସ୍ୟାଟି ଏକ ବ୍ୟକ୍ତିର ନୁହେଁ, ସମାଜର। ସେଥିପାଇଁ କାଶି ଔଷଧର ବିକ୍ରି ଓ ବ୍ୟବହାର ଉପରେ ସରକାରଙ୍କ କଠୋର ନଜରକୁ ସ୍ୱାଗତ କରିବାକୁ ହେବ। କେନ୍ଦ୍ର ସରକାର ୨୦୨୬ ମସିହାରେ ଛୋଟ ଗାଁଗୁଡ଼ିକରେ କାଶି ଔଷଧ ବିକ୍ରି ସମ୍ପର୍କିତ ବିଶେଷ ଛାଡ଼କୁ ହଟାଇ ଅନୁମୋଦିତ ଔଷଧ ଦୋକାନ ମାଧ୍ୟମରେ ଏହାର ବିକ୍ରିକୁ ନିୟମିତ କରିବା ଦିଗରେ ପଦକ୍ଷେପ ନେଇଛନ୍ତି। ଏହି ପଦକ୍ଷେପର ମୂଳ ସନ୍ଦେଶ ସ୍ପଷ୍ଟ—ଔଷଧକୁ ମନଇଚ୍ଛାରେ ବିକ୍ରି କରାଯିବ ନାହିଁ, ଔଷଧ ଦୋକାନକୁ ମଧ୍ୟ ଆଇନର ସୀମା ଭିତରେ ରହିବାକୁ ହେବ। ଏହି ନିୟମକୁ କେବଳ କାଗଜରେ ରଖିଦେଲେ ଚଳିବ ନାହିଁ। ଭୂମିସ୍ତରରେ ଏହାର କଠୋର କାର୍ଯ୍ୟକାରିତା ଆବଶ୍ୟକ। କାରଣ ଅବୈଧ ଭାବେ କାଶି ଔଷଧ ବିକ୍ରି କରୁଥିବା ଜଣେ ବ୍ୟକ୍ତି କେବଳ ଆଇନ ଭାଙ୍ଗୁନାହାନ୍ତି, ସେ ଅନ୍ୟ ଜଣଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଉଛନ୍ତି। ଏଠାରେ ସରକାରଙ୍କ ଦାୟିତ୍ୱ ତିନିଗୁଣ। ପ୍ରଥମେ, କେଉଁ ଔଷଧ ଡାକ୍ତରଙ୍କ ପରାମର୍ଶ ବିନା ବିକ୍ରି କରାଯିବ ନାହିଁ, ତାହା ସ୍ପଷ୍ଟ ଭାବେ ଲୋକଙ୍କୁ ଜଣାଇବାକୁ ହେବ। ଦ୍ୱିତୀୟରେ, ଲାଇସେନ୍ସ ନଥିବା କିମ୍ବା ନିୟମ ଭାଙ୍ଗୁଥିବା ଦୋକାନ ଉପରେ ନିୟମିତ ଯାଞ୍ଚ ହେବା ଦରକାର। ତୃତୀୟରେ, ଯେଉଁଠାରେ କାଶି ଔଷଧକୁ ନିଶା ପାଇଁ ବ୍ୟବହାର କରାଯାଉଛି ବୋଲି ସୂଚନା ମିଳୁଛି, ସେଠାରେ ଔଷଧ ନିୟନ୍ତ୍ରଣ ବିଭାଗ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ମିଳିତ ଭାବେ କଠୋର କାର୍ଯ୍ୟ କରିବା ଦରକାର।

ଏହି ଲଢ଼େଇ କେବଳ ଔଷଧ ଦୋକାନ ଯାଞ୍ଚରେ ଶେଷ ହେବ ନାହିଁ। ନିଶାର ଚାହିଦା କେଉଁଠାରୁ ଆସୁଛି, କେଉଁମାନେ ଯୁବପିଢ଼ିକୁ ଏହି ଦିଗକୁ ଠେଲୁଛନ୍ତି, କିପରି ଔଷଧ ବେଆଇନ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚୁଛି—ଏହି ସମସ୍ତ ଦିଗକୁ ଖୋଜିବାକୁ ହେବ। ଔଷଧକୁ ନିଶାରେ ପରିଣତ କରୁଥିବା ଚକ୍ର ଯଦି ଥାଏ, ତେବେ ସେହି ଚକ୍ରର ମୂଳକୁ ଧରିବା ଆବଶ୍ୟକ। କେବଳ ଜଣେ ଯୁବକଙ୍କୁ ଧରି ମାମଲା କରିଦେଲେ ସମସ୍ୟା ଶେଷ ହେବ ନାହିଁ। ନିଶାର ବ୍ୟବସାୟ କରୁଥିବା ମୂଳ ଯୋଗାଣକାରୀଙ୍କୁ ଧରିବାକୁ ହେବ। ଏଠାରେ ସମାଜର ଭୂମିକା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ମାଆବାପା ନିଜ ପିଲାଙ୍କ ଆଚରଣରେ ହଠାତ୍ ପରିବର୍ତ୍ତନ, ଅସାଧାରଣ ଘୁମ, ଅତ୍ୟଧିକ ଅସ୍ଥିରତା, ପଢ଼ାଶୁଣାରେ ଅବନତି, ଅର୍ଥର ଅସ୍ପଷ୍ଟ ବ୍ୟବହାର କିମ୍ବା ସନ୍ଦେହଜନକ ଔଷଧ ବ୍ୟବହାର ଦେଖିଲେ ଚୁପ୍ ରହିବା ଉଚିତ ନୁହେଁ। କିନ୍ତୁ ଏହାର ଅର୍ଥ ପ୍ରତ୍ୟେକ କାଶି ଔଷଧ ବ୍ୟବହାରକାରୀଙ୍କୁ ନିଶାସକ୍ତ ବୋଲି ଚିହ୍ନଟ କରିବା ନୁହେଁ। ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ବ୍ୟବହାର କରିବା ଏବଂ ତାହାକୁ ନିଶା ଭାବେ ବ୍ୟବହାର କରିବା—ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ କଥା। ଏହି ପାର୍ଥକ୍ୟକୁ ସମାଜ ବୁଝିବା ଦରକାର। ଏହା ସହିତ ଆଉ ଏକ ଭୟଙ୍କର ବିପଦ ହେଉଛି ଦୂଷିତ ତରଳ ଔଷଧ। ଔଷଧରେ ଯଦି ବିଷାକ୍ତ ରାସାୟନିକ ଉପାଦାନ ମିଶିଯାଏ, ତେବେ ତାହା ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଭୟଙ୍କର କ୍ଷତି କରିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦୂଷିତ ତରଳ ଔଷଧ ସମ୍ପର୍କରେ ଦେଇଥିବା ସତର୍କତାରେ ବିଷାକ୍ତ ଡାଇଇଥିଲିନ୍ ଗ୍ଲାଇକଲ୍? ଓ ଇଥିଲିନ୍? ଗ୍ଲାଇକଲ୍? ଭଳି ଉପାଦାନରୁ ତୀବ୍ର ବୃକ୍କ କ୍ଷତି ଓ ମୃତ୍ୟୁର ଝୁମ୍ପ ବିଷୟରେ ଉଲ୍ଲେଖ କରାଯାଇଛି। ତେଣୁ କାଶି ଔଷଧର ନିରାପତ୍ତା କେବଳ ତାହାର ନାମ କିମ୍ବା ଚମକଦାର ପ୍ୟାକେଟ ଦେଖି ନିର୍ଣ୍ଣୟ ହୋଇପାରେ ନାହିଁ। ଗୁଣମାନ ପରୀକ୍ଷା ଅନିବାର୍ଯ୍ୟ। ଉତ୍ପାଦନରୁ ଆରମ୍ଭ କରି ଔଷଧ ଦୋକାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ନଜରଦାରି ଦରକାର। ଏକ ବୋତଲ ଔଷଧ ବଜାରକୁ ଆସିବା ପୂର୍ବରୁ ତାହାର ଗୁଣମାନ ପ୍ରତି ଯେତେ ନିଶ୍ଚିତତା ଆବଶ୍ୟକ, ବଜାରକୁ ଆସିବା ପରେ ମଧ୍ୟ ତାହାର ନିରାପତ୍ତା ଉପରେ ସେତେ ନଜର ଦରକାର। ଔଷଧ ନିର୍ମାତାମାନେ ମଧ୍ୟ ବୁଝିବା ଦରକାର ଯେ ଏଠାରେ ଲାଭଠାରୁ ଜୀବନ ବଡ଼। ଗୋଟିଏ ଭୁଲ ଉପାଦାନ, ଗୋଟିଏ ନିମ୍ନମାନର କଞ୍ଚାମାଲ, ଗୋଟିଏ ଭୁଲ ମାତ୍ରା କିମ୍ବା ଗୁଣମାନ ଯାଞ୍ଚରେ ଗୋଟିଏ ଅବହେଳା ଅନେକ ପରିବାରକୁ ଶୋକରେ ଠେଲିପାରେ। ସେହିପାଇଁ ଔଷଧ ନିର୍ମାଣରେ ଶୂନ୍ୟ ଅବହେଳାର ନୀତି ଆବଶ୍ୟକ। ଓଡ଼ିଶାରେ ମଧ୍ୟ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତ୍ୱ ସହ ନେବାକୁ ହେବ। ଗାଁଠାରୁ ସହର ପର୍ଯ୍ୟନ୍ତ ଔଷଧ ଦୋକାନଗୁଡ଼ିକର ନିୟମିତ ଯାଞ୍ଚ, ସନ୍ଦେହଜନକ ଔଷଧର ନମୁନା ସଂଗ୍ରହ, ଗୁଣମାନ ପରୀକ୍ଷା, ଅନୁମତି ବିନା ବିକ୍ରି ଉପରେ ତୁରନ୍ତ କାର୍ଯ୍ୟ ଏବଂ ନିଶା ପାଇଁ ଔଷଧର ଅପବ୍ୟବହାର ଚିହ୍ନଟ ହେଲେ ଆଇନ ଶୃଙ୍ଖଳା ସଂସ୍ଥା ସହ ସମନ୍ୱୟ—ଏସବୁ କାର୍ଯ୍ୟ ନିରନ୍ତର ଚାଲିବା ଦରକାର। ଏହା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନିଶା ବିରୋଧୀ ସଚେତନତାକୁ ଆହୁରି ମଜବୁତ କରିବା ଦରକାର। ଯୁବପିଢ଼ିକୁ ଏହା ବୁଝାଇବାକୁ ହେବ ଯେ ଔଷଧର ନାମ, ବୋତଲର ଆକାର କିମ୍ବା ତାହା ସହଜରେ ମିଳୁଛି ବୋଲି ଏହା ନିରାପଦ ନିଶା ନୁହେଁ। ନିଶାର କୌଣସି ନିରାପଦ ରାସ୍ତା ନାହିଁ। ଆଜି ଯାହାକୁ ମଜା ଭାବି ଆରମ୍ଭ କରାଯାଏ, କାଲି ତାହା ନିର୍ଭରଶୀଳତାରେ ପରିଣତ ହୋଇପାରେ। ତା'ପରେ ଶରୀର, ମନ, ପରିବାର, ପଢ଼ାଶୁଣା, ଚାକିରି—ସବୁକିଛି ତାହାର ଶିକାର ହୋଇପାରେ। ଅତ୍ୟଧିକ ଔଷଧ ବ୍ୟବହାରରେ ଚେତନା ହ୍ରାସ ଓ ଶ୍ୱାସକ୍ରିୟାର ଗୁରୁତର ସମସ୍ୟା ହେଲେ ଜୀବନ ରକ୍ଷା ପାଇଁ ତୁରନ୍ତ ଚିକିତ୍ସା ଆବଶ୍ୟକ। ଏପରି ଅବସ୍ଥାରେ ଘରୋଇ ଉପାୟ କରି ସମୟ ନଷ୍ଟ କରିବା ଚାଲିବ ନାହିଁ। ରୋଗୀ ଅଚେତନ, ଶ୍ୱାସ ଧୀର କିମ୍ବା ଅସାମାନ୍ୟ, ଖିଚୁଣି କିମ୍ବା ଅନ୍ୟ ଗୁରୁତର ଲକ୍ଷଣ ଦେଖାଇଲେ ତୁରନ୍ତ ଜରୁରୀ ଚିକିତ୍ସା ସେବା ନେବା ଦରକାର। ଆଉ ଏକ ଦାୟିତ୍ୱ ହେଉଛି—ନିଶାସକ୍ତ ବ୍ୟକ୍ତିଙ୍କୁ କେବଳ ଅପରାଧୀ ଭାବେ ଦେଖିବା ନୁହେଁ। ଯେଉଁଠାରେ ନିର୍ଭରଶୀଳତା ଗଢ଼ିଉଠିଛି, ସେଠାରେ ଚିକିତ୍ସା, ପରାମର୍ଶ ଓ ପୁନର୍ବାସ ମଧ୍ୟ ଆବଶ୍ୟକ। ନିଶା ବେପାରୀଙ୍କ ପ୍ରତି କଠୋରତା ଓ ନିଶାସକ୍ତ ଯୁବକଙ୍କ ପ୍ରତି ଚିକିତ୍ସାମୂଳକ ସହାୟତା—ଏହି ଦୁଇଟି ନୀତି ଏକାସାଙ୍ଗେ ଚାଲିବା ଦରକାର। ଏହି ଲଢ଼େଇରେ ସରକାର, ପୁଲିସ, ଔଷଧ ନିୟନ୍ତ୍ରଣ ବ୍ୟବସ୍ଥା, ଚିକିତ୍ସକ, ଔଷଧ ବିକ୍ରେତା, ଶିକ୍ଷକ, ଅଭିଭାବକ ଓ ସମାଜ—ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। କାଶି ଔଷଧ ହେଉଛି ରୋଗୀଙ୍କ ଆରୋଗ୍ୟ ପାଇଁ; ଏହାକୁ ନିଶାର ବଜାରକୁ ଯିବାକୁ ଦେବା ଯାଇପାରିବ ନାହିଁ। ସରକାର ଯେଉଁ କଠୋର ପଦକ୍ଷେପ ନେଉଛନ୍ତି, ତାହାକୁ ଆହୁରି ସୁଦୃଢ଼ କରିବାର ସମୟ ଆସିଛି। ଔଷଧର ଅନିୟନ୍ତ୍ରିତ ବିକ୍ରି ଉପରେ ରୋକ, ନିଶା ପାଇଁ ଅପବ୍ୟବହାର ଉପରେ କଠୋର ନଜର, ନିମ୍ନମାନର ଔଷଧ ବିରୋଧରେ ଶୀଘ୍ର କାର୍ଯ୍ୟ, ଔଷଧ ଦୋକାନର ନିୟମିତ ଯାଞ୍ଚ ଏବଂ ଯୁବପିଢ଼ି ମଧ୍ୟରେ ବ୍ୟାପକ ସଚେତନତା—ଏହି ପାଞ୍ଚଟି ମୋର୍ଚ୍ଚାରେ ଏକାସାଙ୍ଗେ ଯୁଦ୍ଧ କରିବାକୁ ହେବ। କାରଣ ପ୍ରଶ୍ନଟି ଗୋଟିଏ ବୋତଲ କାଶି ଔଷଧର ନୁହେଁ; ପ୍ରଶ୍ନଟି ଆମ ଯୁବପିଢ଼ିର ଭବିଷ୍ୟତର। ଗୋଟିଏ ଶିଶୁର ହାତରେ ଚିକିତ୍ସାର ଔଷଧ ରହିବା ଉଚିତ, ନିଶାର ବିଷ ନୁହେଁ। ଗୋଟିଏ ଯୁବକର ଜୀବନରେ ସ୍ୱପ୍ନ ରହିବା ଉଚିତ, ନିଶାର ଅନ୍ଧକାର ନୁହେଁ। ତେଣୁ ଏବେ ସମୟ ଆସିଛି ଏକ ସ୍ପଷ୍ଟ ସନ୍ଦେଶ ଦେବାର—କାଶି ଔଷଧ ରୋଗ ଭଲ କରିବା ପାଇଁ, ନିଶା ପାଇଁ ନୁହେଁ। ଜୀବନ ସହ ଖେଳୁଥିବା ଅପବ୍ୟବହାର ବିରୋଧରେ ଏବେ ଶୂନ୍ୟ ସହନଶୀଳତା ଦରକାର।

+ ମୋ : ୯୪୩୭୯୯୪୩୭୯

# ଫର୍ମ-୬ରେ "ବେଆଇନ" ପରିବର୍ତ୍ତନ: ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀ ଉପରେ ଉଠିଲା ବଡ଼ ପ୍ରଶ୍ନ

ଗଣତନ୍ତ୍ରର ସବୁଠାରୁ ବଡ଼ ଆଧାର ହେଉଛି ଏକ ସ୍ୱଚ୍ଛ, ନିରପେକ୍ଷ ଏବଂ ସର୍ବସାଧାରଣଙ୍କ ପାଇଁ ସହଜଲଭ୍ୟ ନିର୍ବାଚନ ପ୍ରକ୍ରିୟା । ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଆୟୋଗଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ସାମ୍ପ୍ରତିକ ସମୟରେ ଭାରତୀୟ ନିର୍ବାଚନ ଆୟୋଗ ଏକ ଅଭୂତପୂର୍ବ ବିବାଦର ସମ୍ମୁଖୀନ ହୋଇଛନ୍ତି, ଯାହା କେବଳ ଆୟୋଗର ଆଭ୍ୟନ୍ତରୀଣ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିନାହିଁ, ବରଂ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ନେଇ ମଧ୍ୟ ଚିନ୍ତା ବଢ଼ାଇଛି । ଏହି ବିବାଦର କେନ୍ଦ୍ରବିନ୍ଦୁ ହେଉଛି ନୂତନ ଭୋଟର ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ 'ଫର୍ମ-୬'ରେ କରାଯାଇଥିବା ପରିବର୍ତ୍ତନ ଏବଂ ସ୍ୱତନ୍ତ୍ର ସଘନ ସଂଶୋଧନ ବା ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସଆଇଆର) ପ୍ରକ୍ରିୟା । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ଅନ୍ୟ ଦୁଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ମଧ୍ୟରେ ଥିବା ମତଭେଦ ଏବେ ସାର୍ବଜନୀନ ହୋଇଛି, ଯାହା ଏକ ବହୁ-ସଦସ୍ୟ ବିଶିଷ୍ଟ ସାମ୍ବିଧାନିକ ସଂସ୍ଥାରେ ଏକତରଫା ନିଷ୍ପତ୍ତି ଗ୍ରହଣର ଭୟାବହତାକୁ ପଦାରେ ପକାଇଛି । ନିକଟରେ ସୁପ୍ରିମକୋର୍ଟ ମଧ୍ୟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ନିର୍ବାଚନ ଆୟୋଗଙ୍କ ଦାବିକୁ ଖଣ୍ଡନ କରିବା ଘଟଣାକୁ ଆହୁରି ସମ୍ବେଦନଶୀଳ କରିଦେଇଛି ।

ଏହି ବିବାଦର ମୂଳ ଉତ୍ସକୁ ବୁଝିବାକୁ ହେଲେ ଆମକୁ 'ଫର୍ମ-୬'ର ବୈଧାନିକ ସ୍ଥିତି ଉପରେ ଦୃଷ୍ଟି ପକାଇବାକୁ ହେବ । ନିର୍ବାଚକ ପଞ୍ଜୀକରଣ ନିୟମ, ୧୯୬୦ ଅଧୀନରେ ଫର୍ମ-୬ ହେଉଛି ଏକ ବୈଧାନିକ ବା ଷ୍ଟାଟ୍ୟୁଟୋରୀ ଫର୍ମ, ଯାହା ମାଧ୍ୟମରେ ୧୮ ବର୍ଷ ବୟସ ଅତିକ୍ରମ କରିଥିବା ଯେକୌଣସି ଭାରତୀୟ ନାଗରିକ ନିଜକୁ ଭୋଟର ଭାବରେ ପଞ୍ଜୀକୃତ କରିପାରିବେ । ନିୟମ ଅନୁଯାୟୀ, ଏହି ଫର୍ମରେ କୌଣସି ପ୍ରକାରର ପରିବର୍ତ୍ତନ କରିବାର କ୍ଷମତା କେବଳ କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରଣାଳୟ ହାତରେ ରହିଛି ଏବଂ ଏଥିପାଇଁ ଲୋକପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୮ ଅନୁଯାୟୀ ସଂସଦର ଅନୁମୋଦନ ଆବଶ୍ୟକ। କିନ୍ତୁ ନିର୍ବାଚନ ଆୟୋଗ ନିଜର ଅନଲାଇନ୍ ପୋର୍ଟାଲରେ ଫର୍ମ-୬ ସହିତ ଏକ ଅତିରିକ୍ତ ଘୋଷଣାନାମା ଯୋଡ଼ିଥିଲେ । ଜୁନ୍ ୨୪, ୨୦୨୫ ମସିହାରେ ବିହାରରୁ ଆରମ୍ଭ ହୋଇଥିବା ଏସଆଇଆର ପ୍ରକ୍ରିୟା ସମୟରେ ଏହି ନୂତନ ବ୍ୟବସ୍ଥା ଲାଗୁ କରାଯାଇଥିଲା । ଏହି ଘୋଷଣାନାମାରେ ନୂତନ ଭୋଟରମାନଙ୍କୁ ପଚରାଯାଇଥିଲା ଯେ ପୂର୍ବବର୍ତ୍ତୀ ଏସଆଇଆର ସମୟରେ ସେମାନେ, ସେମାନଙ୍କ ପିତାମାତା କିମ୍ବା ଜେଜେବାପା-ଜେଜେମାଆ ଭୋଟର ତାଲିକାରେ ସାମିଲ ଥିଲେ କି ନାହିଁ । ଯଦି ଥିଲେ, ତେବେ ସେମାନଙ୍କର ବିଧାନସଭା କ୍ଷେତ୍ର, ପୋଲିଂ ବୁଥ୍, ସିରିଏଲ୍ ନମ୍ବର ଏବଂ ଏପିକ୍ ନମ୍ବର ଆଦି ପ୍ରଦାନ କରିବାକୁ ବାଧ୍ୟତାମୂଳକ କରାଯାଇଥିଲା । ଏହା ସହିତ ଏକ ଚେତାବନୀ ମଧ୍ୟ ଯୋଡ଼ାଯାଇଥିଲା ଯେ, ଯଦି କୌଣସି ବ୍ୟକ୍ତି ଭୁଲ୍ ତଥ୍ୟ ପ୍ରଦାନ କରନ୍ତି, ତେବେ ଲୋକପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୩୧ ଅନୁଯାୟୀ ତାଙ୍କୁ ଏକ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ କିମ୍ବା ଜୋରିମାନା କିମ୍ବା ଉଭୟ ଦଣ୍ଡ ଭୋଗିବାକୁ ପଡ଼ିପାରେ । ଏହିଭଳି ଏକ ଜଟିଳ ଏବଂ ଭୟଭୀତ କରାଇବା ଭଳି ସର୍ତ୍ତ ଯୋଡ଼ିବା ଦ୍ୱାରା ନୂତନ ଭୋଟରମାନଙ୍କ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା ।

ଏହି ପରିବର୍ତ୍ତନକୁ ନେଇ ନିର୍ବାଚନ ଆୟୋଗ ଭିତରେ ହିଁ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ଗତ ୧୦ ମାସ ମଧ୍ୟରେ ପ୍ରାୟ ୧୪ ଥର ଲିଖିତ ଭାବରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଏକତରଫା ନିଷ୍ପତ୍ତିକୁ ବିରୋଧ କରିଥିଲେ । ସେମାନେ ସ୍ପଷ୍ଟ ଭାବରେ ଦର୍ଶାଇଥିଲେ ଯେ ଫର୍ମ-୬ରେ ଏଭଳି ପରିବର୍ତ୍ତନ କରିବା ସମ୍ପୂର୍ଣ୍ଣ ରୂପେ ବେଆଇନ ଏବଂ ଅନଧିକୃତ ଅଟେ, କାରଣ ଏହା ନିର୍ବାଚକ ପଞ୍ଜୀକରଣ ନିୟମ, ୧୯୬୦ର ଉଲ୍ଲଂଘନ କରୁଛି । ବିଶେଷ କରି କମିଶନର ସାନ୍ଧୁ ଏହାକୁ ତୁରନ୍ତ ହଟାଇବା ପାଇଁ ଦାବି କରିଥିଲେ । ଜଣେ ଯୁବ ଭୋଟର, ଯିଏକି ପ୍ରଥମ ଥର ପାଇଁ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଯାଉଛି, ତାକୁ ୨୩ ବର୍ଷ ତଳର ତଥ୍ୟ ଖୋଜି ବାହାର କରିବାକୁ ବାଧ୍ୟ କରିବା କୌଣସି ଦୃଷ୍ଟିକୋଣରୁ ଯୁକ୍ତିଯୁକ୍ତ ନୁହେଁ । ଉଲ୍ଲେଖଯୋଗ୍ୟ ଯେ, ବିହାରରେ ଶେଷ ଥର ପାଇଁ ୨୦୦୩ ମସିହାରେ ଏସଆଇଆର ହୋଇଥିଲା । ତଥ୍ୟ ଅନୁଯାୟୀ, ବିହାରର ପ୍ରାୟ ୭.୯ କୋଟି ଭୋଟରଙ୍କ ମଧ୍ୟରୁ ୪.୯୬ କୋଟି ଭୋଟର ୨୦୦୩ ମସିହାର ତାଲିକାରେ ଥିଲେ । କିନ୍ତୁ ବାକି ନୂତନ ଭୋଟରମାନଙ୍କ ପାଇଁ ଏହି ପୁରୁଣା ତଥ୍ୟ ଯୋଗାଡ଼ କରିବା ଏକ ଅସମ୍ଭବ ବ୍ୟାପାର ଥିଲା । ଦୁଇ ଦଶନ୍ଧିରୁ ଅଧିକ ସମୟ ତଳର ପାରିବାରିକ ଭୋଟର ତଥ୍ୟ ଯୋଗାଡ଼ ନ କରିପାରିବା ଦ୍ୱାରା ଲକ୍ଷ ଲକ୍ଷ ଯୋଗ୍ୟ ନାଗରିକ ଭୋଟର ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥିଲା । ଆୟୋଗର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବା ଏବଂ ଜାଲ୍ ଭୋଟର ବା ଅଣ-ନାଗରିକଙ୍କୁ ବାଦ୍ ଦେବା । କିନ୍ତୁ ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ଯେଉଁ ପଦ୍ଧତି ଆପଣାଗଲା, ତାହା ଆନୁପାତିକତା ବା ପ୍ରପୋର୍ସନାଲିଟି ନିୟମର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଥିଲା । ନିଜର ସହକର୍ମୀମାନଙ୍କର ବାରମ୍ବାର ବିରୋଧ ସତ୍ତ୍ୱେ ମୁଖ୍ୟ ନିର୍ବାଚନ କମିଶନର ଏହି ପରିବର୍ତ୍ତନକୁ କାଏମ ରଖିବା ଗଣତାନ୍ତ୍ରିକ ଅନୁଷ୍ଠାନର କାର୍ଯ୍ୟଶୈଳୀ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲଗାଇଥିଲା ।

ବିବାଦ ବଢ଼ିବା ପରେ ନିର୍ବାଚନ ଆୟୋଗ ନିଜର ପଦକ୍ଷେପକୁ ସଠିକ୍ ପ୍ରମାଣିତ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଆଳ ନେଇଥିଲେ । ସେପ୍ଟେମ୍ବର ୨୬, ୨୦୨୬ ମସିହାରେ ଆୟୋଗ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଥିଲା ଯେ ଫର୍ମ-୬ ସହିତ ଯୋଡ଼ାଯାଇଥିବା ଏହି ନୂତନ ଘୋଷଣାନାମାକୁ ସୁପ୍ରିମକୋର୍ଟ ତାଙ୍କର ମେ ୨୭, ୨୦୨୬ ମସିହାର ରାୟରେ ଅନୁମୋଦନ କରିଛନ୍ତି । ସୁପ୍ରିମକୋର୍ଟ ସେହି ରାୟରେ ବିହାରରେ ଚାଲିଥିବା ଏସଆଇଆର ପ୍ରକ୍ରିୟାର ବୈଧତାକୁ କାଏମ ରଖିଥିଲେ ଏବଂ କହିଥିଲେ ଯେ ନିର୍ବାଚନ ଆୟୋଗଙ୍କ ପାଖରେ ଭୋଟର ତାଲିକା ସଂଶୋଧନ ପାଇଁ ଏକ ସ୍ୱତନ୍ତ୍ର ଡକ୍ୟୁମେଣ୍ଟେସନ୍ ଫ୍ରେମୱାର୍କ ପ୍ରସ୍ତୁତ କରିବାର କ୍ଷମତା ରହିଛି । କିନ୍ତୁ ଅକ୍ଟୋବର ୫, ୨୦୨୬ ମସିହାରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଏହି ପ୍ରସଙ୍ଗରେ ଯେଉଁ ସ୍ପଷ୍ଟୀକରଣ ଦେଲେ, ତାହା ନିର୍ବାଚନ ଆୟୋଗଙ୍କ ଦାବିକୁ ସମ୍ପୂର୍ଣ୍ଣ ରୂପେ ଭିତ୍ତିହୀନ ପ୍ରମାଣିତ କଲା । ପ୍ରଧାନ ବିଚାରପତି ସ୍ପଷ୍ଟ ଭାବରେ କହିଥିଲେ ଯେ, ଆମେ ଫର୍ମ-୬ର କୌଣସି ସଂଶୋଧିତ ରୂପକୁ ଅନୁମୋଦନ କରିନାହୁଁ, ଏହା ସମ୍ପୂର୍ଣ୍ଣ ସ୍ପଷ୍ଟ ହେବା ଦରକାର। ଏହା ସହିତ ସର୍ବୋଚ୍ଚ ନ୍ୟାୟାଳୟ ନିର୍ବାଚନ ଆୟୋଗଙ୍କଠାରୁ ରେକର୍ଡ ତଲବ କରିଛନ୍ତି ଯେ ଅନଲାଇନ୍ ଫର୍ମରେ ଏହି ପରିବର୍ତ୍ତନ କରିବା ପାଇଁ କିଏ ଅନୁମତି ଦେଇଥିଲା । ସୁପ୍ରିମକୋର୍ଟଙ୍କ ଏହି ଟିପ୍ପଣୀ ପରେ ନିର୍ବାଚନ ଆୟୋଗଙ୍କ ବିଶ୍ୱସନୀୟତା ଉପରେ ଏକ ଶକ୍ତ ଧକ୍କା ଲାଗିଛି ଏବଂ ଏହା ପ୍ରମାଣିତ ହୋଇଛି ଯେ ଆୟୋଗ ନିଜର ବେଆଇନ କାର୍ଯ୍ୟକୁ ଲୁଚାଇବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନାମର ଅପବ୍ୟବହାର କରୁଥିଲେ ।

ତଥ୍ୟ ଏବଂ ବିଶ୍ଳେଷଣାତ୍ମକ ଦୃଷ୍ଟିକୋଣରୁ ଦେଖିଲେ, ଏହି ଘଟଣାଟି ଭାରତର ନିର୍ବାଚନ ପରିଚାଳନା ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଦର୍ଶାଉଛି । ସମ୍ବିଧାନର ଧାରା ୩୨୪ ଅନୁଯାୟୀ ନିର୍ବାଚନ ଆୟୋଗଙ୍କୁ ଏକ ବହୁ-ସଦସ୍ୟ ବିଶିଷ୍ଟ ସଂସ୍ଥା ଭାବରେ ଗଠନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି କ୍ଷମତାର କେନ୍ଦ୍ରୀକରଣକୁ ରୋକିବା ଏବଂ ପାରସ୍ପରିକ ସହମତି ଭିତ୍ତିରେ ନିଷ୍ପତ୍ତି ନେବା । କିନ୍ତୁ ମୁଖ୍ୟ ନିର୍ବାଚନ କମିଶନର ଯେପରି ଭାବରେ ଅନ୍ୟ ଦୁଇ କମିଶନରଙ୍କ ଆପତ୍ତିକୁ ଅଣଦେଖା କରି ଏକତରଫା ଭାବରେ ନିଷ୍ପତ୍ତି ନେଲେ, ତାହା ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ଅଟେ । ବର୍ତ୍ତମାନ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ମଧ୍ୟ ବିଚାରାଧୀନ ରହିଛି, ଯେଉଁଥିରେ ଅଭିଯୋଗ ହୋଇଛି ଯେ ମୁଖ୍ୟ ନିର୍ବାଚନ କମିଶନର ଅନ୍ୟ ସଦସ୍ୟମାନଙ୍କ ବିନା ସହମତିରେ ୧୪ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଆବେଦନକାରୀଙ୍କ ଓକିଲ ବିକାଶ ସିଂହ ମୁଖ୍ୟ ନିର୍ବାଚନ କମିଶନରଙ୍କ ତୁରନ୍ତ ନିଲମ୍ବନ ଦାବି କରିଛନ୍ତି, କାରଣ ତାଙ୍କର କାର୍ଯ୍ୟକଳାପ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ନଷ୍ଟ କରୁଛି ବୋଲି ସେ ଯୁକ୍ତି ବାଢ଼ିଛନ୍ତି । ଏସବୁ ଘଟଣାକ୍ରମ ପ୍ରମାଣ କରୁଛି ଯେ ନିର୍ବାଚନ ଆୟୋଗ ଭିତରେ ସବୁକିଛି ଠିକ୍ ଚାଲିନାହିଁ । ଏକ ସ୍ୱାଧୀନ ସଂସ୍ଥା ଭାବରେ ନିର୍ବାଚନ ଆୟୋଗର ଯେଉଁ ନିରପେକ୍ଷତା ରହିବା କଥା, ତାହା ବର୍ତ୍ତମାନ ସନ୍ଦେହ ଘେରରେ ରହିଛି ।

ଏହି ବିବାଦର ପ୍ରଭାବ କେବଳ ଆଇନଗତ ପରିସର ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଏକ ବଡ଼ ରାଜନୈତିକ ଝଡ଼ ସୃଷ୍ଟି କରିଛି । ବିରୋଧୀ ଦଳମାନେ ଏହି ପ୍ରସଙ୍ଗକୁ ନେଇ ସରକାର ଏବଂ ନିର୍ବାଚନ ଆୟୋଗଙ୍କୁ ଘେରିଛନ୍ତି । ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଖୋଲାଖୋଲି ଭାବରେ ଅଭିଯୋଗ କରିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ବେଆଇନ ଏବଂ ଏକତରଫା ଭାବରେ ଫର୍ମ-୬ରେ ପରିବର୍ତ୍ତନ କରି ଶାସକ ଦଳ ବିଜେପିକୁ ଫାଇଦା ପହଞ୍ଚାଇବାକୁ ଚେଷ୍ଟା କରୁଛନ୍ତି ଏବଂ ଏହା ଗଣତନ୍ତ୍ର ଉପରେ ଏକ ଅପରାଧିକ ଆକ୍ରମଣ ଅଟେ । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବି କରିଛନ୍ତି। ଅନ୍ୟପକ୍ଷରେ ବିଜେପି ନେତା ସମ୍ବିତ ପାତ୍ର ଏକ ସାମ୍ବାଦିକ ସମ୍ମିଳନୀ କରି ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଦିଗଭ୍ରଷ୍ଟକାରୀ ବୋଲି କହିଛନ୍ତି । ନିର୍ବାଚନ ଆୟୋଗ ମଧ୍ୟ ରାହୁଲ ଗାନ୍ଧୀଙ୍କ ଦାବିକୁ ଖଣ୍ଡନ କରି ନିଜର ସ୍ପଷ୍ଟୀକରଣ ରଖିଛନ୍ତି । ଏଭଳି ରାଜନୈତିକ ଆରୋପ-ପ୍ରତ୍ୟାରୋପ ମଧ୍ୟରେ ନିର୍ବାଚନ ଆୟୋଗର ନିରପେକ୍ଷତା ଉପରେ ଜନସାଧାରଣଙ୍କ ବିଶ୍ୱାସ ହ୍ରାସ ପାଇବା ସ୍ୱାଭାବିକ । ଅବଶ୍ୟ, ତୀବ୍ର ସମାଲୋଚନା ଏବଂ ଅନ୍ୟ କମିଶନରଙ୍କ ବିରୋଧ ପରେ ନିର୍ବାଚନ ଆୟୋଗ ସେପ୍ଟେମ୍ବର ୩୦, ୨୦୨୬ ମସିହାରେ ଅନେକ ରାଜ୍ୟରେ ଅନଲାଇନ୍ ପୋର୍ଟାଲରୁ ଏହି ବିବାଦୀୟ ଏସଆଇଆର ଘୋଷଣାନାମାକୁ ହଟାଇ ଦେଇଛନ୍ତି । କିନ୍ତୁ ଯେଉଁ କ୍ଷତି ହେବାର ଥିଲା, ତାହା ହୋଇସାରିଛି ଏବଂ ଆୟୋଗର ଭାବମୂର୍ତ୍ତି ମଳିନ ପଡ଼ିଛି । ଏହି ଘଟଣା ଦର୍ଶାଉଛି ଯେ କୌଣସି ପ୍ରଶାସନିକ ସଂସ୍କାର ଆଣିବା ପୂର୍ବରୁ ତାହାର ବାସ୍ତବିକ ପ୍ରଭାବ ଏବଂ ଆଇନଗତ ବୈଧତା ଉପରେ ପୁଙ୍ଖାନୁପୁଙ୍ଖ ବିଚାରବିମର୍ଶ ହେବା ଆବଶ୍ୟକ । ବିଶେଷ କରି ଯେତେବେଳେ କଥା ଭୋଟର ତାଲିକା ପରି ଏକ ସମ୍ବେଦନଶୀଳ ଦଲିଲର ହୋଇଥାଏ, ସେତେବେଳେ କୌଣସି ପ୍ରକାରର ତରବରିଆ ନିଷ୍ପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

ପରିଶେଷରେ ଏହା କୁହାଯାଇପାରେ ଯେ, ଫର୍ମ-୬ ବିବାଦ କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଏହା ଗଣତାନ୍ତ୍ରିକ ବ୍ୟବସ୍ଥାରେ କ୍ଷମତାର ଅପବ୍ୟବହାର ଏବଂ ସାମ୍ବିଧାନିକ ସୀମା ଉଲ୍ଲଂଘନର ଏକ ଜ୍ୱଳନ୍ତ ଉଦାହରଣ । ଭୋଟର ତାଲିକାକୁ ସ୍ୱଚ୍ଛ ରଖିବା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ଏଥିପାଇଁ ଆଇନଗତ ପ୍ରକ୍ର ?ୟାକୁ ଅଣଦେଖା କରାଯାଇପାରିବ ନାହିଁ । କୌଣସି ବି ସଂସ୍ଥା, ତାହା ଯେତେ କ୍ଷମତାଶାଳୀ ହେଉନା କାହିଁକି, ଆଇନର ଉର୍ଦ୍ଧ୍ୱରେ ନୁହେଁ। ସୁପ୍ରିମକୋର୍ଟଙ୍କ ସମୟୋଚିତ ହସ୍ତକ୍ଷେପ ଏହି ଦିଗରେ ଏକ ଆଶାର କିରଣ ସୃଷ୍ଟି କରିଛି । ଆଗାମୀ ଦିନରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ହିଁ ନିର୍ଦ୍ଧାରଣ କରିବ ଯେ ନିର୍ବାଚନ ଆୟୋଗର ଆଭ୍ୟନ୍ତରୀଣ କାର୍ଯ୍ୟପ୍ରଣାଳୀ କିପରି ହେବା ଉଚିତ୍ ଏବଂ ଏକତରଫା ନିଷ୍ପତ୍ତି ଉପରେ କିଭଳି ଅଙ୍କୁଶ ଲଗାଯାଇପାରିବ । ଭାରତୀୟ ନିର୍ବାଚନ ଆୟୋଗକୁ ନିଜର ହଜିଯାଇଥିବା ଗରିମା ଫେରାଇ ଆଣିବାକୁ ହେଲେ ପାରଦର୍ଶିତା, ଆଇନର ଅନୁପାଳନ ଏବଂ ସମସ୍ତ ସଦସ୍ୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଅତ୍ୟନ୍ତ ଜରୁରୀ ।

ଧ୍ୱନି ପ୍ରତିଧ୍ୱନି



# ସମସ୍ତ ବଙ୍ଗାଳି ବାଂଲାଦେଶୀ ନୁହେଁ, ଭାରତୀୟ ବଙ୍ଗାଳି

**ଚନ୍ଦନ କୁମାର ମାଇତି**

ପ୍ରାଚୀନ କାଳରୁ ଭାରତରେ ମୁଖ୍ୟତ ବିଭିନ୍ନ ସମ୍ପ୍ରଦାୟ ଏବଂ ଭାଷା ଭାଷୀ ଲୋକ ରହୁଛନ୍ତି। ସେହିପରି ବଙ୍ଗଳା ଏକ ଭାଷା ଓ ତାହାର ଏକ ପ୍ରଦେଶ ମଧ୍ୟ ରହିଅଛି । ଭାରତରେ ବଙ୍ଗଳା ଭାଷା ବୋଲୁଥିବା ଲୋକ ମୁଖ୍ୟତ ପଶ୍ଚିମବଙ୍ଗରୁ ହୋଇଥାନ୍ତା। କିନ୍ତୁ ପ୍ରାଚୀନ କାଳରୁ ବିଭିନ୍ନ କାରଣ ହେତୁ ବଙ୍ଗଳା ଭାଷୀ ଲୋକ ଭାରତର କୋଣ ଅନୁକୋଣରେ ଦେଖିବାକୁ ମିଳନ୍ତି । ବହୁତ ପୂର୍ବରୁ ଅର୍ଥାତ ଇଂରେଜ ଶାସନ ସମୟ କାଳରୁ ଭାରତର ରାଜଧାନୀ କଲିକତା ଥିବା ସମୟରେ ପଶ୍ଚିମବଙ୍ଗ ଲୋକମାନେ ଦେଶର ବିଭିନ୍ନ ସ୍ଥାନକୁ ଯାଇ ବେପାର ବାଣିଜ୍ୟ କରୁଥିଲେ। ଫଳରେ ସମୟ କ୍ରମେ ବହୁତ ରାଜ୍ୟ ମାନଙ୍କରେ ବଙ୍ଗାଳି ଲୋକମାନେ ଜୀବନ ଜାପାନ କରିଆସିବାର ଦେଖିବାକୁ ମିଳେ । ସେହିପରି ଭାବରେ ଅନ୍ୟ ରାଜ୍ୟର ଲୋକମାନେ ମଧ୍ୟ ପଶ୍ଚିମ ବଙ୍ଗରେ ରହି ଆସୁଛନ୍ତି, ଏହିଟା ଏକ ସୌଭାବିକ କଥା ।

ଭାରତର ନାଗରିକ ହିସାବରେ ଆଇନ ଗତ ଅଧିକାର ଅଛି 'ଭାରତୀୟ ନାଗରିକ ଭାରତର ସମସ୍ତ ସ୍ଥାନରେ ରହିପାରିବେ' ଏବଂ ସେହିଠାରେ ସମସ୍ତ ସୁବିଧା ଉପଭୋଗ କରିପାରିବେ । କିନ୍ତୁ ବିଭିନ୍ନ ସମୟରେ ଦେଖିବାକୁ ମିଳେ ଯେ ବଙ୍ଗଳା ସମ୍ପ୍ରଦାୟ ବା ବଙ୍ଗଳା ଭାଷୀ ଲୋକଙ୍କୁ ବାଂଲାଦେଶୀ କୁହାଯାଏ। ଲୋକଙ୍କ କହିବା କଥା ବଙ୍ଗାଳି ଲୋକ କେବଳ ବାଙ୍ଗଲାଦେଶରେ ରୁହନ୍ତି। ଏହା ସମ୍ପୂର୍ଣ ଭୁଲ ବା ରାଜନୈତିକ କିଛି କାରଣ ରହିଥାଇ ପରେ। ଓଡିଶାରେ କିଛି ଜିଲ୍ଲା ମାନଙ୍କରେ ଯେଉଁ ବଙ୍ଗଳା ଲୋକମାନେ ବହୁତ ପୂର୍ବରୁ ରହିଆସୁଛନ୍ତି ସେମାନଙ୍କୁ ମଧ କୁହାଯାଉଛି। ଏହା ମୁଖ୍ୟତଃ ସମୁଦ୍ର ପାର୍ଶ୍ୱବର୍ତ୍ତୀ ଜିଲ୍ଲା ମାନଙ୍କରେ ରହୁଥିବା ଲୋକମାନେ ଏଥିରେ ପ୍ରଭାବିତ ହେଇଆସୁଛନ୍ତି । ସରକାର ଏହା ପ୍ରତି ମଧ ଧ୍ୟାନ ଦେବା ଆବଶ୍ୟକ ଅଛି କେଉଁମାନେ ଅବୈଧ ଭାବରେ ଭାରତରେ ପ୍ରବେଶ କରୁଛନ୍ତି ଏବଂ ସେମାନଙ୍କ ପ୍ରତି ଆଇନ ଗତ କାର୍ଯ୍ୟାନୁଷ୍ଠାନ ଯଥା ଶୀଘ୍ର ନିଆଯିବ ଦରକାର। ଯେଉଁ ମାନେ ଅବୈଧ ଭାବରେ ରହିଆସୁଛନ୍ତି ସେହିଠାରେ ଝଓଜ କୁ କଡ଼ା କଡ଼ି ଭାବରେ ଲାଗୁକରି ଯଥାଶୀଘ୍ର ଭାରତରୁ ବିତାଡିତ କରାଯିବା ଆବଶ୍ୟକ ରହିଛି ।

ବହୁତ ପୂର୍ବରୁ ପାଖାପାଖି ଶହେ ବର୍ଷ ବା ଭାରତ ସ୍ୱାଧୀନ ହେବା ପୂର୍ବରୁ ଓଡିଶାର କିଛି ସାହୁକାର ଏବଂ ରାଜା ମାନେ ଶ୍ରମିକ ଭାବରେ ପଶ୍ଚିମବଙ୍ଗରୁ ବହୁତ ଲୋକଙ୍କୁ ଶ୍ରମିକ ଭାବରେ ଆଣୁଥିଲେ । ସେହି ସମୟରେ ଶ୍ରମିକ ମାନଙ୍କୁ ରହିବା ପାଇଁ ରାଜା ବା ଜମିଦାର ମାନେ ଚାଷ କରିବାକୁ କିଛି ଜାଗା ମଧ୍ୟ ଦେଉଥିଲେ। ଯାହା ଫଳରେ ପଶ୍ଚିମ ବଙ୍ଗରୁ ଆସୁଥିବ ଶ୍ରମିକ ମାନେ ଧୀରେ ଧୀରେ ଜମି ଅଧିଗ୍ରହଣ କରି ରହି ଆସୁଅଛନ୍ତି। ସେହିପରି ଭାବରେ କିଛି କିଛି ବଙ୍ଗାଳି ଲୋକ ଓଡିଶା ଆସିବାକୁ ଲାଗିଲେ ଏବଂ ପରବର୍ତ୍ତୀ ସମୟରେ ସ୍ଥାୟୀ ଭାବରେ ରହିଗଲେ। ପରେ ପରେ ବଙ୍ଗାଳି ଲୋକ ଜୀବନ ଜାପାନ କରିବା ପାଇଁ ବିଭିନ୍ନ ଉପାୟ ଯେମିତିକି ଚାଷ କରିବା ଏବଂ ସମୁଦ୍ରର ମାଛ ଧରିବା କାମ କରିବାକୁ ଲାଗି ଯାଇଥିଲେ। ଉଦ୍ଧାରଣ ସ୍ୱରୂପ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ରାଜା ମଧ ବିଭିନ୍ନ ସମୟରେ ପଶ୍ଚିମ ବଙ୍ଗ ମେଦିନୀପୁର, କଣ୍ଟେଇ ଆଦି ସ୍ଥାନମାନକରୁ ଲୋକଙ୍କୁ ଆଣି ଚାଷ କାମ ଆଦିରେରେ ନିୟଯୋଗ କରିବାର ଦେଖାଯାଏ । ସେହି ଲୋକମାନେ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲା ସ୍ଥିତ ଧାମରା, ବଳିମୁଣ୍ଡା, ତାଳଚୁଆ, ଡାଙ୍ଗମାଣ, ଗୁପ୍ତି, ଜୁନୁସନଗର ଇତ୍ୟାଦି ସ୍ଥାନ ମାନଙ୍କରେ ଏବେ ମଧ ରହିଆସୁଛନ୍ତି।

ବର୍ତ୍ତମାନ ବିବାଦର ବିଷୟ ଯେ ବଙ୍ଗଳା କହୁଥିବା ଏବଂ ବଙ୍ଗାଳି ଲୋକମାନଙ୍କୁ ବାଂଲାଦେଶୀର ଆରୋପ ଲଗାଯାଉଛି। ଏହା ହେଉଛି ଦେଶର ଅବସ୍ଥା ଏବଂ ଲୋକଙ୍କ ମାନସିକତା । ବିଭିନ୍ନ ସମୟରେ ସାଧାରଣ ଲୋକଟି ଜିଲ୍ଲା ବାହାରକୁ ଯାଇ ନିଜର ନାମ ବା ପରିଚୟ ରଖିଲା ସମୟରେ ବଙ୍ଗାଳି ଦେଖିଲେ ତାଙ୍କୁ ବାଂଲାଦେଶୀ ବୋଲି କୁହାଯାଉଛି। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଯଥା ରାଜନଗର ଯେଉଁ ବଙ୍ଗାଳି ଲୋକ ରହୁଛନ୍ତି ସେମାନେ ବହୁତ ପୂର୍ବରୁ ଅର୍ଥାତ ଭାରତ ସ୍ୱାଧୀନ ହେବା ପୂର୍ବରୁ ସ୍ଥାୟୀ ଭାବରେ ରହିଆସୁଛନ୍ତି। ସମୟ ସମୟରେ ସରକାରଙ୍କ ଦୁର୍ବଳତା ଏବଂ ପ୍ରଶାସନର ଦୁର୍ଭାଗ୍ୟରେ ରାଜନଗର ସ୍ଥିତ ବିଭିନ୍ନ ସ୍ଥାନମାନଙ୍କରେ ବାଂଲାଦେଶୀ ପ୍ରବେଶ କରିବାରେ ଦେଖାଯାଇଛି। ଏହାର କାରଣ ନୁହେଁ ଯେ ସମସ୍ତେ ବାଂଲାଦେଶୀ। ଯାହା ଦ୍ୱାରା ସାଧାରଣ ସ୍ଥାୟୀ ବଙ୍ଗାଳି ଲୋକଟି ହଇରାଣ ହେଉଛନ୍ତି ଯଦି ଏହା ଉପରେ ସରକାର ନଜର ନଦେବେ ଆଗକୁ ସ୍ଥାୟୀ ଜନସାଧାରଣ ବହୁତ ହଇରାଣ ହେବେ।

ମୁଖ୍ୟତଃ ରାଜନଗର ସ୍ଥିତ ତାଳଚୁଆ, ଗୁପ୍ତି, ଈଶ୍ୱରପୁର, ପେଣ୍ଠି ଆଦି ସ୍ଥାନ ମାନଙ୍କରେ ମତ୍ସଜୀବି ମାନେ ରହିଆସୁଛନ୍ତି। ଏମାନେ ପୁରା ବଙ୍ଗାଳି ବା ପୁରା ଓଡ଼ିଆ ନୁହନ୍ତି। ଏକ ପ୍ରକାର ମିଶ୍ରଣ ଭାଷା କହୁଥିବା ଲୋକ ଏବଂ ଏହି ପ୍ରକାର ଭାଷା ଭାଷୀ ବାଲେଶ୍ୱର, ମେଦିନୀପୁର ଓ କାଁଥି ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ମାନଙ୍କରେ ଦେଖିବାକୁ ମିଳିଥାଏ । ଏମାନେ ଏକ ପ୍ରକାର ଓଡ଼ିଆ ଲୋକ ବୋଲି ଆମେ କହିପାରିବ । କାରଣ ମେଦିନୀପୁର ଓ କାଁଥି ଅଞ୍ଚଳ ଗୁଡିକ ପୂର୍ବରୁ ଓଡିଶାର ଅଂଶ ଥିଲା ବୋଲି କୁହାଯାଏ। ଅର୍ଥାତ ଏହି ସ୍ଥାନ ମାନଙ୍କରୁ ଆସିଥିବା ଲୋକ ମାନଙ୍କୁ ଆମେ ଓଡ଼ିଆ ହିଁ କହପରିବା। ବହୁତ ବର୍ଷ ପୂର୍ବରୁ ବା ଏକ ଦଶନ୍ଧି ବର୍ଷ ପୂର୍ବରୁ ତାଳଚୁଆ ଓ ଧାମରା ଲୋକମାନେ ପଶ୍ଚିମ ବଙ୍ଗ ସାଧାରଣ ନିର୍ବାଚନରେ ନିଜର ମତ ଦାନ କରୁଥିଲେ। ବର୍ତ୍ତମାନ ସମୟରେ ନିଜର ପରିଚୟ ପାତ୍ର ସଂଶୋଧନ କରି ଓଡିଶା ନିର୍ବାଚନରେ ନିଜର ମୋତେ ଦାନ କରୁଛନ୍ତି। ଅର୍ଥାତ ଏହିଥିରୁ ପ୍ରମାଣ ମିଳେ ଯେ ସମୁଦ୍ର ଉପକୂଳବର୍ତ୍ତୀ ଯଥା ରାଜନଗର ବଙ୍ଗାଳି ଲୋକମାନେ କଉଠି ନା କଉଠି ଭାରତୀୟ । ଏହା ମଧ ସତ୍ୟତା ରହିଛି ଯେ ସ୍ଥାୟୀ ବଙ୍ଗାଳି ଲୋକମାନଙ୍କ ମଧ୍ୟରେ ବାଂଲାଦେଶୀ ଅନୁପ୍ରବେଶକରି ଛଦ୍ମବେଶୀ ଭାବରେ ପଶ୍ରୟ ନେଉଛନ୍ତି। ପ୍ରମୁଖ ବିଷୟ ହେଉଛି ଅନୁପ୍ରବେଶକରି, ରହିଙ୍ଗା ବାଂଲାଦେଶୀ ଠାରୁ ସାଧାରଣ ଲୋକଙ୍କୁ ସୁରକ୍ଷା କରିବା ଏବଂ ବାଙ୍ଗଲାଦେଶୀ ମାନଙ୍କୁ ବିତାଡିତ କରିବା ପ୍ରଶାସନ ଓ ସରକାରଙ୍କ ଦାୟିତ୍ୱ ରହିଛି। ଯେଉଁ ଯେଉଁ ସ୍ଥାନ ମାନଙ୍କରେ ବାଂଲାଦେଶୀ ଅନୁପ୍ରବେଶକରି ମାନଙ୍କର ପାଦୁର୍ଭାବ ରହିଛି ସେହି ସ୍ଥାନ ଗୁଡିକରେ SIR କଡ଼ା କଡି ଲାଗୁ କରିବାର ଆବଶ୍ୟକ ରହିଛି ।

ଓଡିଶା ନିଜର ଏକ ଭାଷା ଓ ସଂସ୍କୃତି ପରିପୂର୍ଣ୍ଣ ରାଜ୍ୟ ଯାହା ସାରା ବିଶ୍ୱକୁ ନିଜର ମାର୍ଗଦର୍ଶନ କରିଥାଏ। ଓଡିଶାର ପାର୍ଶ୍ୱବର୍ତ୍ତୀ ରାଜ୍ୟ ମାନଙ୍କରୁ ଆସି ଓଡିଶାରେ ବସବାସ କରୁଥିବା ଲୋକ ମଧ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଆପଣେଇ ନେଇଛନ୍ତି। ଏହାର ଉଦ୍ଧାର ଓଡିଶାର ସୀମା ଅନ୍ୟ ରାଜ୍ୟ ଗୁଡିକ ସହିତ ସଂଯୁକ୍ତ ହେଇରହିଛି । ଯାହା ଫଳରେ ଅନ୍ୟ ରାଜ୍ୟ ଲୋକ ଓଡିଶାରେ ଏବଂ ଓଡ଼ିଆ ଲୋକ ଅନ୍ୟ ରାଜ୍ୟ ମାନଙ୍କର ଦେଖିବାକୁ ମିଳେ। ସେହି ସ୍ଥାନ ଗୁଡିକରେ ଏକ ପ୍ରକାର ମିଶ୍ରଣ ଭାଷା ଦେଖାଯିବ ସହିତ ପାର୍ଶ୍ୱ ରାଜ୍ୟର ସଂସ୍କୃତି ମଧ ପ୍ରତିଫଳିତ ହୁଏ । ଆଉ ଏକ ଉଦ୍ଧାରଣ ଗଞ୍ଜାମ ଜିଲ୍ଲାକୁ ଲକ୍ଷ୍ୟ କରିବା ଯଦି ସେହି ଜିଲ୍ଲାକୁ ଲାଗିକରି ଆନ୍ଧ୍ର ପ୍ରଦେଶ ରହିଛି ଯାହା ଫଳରେ ଗଞ୍ଜାମରେ ମଧ ତେଲୁଗୁ ଭାଷୀ ଲୋକ ଦେଖାଯାଆନ୍ତି । ସେହିପରି ଭାବରେ ମୟରଭଞ୍ଜ, ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼ ଆଦି ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳମାନଙ୍କରେ ହିନ୍ଦି ଭାଷୀ ଲୋକ ଦେଖାଯାନ୍ତି କାରଣ ଝାଡ଼ଖଣ୍ଡ ଏବଂ ଛତିଶଗଡ ଓଡିଶାର ସୀମା ସହିତ ଲାଗିକି ରହିଛି । ସେହିପରି ପଶ୍ଚିମ ବଙ୍ଗକୁ ବାଲେଶ୍ୱର ଜିଲ୍ଲା ସଂଯୋଜଗ କରିଛି। ଯାହା ଫଳରେ ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଯେମିତିକି ଦିଘା ପାଖରୁ ଆରମ୍ଭ କରି ପାରାଦ୍ୱୀପ ପର୍ଯ୍ୟନ୍ତ ବଙ୍ଗାଳା ଲୋକମାନେ ବସବାସ କରୁଥିବାର ଦେଖାଯାଏ। ମୁଖ୍ୟତଃ ସମୁଦ୍ର ପାଖାପାଖି ଅଞ୍ଚଳରେ ରହିବାର ଉଦ୍ଦେଶ ମତ୍ସ୍ୟଜୀବୀ ଏବଂ କୃଷି କାର୍ଯ୍ୟ। ଲକ୍ଷ୍ୟ କରାଯାଏ ଏମାନଙ୍କର ଜୀବିକା ସମୁଦ୍ରରୁ ମାଛ ଧରିବ, ଗୋପାଳନ ଓ କୃଷି ଇତ୍ୟାଦି କାର୍ଯ୍ୟରେ ନିର୍ଭରଶୀଳ।

ଭାରତରେ ବଙ୍ଗାଳି ଲୋକଙ୍କ ଭୂମିକା କହିଲେ ହଜାର ହଜାର ପୃଷ୍ଠା ଆବଶ୍ୟକ । କହିବାକୁ ଗଲେ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଜାତୀୟ କବି ରବୀନ୍ଦ୍ର ନାଥ ଟେଗୋର ଏମିତି ଏନେକ ବଙ୍ଗାଳି ଲୋକଙ୍କ ଉଦ୍ଧାହରଣ ରହିଛି ଭାରତ ଇତିହାସରେ ରହିଆସିଛି । ଏକ ସମୟରେ ଭାରତ ଅର୍ଥନୈତିକ ମେରୁଦଣ୍ଡ ପଶ୍ଚିମ ବଙ୍ଗ ଥିଲା। ବର୍ତ୍ତମାନ ସମୟରେ ଓଡ଼ିଶାର ଅର୍ଥନୀତିରେ ବଙ୍ଗାଳି ମତ୍ସଜୀବି ଓ କୃଷକମାନଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନିୟ। ତେଣୁ ଓଡ଼ିଶାରେ ରହୁଥିବା ବଙ୍ଗାଳି ସମ୍ପ୍ରଦାୟ ଲୋକଙ୍କୁ ବାଂଲାଦେଶୀ କହି ଅପମାନିତ କରିବା କିମ୍ବା ଲଜ୍ଜିତ କରିବ ଏହା ଏକ ନିନ୍ଦନୀୟ ବିଷୟ ହେଇପଡ଼ିଛି । ତେଣୁ ବଙ୍ଗାଳି ଲୋକଙ୍କୁ ଯଦି ଏହିପରି ଆଗକୁ ବାଂଲାଦେଶୀ କୁହାଯିବ ତେବେ ଓଡ଼ିଶା ଓ ଭାରତ ପାଇଁ ଦୁର୍ଭାଗ୍ୟର ବିଷୟ।

+କେନ୍ଦ୍ରାପଡ଼ା, ରାଜନଗର
ମୋ : ୭୬୦୯୦୨୮୭୦୫



# ବୟସର ଅପରାହ୍ନରେ ସନ୍ଦେହର ଛାୟା କାହିଁକି ?

**ବିଷ୍ଣୁ ପ୍ରସାଦ ଦାସ**

ବୟସର ଅପରାହ୍ନରେ କାହିଁକି ଅନେକ ବରିଷ୍ଠ ବ୍ୟକ୍ତି ସନ୍ଦେହର ଘେରକୁ ଆସି ଯାଆନ୍ତି ? ଏହି ପ୍ରଶ୍ନଟି ଆଜିକାଲି ମୋତେ ବାରମ୍ବାର ଚିନ୍ତାଗ୍ରସ୍ତ କରାଉଛି । ବରିଷ୍ଠ ନାଗରିକ ମାନେ କ'ଣ ସତରେ ପରକୀୟାରେ ଲିପ୍ତ ରହୁଛନ୍ତି ? ଜୀବନର ଏହି ପର୍ଯ୍ୟାୟରେ ଆସି ମୁଁ ଭାବୁଛି... ମଣିଷର ବୟସ ବଢ଼ିଗଲେ କ'ଣ ତା'ର ବନ୍ଧୁତା, ଭାବନା, ସ୍ନେହ ଏବଂ ମାନବୀୟ ସମ୍ପର୍କର ଆବଶ୍ୟକତା ଶେଷ ହୋଇଯାଏ ?

କୌଣସି ଚାରିତ୍ରିକ ଦୁର୍ବଳତା ନଥିବା ବ୍ୟକ୍ତିଟି ଅଯଥାରେ ପରିବାର ପାଖରେ କାହିଁକି ଲଜ୍ଜିତ ହେଉଛି ? କିଛି ବରିଷ୍ଠ ନାଗରୀକ ଘରୁ ବାହାରକୁ ଯାଇ ସମବୟସ୍କ ସାଙ୍ଗସାଥୀଙ୍କ ସହିତ ଆଳାପ-ଆଲୋଚନା କରନ୍ତି । କିନ୍ତୁ ପରିବାରର କିଛି ସଦସ୍ୟ ହୁଏତ ଏହାକୁ ସହଜଭାବେ ଗ୍ରହଣ କରିବାକୁ ଚାହାନ୍ତି ନାହିଁ । ଫେସବୁକ୍ ଏବଂ ହ୍ୱାଟ୍ସଆପ୍‌ରେ ଅନେକ ମହିଳା, ପୁରୁଷ ବନ୍ଧୁଙ୍କ ସହିତ ଭାବର ଆଦାନ-ପ୍ରଦାନ ଆଜିର ସମୟରେ ଏକ ସାଧାରଣ କଥା। ସାହିତ୍ୟ, ସଂସ୍କୃତି, ଜୀବନଶୈଳୀ ଏବଂ ଜୀବନର ଅଭିଜ୍ଞତାକୁ ନେଇ ଆଲୋଚନା ହୁଏ । ଏପରି ସମ୍ପର୍କ ଅନେକ ସମୟରେ ସମ୍ମାନଜନକ ବନ୍ଧୁତାର ନିଦର୍ଶନ ହୋଇ ପାରେ, କିଛି କ୍ଷେତ୍ରରେ ଏକ ଆକର୍ଷଣ ମଧ ପାଲଟି ଯାଏ । ମୋର ମନରେ ଏକ ବିଶ୍ୱାସ ଅଛି, ଯେଉଁ ସମ୍ପର୍କର ଭିତ୍ତି ସମ୍ମାନ, ସ୍ନେହ ଏବଂ ମାନବିକତା ଉପରେ ଗଢ଼ି ଉଠିଛି, ତାହାକୁ ପରକୀୟାର ଚଷମାରେ ଦେଖିବା ଠିକ୍ ନୁହେଁ । ଜଣେ ପୁରୁଷ ଏବଂ ଜଣେ ମହିଳା ପରସ୍ପରର ବନ୍ଧୁ ହେବାରେ କ'ଣ କିଛି ଆପତ୍ତି ଅଛି ? ଭଲପାଇବା ଏବଂ ବନ୍ଧୁତା କ'ଣ କେବଳ ଯୌନ ସମ୍ପର୍କର ଅନ୍ୟ ନାମ ? ମୋର ଉତ୍ତର...ନା ।

ଭଲପାଇବାର ଅନେକ ରୂପ ଅଛି । କେଉଁଠି ଏହା ମା'ର ସ୍ନେହ, କେଉଁଠି ବନ୍ଧୁର ବନ୍ଧୁତ୍ୱ, ଆଉ କେଉଁଠି ଜଣେ ମଣିଷର ଅନ୍ୟ ଜଣେ ମଣିଷ ପ୍ରତି ଗଭୀର ସମ୍ମାନ। କେବେ କେବେ ଦୁଇଜଣ ମଣିଷ କେବଳ କଥା ହୋଇ ମଧ ପରସ୍ପରର ଏକାକୀତ୍ୱକୁ ହ୍ରାସ କରିପାରନ୍ତି। ସେହି ସମ୍ପର୍କକୁ ଅନୈତିକତାର ନାମ ଦେବା କ'ଣ ଯୁକ୍ତି ସଙ୍ଗତ ? ବିଶେଷକରି ବୟସର ଅପରାହ୍ନରେ ବରିଷ୍ଠଙ୍କ ଆବଶ୍ୟକତା କେବଳ ଅର୍ଥ ସୁଷମ ଖାଦ୍ୟ, ବସ୍ତ୍ର କିମ୍ବା ଶାରୀରିକ ସୁଖ ନୁହେଁ। ଉତ୍ତମ କଥୋପକଥନ, ଜଣେ ମନଦେଇ ଶୁଣୁଥିବା ମଣିଷ, ଜଣେ ନିଜ ମନକୁ ବୁଝୁଥିବା ବନ୍ଧୁ, ଏସବୁ ମଧ ଜୀବନର ଆବଶ୍ୟକତାର ଏକ ଅଂଶ । ଏକାକୀତ୍ୱର କଷ୍ଟ ଭୋଗୁଥିବା ଥିବା ମଣିଷ ପାଇଁ ଜଣେ ପ୍ରକୃତ ବନ୍ଧୁ ଅନେକ ସମୟରେ ଅମୂଲ୍ୟ ହୋଇପାରେ। ତେବେ ଏଠାରେ ବରିଷ୍ଠ ମାନେ ମଧ ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି। ହୁଏତ ତାଙ୍କର କୌଣସି ବ୍ୟବହାର, କୌଣସି କଥା କିମ୍ବା ସୋସିଆଲ୍ ମିଡିଆ ପ୍ରତି ଅତ୍ୟଧିକ ଆକର୍ଷଣ ପରିବାର ସଦସ୍ୟଙ୍କ ମନରେ ସନ୍ଦେହ ସୃଷ୍ଟି କରିପାରେ । ତାଙ୍କର ଉଦ୍ଦେଶ୍ୟ ନିର୍ମଳ ଥିଲେ ମଧ ଅନ୍ୟ ଜଣଙ୍କ ମନରେ ଯଦି ସନ୍ଦେହ ଜନ୍ମ ନେଉଛି, ତେବେ ସେହି ସନ୍ଦେହର କାରଣକୁ ତର୍ଜମା କରିବା ମଧ ବରିଷ୍ଠଙ୍କ ଦାୟିତ୍ୱ । ଅନ୍ୟପକ୍ଷରେ, ଯେଉଁମାନେ ବରିଷ୍ଠ ନାଗରିକ ମାନଙ୍କୁ ସନ୍ଦେହର ଚକ୍ଷୁରେ ଦେଖୁଛନ୍ତି, ସେମାନେ ମଧ ଏକଥା ବୁଝିବା ଦରକାର, ବୟସର ଅପରାହ୍ନରେ ଜଣେ ବୟସ୍କ ବ୍ୟକ୍ତି ପ୍ରକୃତରେ କ'ଣ ଚାହୁଁଛନ୍ତି ?

ସାରା ଜୀବନ ମୁଣ୍ଡର ଝାଳ ତୁଣ୍ଡରେ ମାରି, ପରିବାରକୁ ନିଜ ଗୋଡ଼ରେ ଠିଆ କରାଇବା ପାଇଁ ଯେଉଁ ବ୍ୟକ୍ତି ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ, ଯେଉଁ ମା ମାନେ ପରିବାରର ସୁଖ ପାଇଁ ପ୍ରତ୍ୟେକଟି ମୁହୂର୍ତ୍ତ ନିଃସ୍ୱାର୍ଥପର ଭାବେ ଦେଇଥିଲେ। ସେହି ବରିଷ୍ଠ ବ୍ୟକ୍ତିଙ୍କୁ ବୟସ ବଢ଼ିଲା ପରେ ଯଦି ନିଜ ପରିବାର ମଧ୍ୟରେ ଏକାକୀତ୍ୱର ଶିକାର ହେବାକୁ ପଡ଼େ, ହୃଦୟକୁ ଆଘାତ ଦେଲା ପରି କଟୁ କଥା ଶୁଣିବାକୁ ପଡ଼େ ତେବେ ଏହା ନିଶ୍ଚୟ ଆମ ସମାଜ ପାଇଁ ଚିନ୍ତାର ବିଷୟ। ସନ୍ଦେହ ସମ୍ପର୍କକୁ ଜଟିଳ ପରିସ୍ଥିତି ମଧ୍ୟକୁ ଟାଣି ନିଏ, ବିଶ୍ୱାସ ଏବଂ ଖୋଲା ଆଲୋଚନା ହିଁ ସମ୍ପର୍କକୁ ବାନ୍ଧି ରଖେ । ତେଣୁ ପରିବାରରେ ଖୋଲା ଆଲୋଚନା ମାଧ୍ୟମରେ ବରିଷ୍ଠଙ୍କ ଭାବନା ଏବଂ ଆବଶ୍ୟକତାକୁ ବୁଝିବା ଜରୁରୀ । ଜଣେ ବରିଷ୍ଠ ନାରୀ ବା ପୁରୁଷ କେବଳ ଶାରୀରିକ ସମ୍ପର୍କ ପାଇଁ ବନ୍ଧୁତାର ବନ୍ଧନରେ ଆବଦ୍ଧ ହୁଅନ୍ତି ନାହିଁ । ଏକାକୀତ୍ୱ ଠାରୁ ଦୂରେଇବା, ପରସ୍ପରକୁ ବୁଝିବା, ଜୀବନର ଅନୁଭବ ବାଣ୍ଟିବା ଏବଂ କିଛି ମୁହୂର୍ତ୍ତ ହସିବା, ଏସବୁ ମଧ ଜୀବନର ଏକ ଅଂଶ ।

ଯୁବକ-ଯୁବତୀ ତଥା ପରିବାରର ଅନ୍ୟ ସଦସ୍ୟମାନଙ୍କ ପାଖରେ ହୁଏତ ସବୁବେଳେ ବରିଷ୍ଠଙ୍କ କଥା ଶୁଣିବାକୁ ସମୟ ନଥାଏ । ବରିଷ୍ଠ ଏବଂ କନିଷ୍ଠଙ୍କ ମଧ୍ୟରେ ଚିନ୍ତାଧାରାର ତାଳ ମେଳର ଅଭାବ ମଧ ଦେଖା ଯାଇ ପାରେ । ତେଣୁ ବରିଷ୍ଠମାନେ ପାର୍କ ହେଉ କିମ୍ବା ଅନ୍ୟ କୌଣସି ସ୍ଥାନରେ ବସି ନିଜ ଜୀବନରେ ଘଟି ଯାଇଥିବା ବାଧାବିଘ୍ନ, ଭଲମନ୍ଦ ଅନୁଭବ ତଥା ସ୍ମୃତିକୁ ନେଇ ଆଲୋଚନା କଲେ, କିଛି ହସଖୁସି ବାଣ୍ଟିଲେ, ସେଥିରେ ଅସୁବିଧା ରହିଲା କେଉଁଠି ? ବୃଦ୍ଧ-ବୃଦ୍ଧାମାନେ କ'ଣ ନିଜର ସ୍ୱାଧୀନତାକୁ ଉପଭୋଗ କରି ପାରିବେ ନାହିଁ ? ମାନବିକତା ଦୃଷ୍ଟିକୋଣରୁ ପରିବାରର ଯୁବ ସଦସ୍ୟ ମାନେ ଏକଥା ହୃଦୟଙ୍ଗମ କରିବାର ସମୟ ଆସିଛି ।

ଜୀବନର ଅନେକ ଅଭିଜ୍ଞତାକୁ ବରିଷ୍ଠ ମାନେ ନିଜ ହୃଦୟରେ ସାଉଁଟି ଧରିଛନ୍ତି। ଜୀବନର ଅପରାହ୍ନରେ ସେମାନଙ୍କର ଆବଶ୍ୟକତା କେବଳ ଜୀବନସାଥୀ ଖୋଜିବା ନୁହେଁ ବନ୍ଧୁ! ବରଂ କିଛି ବନ୍ଧୁତା, କିଛି ଭାବର ଆଦାନ ପ୍ରଦାନ କିଛି ଆନ୍ତରିକତା ତଥା ଜୀବନର ଶେଷ ପର୍ଯ୍ୟନ୍ତ ନିଜକୁ ସତେଜ ରଖିବାର ଏକ ନୂଆ ଆଶାକୁ ନେଇ ଆଗେଇ ଚାଲିବା । ପ୍ରେମ, ପ୍ରତାରଣା, ଯୌନ ସମ୍ପର୍କ ଗଢିବାର ବୟସକୁ ସେମାନେ ଅନେକ ପଛରେ ଛାଡି ଆସିଛନ୍ତି। ସୂର୍ଯ୍ୟାସ୍ତର ରକ୍ତିମ କିରଣ ତୀର୍ଯ୍ୟକ ଭାବେ ଦିଗ୍ୱଳୟକୁ ଛୁଇଁ ଯିବାକୁ ବସିଲାଣି । କିଛି ସମୟ ପରେ ସଂଧ୍ୟା ଉପନୀତ ହେବ, ତଥାପି ସନ୍ଦେହ ? ବରିଷ୍ଠଙ୍କ ମଧ୍ୟରେ ଅନେକ କ୍ଷେତ୍ରରେ ଜିଦ୍‌ଖୋର ମନୋବୃତ୍ତି ଦେଖାଯାଉଛି । ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇ ଚଳିବା ସେମାନଙ୍କ ପାଇଁ କଷ୍ଟକର ହୋଇ ପାରେ। ସେହିପରି ସେମାନଙ୍କୁ ଉପର ଠାଉରିଆ ଭାବେ ସନ୍ଦେହ କରୁଥିବା ଲୋକ ମାନଙ୍କ ବୁଝିବାରେ ମଧ ଭୂଲ ଥାଇପାରେ । ତେଣୁ ଉଭୟ ପକ୍ଷ ସଂଯମ, ସ୍ୱଚ୍ଛତା, ପରସ୍ପରକୁ ସମ୍ମାନ ସହିତ ଖୋଲା ଆଲୋଚନା କରି ସମାଧାନର ପଥ ଖୋଜିବା ଯୁବ ସମାଜର କର୍ତ୍ତବ୍ୟ । ସମ୍ପର୍କର ସବୁଠାରୁ ବଡ଼ ଶତ୍ରୁ ହେଉଛି ସନ୍ଦେହ। ବୟସ ବଢ଼ିଲେ ମଣିଷର ହୃଦୟ ବୃଦ୍ଧ ହୁଏ ନାହିଁ, ତା'ର ମନ ପସନ୍ଦର ସାଥିଟିଏ ଆବଶ୍ୟକ ହୁଏ। ସେଇ ସାଥୀଟି ନିଜର ପତି/ପତ୍ନୀ ହୋଇପାରେ ବା ଅନ୍ୟ କେହି ହୋଇ ପାରନ୍ତି। ବନ୍ଧୁତା- ବୟସ, ଲିଙ୍ଗ, ଜାତି, ଧର୍ମ ବର୍ଣ୍ଣ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖେ ନାହିଁ, ଏହା ହୃଦୟରୁ ହୃଦୟକୁ ଯୋଡୁଥିବା ଏକ ଅଦୃଶ୍ୟ ବନ୍ଧନ / ଆକର୍ଷଣ ଛଡା ଆଉ କିଛି ନୁହେଁ। କିନ୍ତୁ ପ୍ରତ୍ୟେକ ସମ୍ପର୍କର ସୀମା, ସ୍ୱଚ୍ଛତା, ନିଃସ୍ୱାର୍ଥପର ତଥା ପରସ୍ପର ପ୍ରତି ସମ୍ମାନ ରହିବା ଆବଶ୍ୟକ। ଆମ ବରିଷ୍ଠ ମାନଙ୍କୁ ସନ୍ଦେହରେ ନୁହେଁ, ବରଂ ପରସ୍ପରକୁ ହୃଦୟରୁ ବୁଝିବା ଜରୁରୀ । କାରଣ ଜୀବନର ଅପରାହ୍ନରେ ମଣିଷକୁ ସନ୍ଦେହଠାରୁ ଅଧିକ ଆବଶ୍ୟକ ହୁଏ- ବିଶ୍ୱାସର ଏକ ଛୋଟ ଆଲୋକ ରେଖା, ଯାହା ସେ ତା'ର ପରିବାର ଠାରୁ ଆଶା କରିଥାଏ ।

+ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ
୭୫୩୦୦୯
ମୋ:୯୯୩୭୧୭୪୦୯୭




## ଭାଗ୍ୟ ଲେଖେ ଜୀବନ ଶିଖାଏ

**ବସନ୍ତ କୁମାର ପ୍ରଧାନ**



କପାଳ ଲିଖନ କେ'
କରିବ ଆନ
ଭାଗ୍ୟ ଅଟେ ବଳିୟାର
କେଳା ମରକଟ
ନଚାଇଲା ପରି
ନଚାଏ ସେ ନିରନ୍ତର ।
ଦଇବ ଦଉଡ଼ି ଏ ମଣିଷ ଗାଇ
ଅଟେ ସଦା ପରତନ୍ତ୍ର
କର୍ମ କରିବାର ଅଧିକାର ଅଛି
କର୍ମଫଳ ବିଭୂ ହସ୍ତ ।
ସେଥିପାଇଁ ଭାଗ୍ୟ ଅଟେ ଅଗୋଚର
ଲେଖିଥାଏ କର୍ମଫଳ
କର୍ମ ଅନୁସାରେ ଶୁଭାଶୁଭ ଫଳ
ଦେଇଥା'ନ୍ତି ଆଦିମୂଳ ।
ସୁଖଦୁଃଖ ନେଇ ଗଢ଼ା ଏ ଜୀବନ
ଲଭେ ବହୁ ଅନୁଭୁତି
ଜୀବନ ଶିଖାଏ ବଞ୍ଚି ରହିବାକୁ
ଦୁନିଆଁର ରୀତିନୀତି ।
ଗୋଟିଏ ମୁଦ୍ରାର ଦୁଇ ଗୋଟି ପାର୍ଶ୍ୱ
ପରି ଏଠି ସୁଖ ଦୁଃଖ
କେତେ ହସ ଲୁହ ଆଲୋକ ଅନ୍ଧାର
ନେଇ ଜୀବନ ନାଟକ ।
କର୍ମ ଦ୍ୱାରା ଭାଗ୍ୟ ହୁଏ ବଦଳାଇ
କହିଥା'ନ୍ତି ପୁରୁଷାର୍ଥୀ
ପ୍ରକାନ୍ତରେ ଏହା ଅଟଇ ଯେ ସତ୍ୟ
କର୍ମେ ଜୀବନର ଗତି ।
ଭାଗ୍ୟର ସିଲଟ ଅଟେ ପରିଷ୍କାର
କର୍ମ ଦ୍ୱାରା ଲେଖା ହୁଏ
ସଞ୍ଚିତ କର୍ମର ଫଳ ଭୋଗିବାକୁ
ଜୀବାତ୍ମା ଯେ ବାଧ୍ୟ ହୁଏ ।

+ହରିହରପୁର, ଛେଣ୍ଡିପଦା,
ଅନୁଗୋଳ

## ଅମୂର୍ତ୍ତ ପ୍ରଣୟ

**ଡ. ଶୁଭେନ୍ଦୁ ମେହେର**

ଶୂନ୍ୟ ଏ ଶରୀର ଶୂନ୍ୟଦେହୀ ସାଜେ ଶୂନ୍ୟତା ପୁଣ୍ୟତା ବାସ,
ଚାରୁ ଚନ୍ଦ୍ରମୁଖୀ ଚନ୍ଦନ ଚର୍ଚ୍ଚିତ ହସେ ଚମ୍ପକର ହାସ ।
ମନ୍ଦ ମନ୍ଦ ମଧୁହାସରେ ମୋହିତ ମାଗେ ମଲ୍ଲୀର ମାଧୁରୀ,
ଶ୍ୟାମଳ ଶରୀରେ ଶିହରଣ ସ୍ୱର୍ଶ ସୁଧା ସଙ୍ଗୀତକୁ ଭରି ।
ନୂପୁର ଝଙ୍କାରେ ତନୁ ପାତଳୀର ଝୀନ ବସ୍ତ୍ରେ ଶୋଭେ ଅଙ୍ଗ,
କମ୍ପେ କଳେବର କାମରେ କାତର କମଳା କାବ୍ୟ ଅନଙ୍ଗ ।
ନୀଳ ନିଶିଥରେ ନିଶବ୍ଦେ ନବୀନା ଅନୁରାଗେ ନାଶି ପଥ,
ଗଭୀର ଗୋପନ ଗୀତି ଗୁଣୁ ଗୁଣୁ ଗାଏ ପ୍ରୀତି ହୃଦ ରଥ ।
ପ୍ରତି ପଲକରେ ପ୍ରୀତିର ପୁଲକ ପ୍ରଣୟ ସ୍ପନ୍ଦନ ମନେ,
ଭାବୁକ ଭ୍ରମର ଭୁଲଇ ଭୁବନ ବୁଲେ ନିକାଞ୍ଚନ ବନେ ।
ହୃଦୟ ହରଷେ ହଜାଇ ହତାଶ ହେଲେ ହେ ପ୍ରିୟ ଚରଣେ,
ଧରଣୀ ଧୀରରେ ଧାରଣ ଧରିଛି ଧ୍ରୁବ ଧର୍ମ ଧରି ପ୍ରାଣେ ।
ନିଶାର ନିଭୃତ ନୀରବ ସ୍ପନ୍ଦନେ ନବୀନା ଅପୂର୍ବ ତନୁ,
ପୀରତି ପ୍ରାଙ୍ଗଣେ ପ୍ରକାଶେ ପ୍ରଣୟ ରସମୟ ହୁଏ ତେଣୁ ।।

+ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪

# ସକାଳୁ ମେଥିପାଣି ପିଇଲେ ମିଳିଥାଏ ଅନେକ ଲାଭ



ସୁସ୍ଥ ରହିବାକୁ ଚାହୁଁଥିଲେ ଘରୋଇ ଉପଚାର ବେଶ୍ ଲାଭଦାୟକ ହୋଇଥାଏ। ଯଦି ପ୍ରଭାବଶାଳୀ ଉପଚାର ଖୋଜୁଛନ୍ତି ତେବେ ମେଥିପାଣି ବହୁ ଉପାଦେୟ। ଯାହା ବିନା ପାର୍ଶ୍ୱ ପ୍ରତିକ୍ରିୟାରେ ସ୍ୱାସ୍ଥ୍ୟକୁ ଉନ୍ନତ କରିପାରିବ। ଜାଣନ୍ତୁ ଏନେଇ କ'ଣ କୁହନ୍ତି ଆୟୁର୍ବେର୍ଦିକ ବିଶେଷଜ୍ଞ।

ପାଚନ ତନ୍ତ୍ରକୁ ମଜବୁତ କରେ: ମେଥିପାଣି ପେଟରେ ଗ୍ୟାସ, ଏସିଡିଟି ଏବଂ କୋଷ୍ଠକାଠିନ୍ୟକୁ ହ୍ରାସ କରେ। ଏଥିରେ ଥିବା ଫାଇବର ପାଚନକୁ ଉନ୍ନତ କରେ ଏବଂ ଅନ୍ତନଳୀ ଗତିକୁ ନିୟମିତ କରେ।

ଓଜନ ହ୍ରାସରେ ସହାୟକ: ମେଥିପାଣି ମେଟାବୋଲିଜିମ ତ୍ୱରାନ୍ୱିତ କରେ ଏବଂ ଭୋକ ନିୟନ୍ତ୍ରଣ କରେ। ସକାଳେ ଏହାକୁ ପିଇବା ଦ୍ୱାରା ଦିନସାରା ଅତ୍ୟଧିକ ଖାଇବାକୁ ରୋକାଯାଇପାରେ, ଯାହା ଓଜନ ନିୟନ୍ତ୍ରଣରେ ରହେ।

ବ୍ଲଡ୍ ସୁଗାର ସନ୍ତୁଳିତ କରେ: ମେଥିପାଣି ଡାଇବେଟସ୍ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। ଏହା ଶରୀରରେ ସୁଗାରର ଅବଶୋଷଣକୁ ଧୀର କରେ ଏବଂ ଇନ୍‌ସୁଲିନ ସମ୍ବେଦନଶୀଳତାକୁ ବୃଦ୍ଧି କରେ।

ତ୍ୱଚାରେ ଚମକ ଆଣେ: ମେଥିପାଣିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତ୍ୱଚାରୁ ବିଷାକ୍ତ ପଦାର୍ଥକୁ ବାହାର କରେ। ଏହା ତ୍ୱଚାକୁ ଏକ ପ୍ରାକୃତିକ ଚମକ ଦିଏ ଏବଂ ବ୍ରଣ ଭଳି ସମସ୍ୟାକୁ କମ୍ କରେ।

ହରମୋନ ସନ୍ତୁଳନରେ ସହାୟକ: ମହିଳାମାନଙ୍କ ମଧ୍ୟରେ ଅନିୟମିତ ଋତୁସ୍ରାବ କିମ୍ବା ପିସିଓଏସ୍ ଭଳି ହରମୋନ ଅସନ୍ତୁଳନ ଯୋଗୁ ହେଉଥିବା ସମସ୍ୟାରେ ମେଥିପାଣି ଆରାମ ଦେଇପାରେ।

କେଶକୁ ମଜବୁତ ଏବଂ ସୁସ୍ଥ କରିଥାଏ: ମେଥିପାଣି କେଶ ମୂଳକୁ ପୋଷଣ କରିଥାଏ, ରୂପି କମ କରିଥାଏ ଏବଂ କେଶ ଝଡ଼ିବାରୁ ରୋକିଥାଏ। ନିୟମିତ ଭାବେ ମେଥିପାଣି ପିଇଲେ କିଛି ଦିନ ମଧ୍ୟରେ ଏହାର ପ୍ରଭାବ ଦେଖାଯାଏ।

# ମହାମାରୀ ଭଳି ମାଡ଼ି ଚାଲିଛି ହୃଦରୋଗ, ଅନିଦ୍ରା ଓ କର୍ମକ୍ଷେତ୍ରର ଚାପ ହେଉଛି ମୁଖ୍ୟ କାରଣ



ବର୍ତ୍ତମାନ ସମୟରେ ଭାରତରେ ହୃଦରୋଗ ବା କାର୍ଡିଓଭାସ୍କୁଲାର୍ ଡିଜିଜ୍ ଏକ ମହାମାରୀ ଭଳି ଦ୍ରୁତ ଗତିରେ ମାଡ଼ିଚାଲିଛି। ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ ସର୍ଭେ ଅନୁଯାୟୀ, ଗତ କିଛି ବର୍ଷ ମଧ୍ୟରେ ଭାରତରେ ହୃଦ୍‌ରୋଗ ସମ୍ପର୍କିତ ମାମଲା ପ୍ରାୟ ତିନି ଗୁଣ ବଢ଼ିଛି। ପୂର୍ବରୁ ହୃଦ୍‌ଘାତ କେବଳ ବୃଦ୍ଧାବସ୍ଥାର ରୋଗ ବୋଲି ଧରାଯାଉଥିବା ବେଳେ, ଏବେ ୩୦ରୁ ୪୦ ବର୍ଷ ବୟସ୍କ ଯୁବପିଢ଼ି ଏହାର ଅଧିକ ଶିକାର ହେଉଛନ୍ତି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଆପଣଙ୍କ ହୃଦୟ ବି ଏଭଳି ସ୍ପନ୍ଦନ କରୁଛି। କିନ୍ତୁ ଏହି ସ୍ପନ୍ଦନ ଅସୁସ୍ଥତାର ସଙ୍କେତ ଦେଉନାହିଁ ତ ? ନିଜ କାମରେ ସମସ୍ତେ ଏତେ ବ୍ୟସ୍ତ ଯେ, ହୃଦ୍‌ସ୍ପନ୍ଦନ କେତେବେଳେ କ'ଣ ସଙ୍କେତ ଦେଉଛି ସେକଥା ଶୁଣିବାକୁ ଅବା ବୁଝିବାକୁ ଅନେକ ଗୁରୁତ୍ୱ ଦେଉନାହାନ୍ତି। ଆଉ ପରସ୍ଥିତି ବୁଝିଲା ବେଳକୁ ସମୟ ଅନେକ ବିଳମ୍ବ ହୋଇସାରିଥାଏ। କିଏ ଗ୍ୟାଷ୍ଟ୍ରିକ କହି ଅବହେଳା କରେ ତ ଆଉ କିଏ କହେ ଗ୍ୟାସ୍ ଯୋଗୁଁ ଛାତିରେ ଯନ୍ତ୍ରଣା ହେଉଛି। ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ନେବା ବଦଳରେ ଔଷଧ ଦୋକାନରୁ ଗ୍ୟାସ୍ ବଟିକା କିଣି ଖାଇଦିଅନ୍ତି। କିଛି ସମୟ ପାଇଁ ଉପଶମ ମିଳେ କିନ୍ତୁ ଏହି ଅବହେଳା ବିପଦକୁ ଟାଣିଆଣେ। ବଦଳୁଥିବା ଜୀବନଶୈଳୀ ହୃଦ୍‌ରୋଗର ଅନ୍ୟତମ କାରଣ ବୋଲି ବିଶେଷଜ୍ଞ କହିଛନ୍ତି। ଫାଷ୍ଟ ଫୁଡ ଓ ଜଙ୍କ୍ ଫୁଡ ଏବେ ଅନେକଙ୍କ ପ୍ରିୟ ଖାଦ୍ୟ। ପିଲାଠାରୁ ବୟସ୍କ ଅନେକ ଏଭଳି ଖାଦ୍ୟ ଖାଉଥିବାରୁ ହୃଦପିଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଛି। ଅନେକଙ୍କ ଜୀବନଶୈଳୀ ଏଭଳି ହୋଇଯାଇଛି ଯେ, ବିଳମ୍ବିତ ରାତି ଯାଏ ଅନିଦ୍ରା ରହିବାକୁ ପଡୁଛି। ଅନିଦ୍ରା ସାଙ୍ଗକୁ କର୍ମକ୍ଷେତ୍ରର ଚାପ ହୃଦରୋଗ ଆଶଙ୍କା ବଢ଼ାଉଛି। ତେବେ କରୋନା ପରେ ଯୁବାବର୍ଗଙ୍କ ମଧ୍ୟରେ ହୃଦରୋଗ ବଢିଥିବା ବିଶେଷଜ୍ଞ କହିଛନ୍ତି। ତେବେ ଏହାପଛରେ କଣ ରହିଛି କାରଣ ତାହା ସ୍ପଷ୍ଟ ହୋଇନାହିଁ। ଭାରତକୁ ବିଶ୍ୱର ମଧୁମେହ ରାଜଧାନୀ କୁହାଯାଉଛି। ତେବେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗୀଙ୍କ କ୍ଷେତ୍ରରେ ହୃଦ୍‌ଘାତର ଆଶଙ୍କା ଅନ୍ୟମାନଙ୍କ ତୁଳନାରେ ଅଧିକ ବୋଲି ବିଶେଷଜ୍ଞ କହିଛନ୍ତି। ଭାରତର ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣ ମଧ୍ୟ ହୃଦ୍‌ରୋଗର ଏକ ବଡ଼ କାରଣ। ସେଥିପାଇଁ ଏସବୁରୁ ନିଜକୁ ଦୂରେଇବାକୁ ପରାମର୍ଶ ଦେଇଛନ୍ତି ହୃଦରୋଗ ବିଶେଷଜ୍ଞ।




ଏମିତି ଗୋଟିଏ ପତ୍ର ଯାହାକୁ ଖାଇଲେ ବଡ଼ ବଡ଼ ରୋଗ ହୁଏ ଛୁ' । ଔଷଧୀୟ ଗୁଣରେ ଭରପୂର ବାରିରେ ମାଡ଼ିଥିବା ଏହି ପତ୍ର । ଥଣ୍ଡା, ଅଣ୍ଟାବିନ୍ଧା, ପେଟରୋଗ ଭଳି ଅନେକ ସମସ୍ୟାକୁ ସମୂଳେ କରେ ନାଶ । ହେଲେ ଏହି ପତ୍ରର ନାଁ କ'ଣ ଜାଣିଛନ୍ତି କି? ଆଗରୁ ବାରି,ବଗିଚାମାନଙ୍କରେ ଅନେକ ପ୍ରକାର ଔଷଧିୟ ବୃକ୍ଷ,ଲତା ଦେଖିବାକୁ ମିଳୁଥିଲା । ଘରେ କାହାର କିଛି ଦେହ ଖରାପ ହେଲେ ବାରିରୁ ପତ୍ର ତୋଳି ବାଟି ଏହାକୁ ଔଷଧ ରୂପରେ ଖିଆ ଯାଉଥିଲା । ସେତେବେଳେ ତ ଆଉ ଗାଁମାନଙ୍କରେ ଏତେ ମେଡିସିନ୍ ଦୋକାନ ନଥିଲା କି ହାତପାହାନ୍ତାରେ ଔଷଧ ମିଳୁନଥିଲା ତେଣୁ ଜେଜେବାପା ଅମଳର ଲୋକମାନେ ଏହି ଔଷଧିୟ ପତ୍ର ଉପରେ ହିଁ ଭରସା କରୁଥିଲେ । ବର୍ତ୍ତମାନ ସମୟରେ କେବଳ ସହରରେ ନୁହେଁ ଗାଁମାନଙ୍କରେ ମଧ୍ୟ ଔଷଧ ସହଜରେ ଉପଲବ୍ଧ । ତେଣୁ ବାରି ବଗିଚାରେ ଆଉ ଏହି ଔଷଧିୟ ବୃକ୍ଷ,ଲତା ଦେଖିବାକୁ ମିଳୁନି । କିନ୍ତୁ ଯଦି ଘରେ କେହି ବୟଜ୍ୟେଷ୍ଠ ଥିବେ ତା'ହେଲେ ସେମାନେ ଏହି ଔଷଧିୟ ପତ୍ରର ଉପକାରିତା ବିଷୟରେ ଭଲରେ ଜାଣିଥିବେ । ଏମିତି ହିଁ ଏକ ପତ୍ର ହେଉଛି ପସାରୁଣୀ ପତ୍ର । ଏହା ଏକପ୍ରକାର ଲତା ଯାହାର ପତ୍ର ଅନେକ ଔଷଧିୟ ଗୁଣର ଅଧିକାରୀ । ଏହି ପତ୍ରକୁ ଇଂରାଜୀରେ ଝଲଙ୍କଭଳ ଠସଭର ଖରବଲ ବୋଲି କୁହାଯାଏ ଯାହା ପେଟର ଅନେକ ସମସ୍ୟା ଭଲ କରିଦିଏ । କିନ୍ତୁ ପସାରୁଣୀ ପତ୍ରରୁ ଆସୁଥିବା ଦୁର୍ଗନ୍ଧ ଯୋଗୁଁ ଅନେକ ଏହାକୁ ଖାଇବାକୁ ପସନ୍ଦ କରନ୍ତି ନାହିଁ । ତେବେ ଦୁର୍ଗନ୍ଧ ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଏହା ବହୁତ ଭଲ। ଯେଉଁ ଲୋକଙ୍କ ଗ୍ୟାଷ୍ଟ୍ରିକ୍ ସମସ୍ୟା ଅଛି ପସାରୁଣୀ ପତ୍ରକୁ ଗୋଲମରିଚ ସହିତ ବାଟି କିଛି ଦିନ ସେବନ କରନ୍ତୁ ପେଟର ସମସ୍ତ ରୋଗ ସହ ଗ୍ୟାଷ୍ଟ୍ରିକ୍ ସମସ୍ୟା ମଧ୍ୟ ଦୂର ହେବ । ନାଳ ରକ୍ତ ଝାଡ଼ା ହେଉଥିଲେ ଏହି ପତ୍ରର ରସ ସହିତ ମହୁ ମିଶାଇ ଦିନକୁ ୨ ରୁ ୩ ଥର ସେବନ କରନ୍ତୁ ମଳ ସମ୍ବନ୍ଧୀୟ ସମସ୍ୟା ଦୂର ହେବ । ଏହି ପତ୍ରକୁ ଛେଚି କ୍ଷତ ସ୍ଥାନରେ ଲଗାଇ ପଟି ବାନ୍ଧିଲେ କ୍ଷତ ଶୁଖିଥାଏ । ଖାଲି ଏତିକି ନୁହେଁ ଦରଜ ହୋଇଥିବା ଜାଗାରେ ପତ୍ରକୁ ନିଆଁରେ ସେକି ବାନ୍ଧିଦେଲେ ଦରଜ ବା ଫୁଲିଥିବା ଜାଗା ଭଲ ହୁଏ । ପସାରୁଣୀ ତେଲକୁ ଆଣ୍ଠୁଗଣ୍ଠିରେ ମାଲିସ୍ କଲେ ଦରଜରୁ ମୁକ୍ତି ମିଳେ । ଏହାକୁ ତରକାରୀ କରି ମଧ୍ୟ ଖିଆଯାଏ । ଯାହାଦ୍ୱାରା କୋଷ୍ଠକାଠିନ୍ୟ ଦୂର ହୁଏ । ପସାରୁଣୀ ପତ୍ରକୁ ତରକାରୀ କଲେ ଏଥିରୁ ଆଉ ଦୁର୍ଗନ୍ଧ ବାହାରେ ନାହିଁ । ଯେଉଁମାନଙ୍କୁ ଯାହା ବି ଖାଇଲେ ଅଜୀର୍ଣ୍ଣର ସମ୍ମୁଖିନ ହେବାକୁ ପଡୁଛି ସେମାନେ ୬ ରୁ ୭ ଟି ପସାରୁଣୀ ପତ୍ର ସହିତ ୫ ରୁ ୬ ଟି ଗୋଲମରିଚକୁ ବାଟି ଖାଆନ୍ତୁ । ଏହାଦ୍ୱାରା ଆମ୍ବିଳା ହାକୁଟି ଓ ଅଜୀର୍ଣ୍ଣ ଦୂର ହୋଇଥାଏ । କୃମି ପାଇଁ ମଧ୍ୟ ଏହା ଭାରି ଉପକାରୀ। ସାଧାରଣତଃ ଛୋଟ ପିଲାଙ୍କଠାରେ କୃମି ସମସ୍ୟା ଅଧିକ ଦେଖାଯାଏ । ଏହି ସମୟରେ ପସାରୁଣୀ ପତ୍ର ବାଟି ପିଇବା ଦ୍ୱାରା କୃମି ଦୂର ହୋଇଥାଏ । ଯଦିଓ ଔଷଧ ପରି ପତ୍ର ଶୀଘ୍ର କାମ କରିବ ନାହିଁ କିନ୍ତୁ ଏହା ଖାଇବା ଦ୍ୱାରା ଶରୀରକୁ କୌଣସି ଅପକାର ମଧ୍ୟ ହେବ ନାହିଁ । ତେଣୁ ଯେତେବେଳେ ବି ଏହି ପତ୍ର ଆପଣଙ୍କ ଆଖିକୁ ଆସୁଛି ଏହାର ସଦୁପଯୋଗ କରିବାକୁ ଆଦୌ ଭୁଲନ୍ତୁ ନାହିଁ । ସ୍ୱାସ୍ଥ୍ୟ ଯଦି ଅଧିକ ଖରାପ ଥିବ ଡାକ୍ତରଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ ।




ମା'କ୍ଷୀରରେ ବିଷ! ଗବେଷଣାରୁ ଆସିଲା ସାଂଘାତିକ ସତ । ହେଲେ କେଉଁ ଗବେଷଣା କହିଛି ଏମିତି କଥା ? ଯଦି ମା'କ୍ଷୀର ସୁରକ୍ଷିତ ନୁହେଁ ନବଜାତକ ଶିଶୁ ଖାଇବେ କ'ଣ? ନବଜାତକ ଶିଶୁ ପାଇଁ ମା' କ୍ଷୀରକୁ ସବୁଠାରୁ ସୁରକ୍ଷିତ, ନିରାପଦ ଏବଂ ଅମୃତତୁଲ୍ୟ ପୌଷ୍ଟିକ ଆହାର ବୋଲି ଡାକ୍ତର କୁହନ୍ତି । କିନ୍ତୁ ଉତ୍ତର ପ୍ରଦେଶ ଲକ୍ଷ୍ନୌସ୍ଥିତ ପ୍ରସିଦ୍ଧ 'କିଙ୍ଗ ଜର୍ଜ ମେଡିକାଲ ୟୁନିଭରସିଟି'ର ଏକ ଗବେଷଣା ରିପୋର୍ଟ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଏହି ଗବେଷଣାରୁ ପ୍ରକାଶ ପାଇଛି ଯେ ମା' କ୍ଷୀରରେ ଅତ୍ୟନ୍ତ କ୍ଷତିକାରକ ରାସାୟନିକ ପଦାର୍ଥ, ଫଙ୍ଗସ୍ ବିଷାକ୍ତ କେମିକାଲ୍ ଏବଂ କ୍ଷତିକାରକ ଭାରି ଧାତୁ ରହିଛି ଯାହା ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ସଙ୍କଟ ସୃଷ୍ଟି କରୁଛି। 'ଜର୍ଣ୍ଣାଲ୍ ଅଫ୍ ଫୁଡ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି'ରେ ପ୍ରକାଶିତ ଏହି ଅଧ୍ୟୟନ ପାଇଁ କଏଗଟ ର ଟକ୍ସିକୋଲୋଜି ସଂସ୍ଥାନର ଗବେଷକମାନେ ୧୦୦ ଜଣ ସ୍ତନ୍ୟପାନ କରାଉଥିବା ମହିଳାଙ୍କ କ୍ଷୀରର ନମୁନା ପରୀକ୍ଷା କରିଥିଲେ। ପରୀକ୍ଷାରୁ ମିଳିଥିବା ପରିଣାମ ଅତ୍ୟନ୍ତ ଚିନ୍ତାଜନକ ଥିଲା ।

ପରୀକ୍ଷା କରାଯାଇଥିବା ନମୁନାଗୁଡ଼ିକ ମଧ୍ୟରୁ ୯୬% ନମୁନାରେ ଓକ୍ରାଟୋକ୍ସିନ୍ ନାମକ ଏକ ବିଷାକ୍ତ ରସାୟନ ଏବଂ ପ୍ରାୟ ୭୩% ନମୁନାରେ ଆଫ୍ଲାଟୋକ୍ସିନ୍ ଗ୧ ନାମକ କ୍ଷତିକାରକ ତତ୍ତ୍ୱ ମିଳିଛି । ଏହା ବ୍ୟତୀତ ଜିୟରାଲେନୋନ୍, ଆଲଫା-ଜିୟରାଲେନୋଲ୍ ଏବଂ ବିଟା-ଜିୟରାଲେନୋଲ୍ ଭଳି ଫଙ୍ଗସ୍ ?ରୁ ସୃଷ୍ଟ ରସାୟନ ମଧ୍ୟ ଏହି ନମୁନାରେ ଦେଖିବାକୁ ମିଳିଛି। କେବଳ କେମିକାଲ୍ ?ସ ନୁହେଁ ବରଂ ମହିଳାଙ୍କ କ୍ଷୀର ନମୁନାରେ ସାଂଘାତିକ ଧାତବ ପ୍ରଦୂଷକ ମଧ୍ୟ ଚିହ୍ନଟ ହୋଇଛି । ଯେଉଁଥିରେ

- ☐ ମ୍ୟାଙ୍ଗାନିଜ୍ : ୪୯% ନମୁନାରେ
- ☐ ଆର୍ସେନିକ୍ : ୪୨% ନମୁନାରେ
- ☐ କ୍ୟାଡମିୟମ୍ : ୩୪% ନମୁନାରେ
- ☐ କ୍ରୋମିୟମ୍ : ୨୬% ନମୁନାରେ
- ☐ ସୀସା / ଲେଡ୍ : ୧୨% ନମୁନାରେ

ଗବେଷକମାନଙ୍କ ଅନୁଯାୟୀ, ଆମର ଖାଦ୍ୟପେୟ ଏବଂ ପ୍ରଦୂଷିତ ପରିବେଶ ମାଧ୍ୟମରେ ଏହି ସବୁ ବିଷାକ୍ତ ତତ୍ତ୍ୱ ମା'ର ଶରୀରରେ ପ୍ରବେଶ କରୁଛି। ଫସଲ ଅମଳ ଏବଂ ପନିପରିବା ଚାଷରେ ଅତ୍ୟଧିକ କୀଟନାଶକ ଓ କେମିକାଲ୍ ସାରର ବ୍ୟବହାର ହିଁ ଏହାର ମୁଖ୍ୟ କାରଣ। ଏହି କୀଟନାଶକଗୁଡ଼ିକ ଆମର ଖାଦ୍ୟ ଶୃଙ୍ଖଳାରେ ପ୍ରବେଶ କରି ମା' ଶରୀର ଦେଇ କ୍ଷୀର ମାଧ୍ୟମରେ ନବଜାତ ଶିଶୁଙ୍କ ପାଖରେ ପହଞ୍ଚୁଛି। KGMU ମେଡିସିନ୍ ବିଭାଗର ଡାକ୍ତର ଡ. ହିମାଂଶୁ ଏବଂ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ସୀମା ମଲହୋତ୍ରାଙ୍କ କହିବାନୁଯାୟୀ, କୀଟନାଶକର ଅସଂଯମିତ ବ୍ୟବହାର ଯୋଗୁଁ ଏହି ସଙ୍କଟ ସୃଷ୍ଟି ହୋଇଛି। ଏହା ଶିଶୁର କିଡ୍‌ନି, ଲିଭର ଏବଂ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗକୁ ଗୁରୁତର ଭାବେ କ୍ଷତିଗ୍ରସ୍ତ କରିବାର ଆଶଙ୍କା ରହିଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ସ୍ତନ୍ୟପାନ କରାଇବା ବନ୍ଦ କରିଦେବା, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ମା' କ୍ଷୀର ଶିଶୁ ପାଇଁ ସବୁଠାରୁ ଜରୁରୀ ପୋଷଣ। କିନ୍ତୁ ସରକାର ଓ କୃଷି ବିଭାଗ କୀଟନାଶକର ଅତ୍ୟଧିକ ବ୍ୟବହାର ଉପରେ କଠୋର ନିୟନ୍ତ୍ରଣ ଓ ସ୍ପଷ୍ଟ ଗାଇଡ୍ ?ଲାଇନ୍ ପ୍ରସ୍ତୁତ କରିବା ନିହାତି ଆବଶ୍ୟକ ଯାହାଦ୍ୱାରା ଆମର ଭବିଷ୍ୟତ ପିଢ଼ିକୁ ଏହି ଅଦୃଶ୍ୟ ବିଷରୁ ରକ୍ଷା କରାଯାଇପାରିବ।

# ମହିଳାଙ୍କ ପାଇଁ ବଡ଼ ସତର୍କତା ! ଅଣଦେଖା କରନ୍ତୁନି ହୃଦ୍‌ରୋଗର ଲକ୍ଷଣ

ଅନ୍ୟମାନଙ୍କ ଯତ୍ନ ନେବାରେ ବ୍ୟସ୍ତ ରହୁଥିବା ମହିଳାମାନେ ନିଜ ସ୍ୱାସ୍ଥ୍ୟକୁ କରନ୍ତି ଅଣଦେଖା । ଆଉ ଏଥିପାଇଁ ଏବେ ମହିଳା ଓ ଗୃହିଣୀଙ୍କ ଭିତରେ ବଢୁଛି ହୃଦ୍‌ରୋଗର ସମସ୍ୟା । ବିଶ୍ୱ ହୃଦୟ ଦିବସ ଅବସରରେ ଏନେଇ ସଚେତନତା ବଢ଼ାଇବା ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକତା ଉପରେ ଜୋର ଦିଆଯାଇଛି । ଡାକ୍ତରମାନଙ୍କ ମତରେ, ଦୀର୍ଘ ସମୟର ମାନସିକ ଚାପ, ନିଦ୍ରା ଅଭାବ, ଅନିୟମିତ ଖାଦ୍ୟାଭ୍ୟାସ, ଶାରୀରିକ ନିଷ୍କ୍ରିୟତା ଏବଂ ନିଜ ପାଇଁ ଡାକ୍ତରୀ ପରାମର୍ଶ ନନେବା ମହିଳାଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି । ବିଶେଷକରି ଉଚ୍ଚ ରକ୍ତଚାପ, ମଧୁମେହ, ଅଧିକ କୋଲେଷ୍ଟେରଲ, ମୋଟାପଣ ଓ ତମାଖୁ ବ୍ୟବହାର ହୃଦ୍‌ରୋଗର ପ୍ରମୁଖ କାରଣ ବୋଲି କୁହାଯାଇଛି । ଅନେକ ମହିଳା ପରିବାର, ଚାକିରି ଓ ଯତ୍ନଦାୟିତ୍ୱ ମଧ୍ୟରେ ନିଜ ସ୍ୱାସ୍ଥ୍ୟକୁ ପଛକୁ ରଖୁଥିବାରୁ ହୃଦ୍‌ରୋଗର ଲକ୍ଷଣକୁ ଅଣଦେଖା କରିଥାନ୍ତି। ଛାତିରେ ଯନ୍ତ୍ରଣା ବା ଅସୁବିଧା, ଶ୍ୱାସକଷ୍ଟ, ହଠାତ୍ ଦୁର୍ବଳତା, ମୁଣ୍ଡ ବୁଲିବା ଓ ଅତ୍ୟଧିକ ଥକାପଣ ଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସା ପରାମର୍ଶ ନେବାକୁ କୁହାଯାଇଛି । ଡାକ୍ତରମାନେ ପରିବାରର ସମସ୍ତ ସଦସ୍ୟଙ୍କୁ ଯତ୍ନଦାୟିତ୍ୱ ବାଣ୍ଟିନେବା ସହ ମହିଳା ଓ କେୟାରଗିଭରଙ୍କୁ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ସମୟ ଦେବାକୁ ପରାମର୍ଶ ଦେଇଛନ୍ତି । ସୁସ୍ଥ ଖାଦ୍ୟ, ନିୟମିତ ଶାରୀରିକ କ୍ରିୟାକଳାପ, ପର୍ଯ୍ୟାପ୍ତ ନିଦ୍ରା ଓ ତମାଖୁରୁ ଦୂରେଇ ରହିବା ହୃଦୟକୁ ସୁସ୍ଥ ରଖିବାରେ ସହାୟକ ହେବ ।



ହୃଦ୍‌ରାଗ ମହିଳାଙ୍କ ପାଇଁ ସତର୍କତା
ମହିଳାଙ୍କ ମଧ୍ୟରେ ବଢୁଛି ହୃଦ୍‌ରୋଗ ସମସ୍ୟା
ପରିବାର, ଚାକିରି ଓ ଅନ୍ୟମାନଙ୍କ ଯତ୍ନ ନେବାରେ ବ୍ୟସ୍ତ
ନିଜ ସ୍ୱାସ୍ଥ୍ୟକୁ ଅଣଦେଖା କରୁଛନ୍ତି ଗୃହିଣୀ
ମହିଳାଙ୍କୁ ସତର୍କ କରାଇଲେ ହୃଦ୍‌ରୋଗ ବିଶେଷଜ୍ଞ
ହୃଦ୍‌ରୋଗ ବଢ଼ିବାର ପ୍ରମୁଖ କାରଣ ଉଚ୍ଚ ରକ୍ତଚାପ, କୋଲେଷ୍ଟେରଲ, ମାନସିକ ଚାପ
ନିଦ୍ରା ଅଭାବ ଓ ଅନିୟମିତ ଖାଦ୍ୟାଭ୍ୟାସ ମହିଳାଙ୍କ ହୃଦୟର ସ୍ୱାସ୍ଥ୍ୟକୁ କରୁଛି ପ୍ରଭାବିତ
ଶ୍ୱାସକଷ୍ଟ, ଅସାଧାରଣ ଥକାପଣ, ମୁଣ୍ଡ ବୁଲାଇବା ଲକ୍ଷଣ ଅଣଦେଖା ନକରିବାକୁ ପରାମର୍ଶ
ନିୟମିତ ବ୍ୟବଧାନରେ ରକ୍ତଚାପ, ରକ୍ତଶର୍କରା ଓ କୋଲେଷ୍ଟେରଲ ଯାଞ୍ଚ କରାଇବାକୁ ପରାମର୍ଶ
ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ, ପର୍ଯ୍ୟାପ୍ତ ନିଦ୍ରା ହୃଦୟକୁ ରଖିବ ସୁସ୍ଥ

# ଜଳ ସମ୍ପଦ ଜମିରେ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ପ୍ରସଙ୍ଗ: ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କୁ ଭେଟିବାକୁ ନିଷ୍ପତ୍ତି

ବାଲେଶ୍ୱର,୦୬/୧୦ (ନି.ପ୍ର): ସରକାରଙ୍କ ପକ୍ଷରୁ ମଞ୍ଜୁର ବାଲେଶ୍ୱର ଜୁଡିସିଆଲ ହବ ପ୍ରତିଷ୍ଠା ବାବଦରେ ସ୍ଥାନ ନିରୂପଣକୁ ନେଇ ଗତ କିଛିଦିନ ଧରି ଚାଲିଥିବା ଟଣାଓଟରା ସ୍ଥିତିର ସମାଧାନ ପାଇଁ ଜିଲ୍ଲାର ଓକିଲ ଓ ବିଶିଷ୍ଟ ବ୍ୟକ୍ତିଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ବାର୍ ଆସୋସିଏସନର ସଭାପତି ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ସମ୍ବିତ ନନ୍ଦୀ, ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ, ଅଶୋକ ସେନାପତି, ପୁରୁଷୋତ୍ତମ ବିଶ୍ୱାଳ, ମହମ୍ମଦ ଇସଲାମ, ଦୀପକ ଦାଶ, ସୂର୍ଯ୍ୟକାନ୍ତ କର, ପ୍ରଭାତ ଦାସ, କେଶବ ଆଚାର୍ଯ୍ୟ, ଧୀରେନ୍ ମିଶ୍ର, ରଣଜିତ ପଣ୍ଡା, ଗିରୀଶ ଚନ୍ଦ୍ର ପରିଡ଼ା ପ୍ରମୁଖଙ୍କ ସମେତ ବହୁ ଓକିଲ ଓ ସଚେତନ ବ୍ୟକ୍ତିମାନେ ଯୋଗଦେଇ ଜଳସମ୍ପଦ ବିଭାଗ ଜମିରେ ଏହି ହବ୍ ନିର୍ମାଣ ପାଇଁ ସହମତି ପ୍ରକାଶ କରିଥିଲେ।

ତିନି ବର୍ଷ ତଳେ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଜୁଡିସିଆଲ ହବ୍ (ଏବେ ଜୁଡିସିଆଲ କମ୍ପ୍ଲେକ୍ସ) ପ୍ରତିଷ୍ଠା ପାଇଁ ପ୍ରଥମେ ରେମୁଣାର ବିଦ୍ୟାଧରପୁରକୁ ପ୍ରଶାସନ ମନୋନୟନ କରିଥିଲା। ମାତ୍ର ସବୁ ମହଲରୁ ଏହାକୁ ବିରୋଧ ହେବା ପରେ କଚେରି ହତା, ଜଳ ସମ୍ପଦ ବିଭାଗ ପରିସର ଓ ନୁଣିଆଯୋଡ଼ିକୁ ନେଇ ପ୍ରଶ୍ନ ଉଠିଥିଲା। ତେବେ ରାଜ୍ୟ ଉଚ୍ଚ ନ୍ୟାୟାଳୟର ତତ୍କାଳୀନ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ କ୍ଷେତ୍ର ପରିଦର୍ଶନ ପରେ ଜଳ ସମ୍ପଦ ଜମିରେ ଏହି କମ୍ପ୍ଲେକ୍ସ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ, ଆଇନଜୀବୀ, ବୁଦ୍ଧିଜୀବୀ ଏବଂ ବାଲେଶ୍ୱର ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ ଓ ସେହି ସ୍ଥାନରେ ନିର୍ମାଣ ନେଇ ନିଷ୍ପତ୍ତି



ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଜଳସମ୍ପଦ ବିଭାଗର ୯ ଏକର ଜମିରୁ ୬.୦୬ ଏକର ଆଇନ ବିଭାଗକୁ ଓଡ଼ିଶା ସରକାର ହସ୍ତାନ୍ତର କରିଥିଲେ। ଜମି ହସ୍ତାନ୍ତର ପରେ ତନ୍ମଧ୍ୟରୁ କିଛି ଅଂଶ ଜମି ଦେୱାନୀ ଅଦାଲତରେ ବିଚାରାଧୀନ ଥିବା ଜଣାପଡିଥିଲା। ଏହା ସତ୍ତ୍ୱେ ସେଠାରେ ହବ ନିର୍ମାଣ ହେଲେ କୌଣସି ସମସ୍ୟା ରହିବ ନାହିଁ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ। ମାତ୍ର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ସଦର ତହସିଲ, ଚକବନ୍ଦୀ ଓ ବନ୍ଦୋବସ୍ତ କମିଶନର ଅଦାଲତ ଓ ଖାଉଟି ଅଦାଲତ ଜଳସମ୍ପଦ ଜମିକୁ ସ୍ଥାନାନ୍ତର ନ ହେଲେ ବଡ଼ ସମସ୍ୟା ଉପୁଜିବ ବୋଲି ବୈଠକରେ ସମସ୍ତେ ଉଦବେଗ ପ୍ରକାଶ କରିଥିଲେ। ପ୍ରତିଦିନ ଓକିଲ, ମୋହରିର ଓ ସାଧାରଣ ଲୋକେ ୨.୫ କିମି ଦୂରକୁ ଏକାଧିକ ଥର ଯା'ଆସ କରିବା ସମ୍ଭବପର ନୁହେଁ ବୋଲି ବୈଠକରେ ଉପସ୍ଥିତ ବ୍ୟକ୍ତି ମତ ଦେଇଥିଲେ। ଏ ନେଇ ରେମୁଣା ଠାରୁ କୁରୁଡ଼ା ପର୍ଯ୍ୟନ୍ତ ପ୍ରତି ୩୦ ମିନିଟ୍ ବ୍ୟବଧାନରେ ଟାଉନ ବସ୍ ଚଳାଚଳ, ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟ, ବାଲେଶ୍ୱର ସଦର ତହସିଲ କାର୍ଯ୍ୟାଳୟ, ଚକବନ୍ଦୀ ଓ ବନ୍ଦୋବସ୍ତ କମିଶନରଙ୍କ ଅଦାଲତ ଏବଂ ଜିଲ୍ଲା ଖାଉଟି ଅଦାଲତକୁ ଜଳ ସମ୍ପଦ ବିଭାଗର ବଳକା ୩ ଏକର ଜମିରେ ସ୍ଥାପନ କରିବା; ପ୍ରତି ସପ୍ତାହରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କ ସର୍କିଟ କୋର୍ଟ ଜଳ ସମ୍ପଦ ବିଭାଗରେ ଆୟୋଜନ କରିବା ଓ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ପାଦଚଲା ଓଭରବ୍ରିଜ ନିର୍ମାଣ ଦାବି ପ୍ରଶାସନ ନିକଟରେ ଉପସ୍ଥାପନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିକ୍ରମରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଧାର୍ଯ୍ୟ ହୋଇଛି।

# ଧୂଳିରେ ଅଣନିଃଶ୍ୱାସୀ ଝାରସୁଗୁଡ଼ାବାସୀ: ମରାମତି ଦାବି ଜୋରଦାର

ଝାରସୁଗୁଡ଼ା,୦୬/୧୦ (ନି.ପ୍ର): ଝାରସୁଗୁଡ଼ା ସହରର ପୁରୁଣା ବସଷ୍ଟାଣ୍ଡ ରେଳ ଓଭରବ୍ରିଜ୍ଠାରୁ କିଷାନ ଛକ ପର୍ଯ୍ୟନ୍ତ ରାସ୍ତାର ଶୋଚନୀୟ ଅବସ୍ଥା ଏବେ ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହେବା ସହ ଯାନବାହନ ଚଳାଚଳ ସମୟରେ ପ୍ରବଳ ଧୂଳି ଉଡୁଥିବାରୁ ପଥଚାରୀ ଓ ଯାତ୍ରୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି।

ବିଶେଷକରି ବାଇକ୍, ଅଟୋ ଓ ଅନ୍ୟ ଦୁଇଚକିଆ ଯାନରେ ଯାତାୟାତ କରୁଥିବା ଲୋକେ ଧୂଳି ଯୋଗୁଁ ଅତିଷ୍ଠ ହୋଇପଡ଼ିଛନ୍ତି। ଶ୍ୱାସଜନିତ ସମସ୍ୟା ଥିବା ଲୋକଙ୍କ ପାଇଁ ଏହି ରାସ୍ତାରେ ବିନା ମାସ୍କରେ ଯାତାୟାତ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି।

ପୁରୁଣା ବସଷ୍ଟାଣ୍ଡରୁ କିଷାନ ଛକ ପର୍ଯ୍ୟନ୍ତ ଏହି ରାସ୍ତା ଝାରସୁଗୁଡ଼ା ସହରର ଏକ ପ୍ରମୁଖ ଯାତାୟାତ ମାର୍ଗ। ଏହି ରାସ୍ତା ଦେଇ ଦୈନିକ ବହୁ ସଂଖ୍ୟକ ଲୋକ ଝାରସୁଗୁଡ଼ା ରେଳ ଷ୍ଟେସନ ସମେତ ଜିଲ୍ଲାପାଳ କାର୍ଯ୍ୟାଳୟ, କୋର୍ଟ, ମୁଖ୍ୟ ଚିକିତ୍ସାଳୟ, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଇଞ୍ଜିନିୟରିଂ ବିଦ୍ୟାଳୟ, ଝାରସୁଗୁଡ଼ା ବ୍ଲକ, ଏଲ୍.ଏନ୍. ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ଆଦିକୁ ଯାତାୟାତ କରିଥାନ୍ତି। ବ୍ରଜରାଜନଗର, ବେଲପାହାଡ଼, ଲଖନପୁର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଲୋକେ ମଧ ଏହି ରାସ୍ତା ଉପରେ ନିର୍ଭରଶୀଳ।

ଅନ୍ୟପକ୍ଷରେ ଆଗକୁ ପାର୍ବଣ ଋତୁ ଥିବାରୁ ଝାରସୁଗୁଡ଼ା ସହରର ବିଭିନ୍ନ ପୂଜାମଣ୍ଡପକୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକଙ୍କ ଆଗମନ ହେବ। ସହର ପାର୍ବଣ ପାଇଁ ସଜେଇ ହେଉଥିବା ବେଳେ ଏଭଳି ଏକ ପ୍ରମୁଖ ରାସ୍ତାର ଦୁରବସ୍ଥା ଲୋକଙ୍କ ମଧ୍ୟରେ ଅସନ୍ତୋଷକୁ ଆହୁରି ତୀବ୍ର କରିବାର ଆଶଙ୍କା ରହିଛି। ତେଣୁ ପାର୍ବଣ ପୂର୍ବରୁ ରାସ୍ତାର ତୁରନ୍ତ ମରାମତି କରିବା ସହ ନିୟମିତ ଭାବେ ପାଣି ସିଞ୍ଚନ କରି ଧୂଳି ନିୟନ୍ତ୍ରଣ କରିବାକୁ ସହରବାସୀ ଦାବି କରିଛନ୍ତି। ଲୋକଙ୍କ ସୁରକ୍ଷିତ ଓ ସୁଗମ ଯାତାୟାତ ସୁନିଶ୍ଚିତ କରିବା ପ୍ରଶାସନ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଗୁରୁଦାୟିତ୍ୱ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଦନ୍ତା ହାତୀଙ୍କ ଉତ୍ପାତ: ଭୟରେ ୪ ବ୍ଲକବାସୀ

ନୂଆପଡ଼ା,୦୬/୧୦ (ନି.ପ୍ର): ବଲାଙ୍ଗୀର ଜିଲ୍ଲାରୁ ଆସିଥିବା ତିନିଟି ଦନ୍ତା ହାତୀ ଗତ ତିନିଦିନ ଧରି ନୂଆପଡ଼ା ଜିଲ୍ଲାର କୋମନା, ଖଡ଼ିଆଳ ଓ ସିନାପାଲି ବ୍ଲକ ଅଞ୍ଚଳରେ ଘୁରିବା ସହ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ବର୍ତ୍ତମାନ ଏହି ହାତୀପଲ ବୋଡ଼େନ ବ୍ଲକ ଫରସରା ଞ୍ଚାୟତ ଅନ୍ତର୍ଗତ ମୁନ୍ଦେଡଙ୍ଗର ଅଞ୍ଚଳରେ ରହିଥିବା ଜଣାପଡ଼ିଛି। ହାତୀଙ୍କ ଚଳପ୍ରଚଳ ଯୋଗୁଁ ଆଖପାଖ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ମୁନ୍ଦେଡଙ୍ଗର ନିକଟବର୍ତ୍ତୀ ଯୁବରାଜପୁର, ଧେରୁଆମାଳ, ଭୀମାଦର ଓ ରୋକାଲ ଞ୍ଚାୟତର ବିଭିନ୍ନ ଗ୍ରାମରେ ହାତୀଙ୍କ ଚଳପ୍ରଚଳ ନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ପୂର୍ବରୁ ଏହି ହାତୀମାନେ କୋମନା, ଖଡ଼ିଆଳ ଓ ସିନାପାଲି ବ୍ଲକର ବିଭିନ୍ନ ଅଞ୍ଚଳରେ ପଶି ଚାଷଜମିରେ ବ୍ୟାପକ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଜନସାଧାରଣଙ୍କ ଧନଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ଖଡ଼ିଆଳ ରେଞ୍ଜ ପକ୍ଷରୁ ସତର୍କତା ଜାରି କରାଯାଇଛି। ଖଡ଼ିଆଳ ବୋଡ଼େନ ବିଟ ଫରେଷ୍ଟର ଖଗେଶ୍ୱର ମାଝିଙ୍କ ନେତୃତ୍ୱରେ ବନକର୍ମଚାରୀ ମାନେ ନିକଟସ୍ଥ ଗ୍ରାମଗୁଡ଼ିକରେ ପହଞ୍ଚି ଲୋକଙ୍କୁ ସଚେତନ କରୁଛନ୍ତି। ବିଶେଷକରି ରାତି ସମୟରେ ଘରୁ ବାହାରକୁ ନଯିବା, ହାତୀଙ୍କ ନିକଟକୁ ନଯିବା ଏବଂ ହାତୀ ଦେଖିଲେ ବନ ବିଭାଗକୁ ତୁରନ୍ତ ଖବର ଦେବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ହାତୀମାନଙ୍କୁ ସୁରକ୍ଷିତ ଭାବେ ପୂର୍ବବର୍ତ୍ତୀ ଅଞ୍ଚଳକୁ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ତେବେ ହାତୀଙ୍କ ଚଳପ୍ରଚଳ ଯୋଗୁଁ ଫସଲ କ୍ଷୟକ୍ଷତି ସହ ଜନସାଧାରଣଙ୍କ ମଧ୍ୟରେ ଭୟ ବଢ଼ିଥିବାରୁ ବନ ବିଭାଗର ପଦକ୍ଷେ ଉପରେ ସ୍ଥାନୀୟ ଲୋକଙ୍କ ନଜର ରହିଛି।

## ୪ ଦଫା ଦାବି ନେଇ ବିଦ୍ୟୁତ୍ ବିଲ୍ ସଂଗ୍ରହ କର୍ମଚାରୀଙ୍କ ବିକ୍ଷୋଭ

ନୂଆପଡ଼ା,୦୬/୧୦ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଦ୍ୟୁତ୍ ସବ୍ଡିଭିଜନ୍ ଅଧୀନରେ କାର୍ଯ୍ୟରତ ବିଦ୍ୟୁତ୍ ବିଲ୍ ସଂଗ୍ରହ କର୍ମଚାରୀ ସଂଘ କ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଆନ୍ଦୋଳନ କରାଯାଇଛି। କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ଖଡ଼ିଆଳ ନଗର ପରିକ୍ରମା କରିବା ପରେ ଟାଟା ପାୱାର ଖଡ଼ିଆଳ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟାଳୟରେ ଉପସ୍ଥିତ ଘରୋଇ ସଂସ୍ଥାର କର୍ମଚାରୀମାନେ ଆନ୍ଦୋଳନ ସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ଦାବିଗୁଡ଼ିକ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବା ସହ ଆବଶ୍ୟକ ପଦକ୍ଷେ ନିଆଯିବ ବୋଲି ସେମାନେ ତିଶ୍ରୁତି ଦେଇଥିଲେ। ସଂଘର ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ଏମ୍ଆର୍ ଲକ୍ଷ ସଂଶୋଧନ, ଅନଲାଇନ୍ ଠିକ୍ରୁ କର୍ମଚାରୀଙ୍କ ନାମରେ ଗଣନା, ମାସିକ ପେଟ୍ରୋଲ୍ ଭତ୍ତା ବୃଦ୍ଧି, କର୍ମଚାରୀଙ୍କ ସୁରକ୍ଷା ଓ ବୀମା ବ୍ୟବସ୍ଥାରେ ସୁଧାର ଏବଂ ମାସିକ ୪ ଦିନ ଛୁଟି ମଞ୍ଜୁର ଆଦି ରହିଛି।

# ଡିଆରଡିଓକୁ ଗଲା ଅଜଣାବସ୍ତୁ : ବରହମପୁର ଥାନାରେ ପହଞ୍ଚିଲେ ଡିଆରଡିଓ କର୍ମଚାରୀ

## ପରୀକ୍ଷଣ ବେଳେ ବେଲୁନ ଫାଟିବାରୁ ଆକାଶରୁ ଖସିଥିଲା ପାଣିପାଗ ମାପକ ଯନ୍ତ୍ର

ନୀଳଗିରି,୦୬/୧୦ (ନି.ପ୍ର): ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଗେନ୍ଦରା ସାହି ଅଙ୍ଗନବାଡି ପଛପଟ ଗତ ୨ ତାରିଖ ଅପରାହ୍ନ ସମୟରେ ଶାଳଗଛରେ ଏକ ସୋଲର ଡବା ଆକାରର ବସ୍ତୁଟି ଆସି ଝୁଲିଥିବା ଅଞ୍ଚଳବାସୀ ଦେଖି ଭୟଭୀତ ହୋଇପଡ଼ିଥିଲେ।ଉକ୍ତ ଡବା ଆକାରର ବସ୍ତୁଟିରେ ଏକ ହଳଦିଆ ରଙ୍ଗର ତାରରେ ବନ୍ଧା ହୋଇ ଗଛରେ ଝୁଲିଥିବା ବେଳେ ଉକ୍ତ ଡବାରେ ପି ୦୦୮୬ ନମ୍ବର ଲେଖାଥିବା ଦେଖିବାକୁ ମିଳିଥିଲା। ଏହା କେଉଁଠୁ ଓ କିପରି ଆସିଲା ତାକୁ ନେଇ ଗ୍ରାମବାସୀ ଦ୍ୱନ୍ଦରେ ଓ ଭୟଭୀତ ହୋଇ ବରହମପୁର ପୋଲିସ ଓ ଅଗ୍ନିଶମ ବିଭାଗକୁ ଅବଗତ କରିଥିଲେ।ବରହମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏହି ବାକ୍ସଟିକୁ ଉଦ୍ଧାର କରିଥିଲେ।ପରବର୍ତ୍ତୀ ସମୟରେ ଏହାକୁ ଖୋଲିବା ପରେ ସେଥିରୁ ଏକ ଆଣ୍ଟିନା ଓ ଟ୍ରାନ୍ସ ମିଟର ବାହାରିଥିଲା ଯେଉଁଥିରେ ଏହା ଏକ ବାୟୁ ବା ପାଣିପାଗ ବିଭାଗ ମାପକ ଯନ୍ତ୍ର ବୋଲି ଲେଖା ରହିଥିଲା। ଅଧିକ ତଦନ୍ତ ପରେ ବରହମପୁର ପୋଲିସକୁ ଟ୍ରାନ୍ସମିଟର ବାକ୍ସରେ



ଏକ ନମ୍ବର ମିଳିଥିଲା ଯେଉଁଥିରେ ଯୋଗାଯୋଗ କରିବା ପରେ ତାହା ନିର୍ମାଣ ହୋଇଥିବା ପଞ୍ଜାବର ଲୁଧିଆନାର ସଂସ୍ଥାକୁ ଲାଗିଥିଲା। ସେମାନେ କହିଥିଲେ କି ଏହା ଇସ୍ରୋର କର୍ମଚାରୀ ମାନେ ବ୍ୟବହାର କରିଥାଆନ୍ତି ।ପରବର୍ତ୍ତୀ ସମୟରେ ନେମୀ ଚାନ୍ଦ ଓ ରାହୁଲ ଶିବଗୋତିରା ନାମକ ଦୁଇ ଜଣ ବୈଜ୍ଞାନିକ ବରହମପୁର ପୋଲିସକୁ ଫୋନ କରି ଏହା ଏକ ପାଣିପାଗ ମାପକ ଓ ବାୟୁ ମାପକ ଯନ୍ତ୍ର ଯାହା ପରୀକ୍ଷଣ ସମୟରେ ବେଲୁନ ଫାଟିଯିବାରୁ ଖସିପଡିଛି ଏବଂ ଏହା ଅତ୍ୟଧିକ ଟଙ୍କାର ଯନ୍ତ୍ର ଅଟେ ଯେହେତୁ ଏହା ନଷ୍ଟ ହୋଇନାହିଁ ଫେରାଇବା ପାଇଁ କହିଥିଲେ।ଆଜି ବାଲେଶ୍ୱର ଡିଆରଡିଓ ପକ୍ଷରୁ ଏକ ତିନି ଜଣିଆ ଟିମ୍ ବରହମପୁର ଥାନାରେ ପହଞ୍ଚିଥିଲେ। ବରହମପୁର ଆଇଆଇସି ଜନ୍ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏଏସ୍ଆଇ ନନ୍ଦକିଶୋର ବିଶ୍ୱାଳ ସମସ୍ତ କାଗଜ ପତ୍ର ଯାଞ୍ଚ କରି ଏହାକୁ ସେମାନଙ୍କୁ ପ୍ରଦାନ କରିଥିଲେ। ଡିଆରଡିଓରୁ ଆସିଥିବା ବୈଜ୍ଞାନିକଙ୍କ କହିବା ଅନୁଯାୟୀ ଏ ଯନ୍ତ୍ରଟି ପ୍ରତ୍ୟକ ଦିନ ୨ ଟା ୩୦ ମିନିଟ ସମୟରେ ଆକାଶକୁ ଏକ ବେଲୁନ ସାହାଯ୍ୟରେ ନିକ୍ଷେପ କରାଯାଇଥାଏ ,ଏହା ପାଣିପାଗ ବିଭାଗ ବାବଦରେ ଅଧିକ ତଥ୍ୟ ସଂଗ୍ରହ କରିଥାଏ ବିଶେଷ କରି ତାପମାତ୍ରା, ବାୟୁର ଗତିବିଧି, ବାୟୁର ବେଗ, ଆଦ୍ରତା, ସାନ୍ଦ୍ରତା, ବାବଦରେ ସମସ୍ତ ତଥ୍ୟ ମିଳିଥାଏ ଏହାକୁ ପାଣିପାଗ ବିଭାଗକୁ ପଠାଯାଇଥାଏ ।ଗତ ମାସ ୩୦ ତାରିଖରେ ଏହାକୁ ଆକାଶକୁ ଛଡାଯାଇଥିଲା ସର୍ବଦା ଏହା ସମୁଦ୍ରରେ ପଡେ ହେଲେ ସେଦିନ ବାୟୁର ଦିଗ ପରିବର୍ତ୍ତନ ହେବାରୁ ଏହା ସମୁଦ୍ର ପରିବର୍ତ୍ତେ ନୀଳଗିରି ମୁହାଁ ହୋଇ ଏଠାରେ ପଡିଥିଲା ।ଏ ଯନ୍ତ୍ରଟିକୁ ନେଇ ପୁନଃ ବ୍ୟବହାର ପାଇଁ କାର୍ଯ୍ୟ କରାଯିବ ଏହାର ସେନ୍ସରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବରହମପୁର ପୋଲିସ, ସ୍ଥାନୀୟ ଲୋକ ଓ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଥିଲେ ଏହି ବୈଜ୍ଞାନିକ।

# ଏମ୍ଏମଡିଆର୍ ଆଇନ୍ ରଦ୍ଦ କରିବା ଦାବିରେ ୮ ତାରିଖ ଓଡ଼ିଶା ବନ୍ଦ ସଫଳ ପାଇଁ ଏଆଇଟିୟୁସିର ଆହ୍ୱାନ

ଜୟପୁର,୦୬/୧୦ (ନି.ପ୍ର): ଜୟପୁର ।ଦବ ଭବନ ଠାରେ ଏଆଇଟିୟୁସି ପକ୍ଷରୁ ଜିଲ୍ଲା ସଭାପତି ଶ୍ରୀ ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଏକ ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଯୁଧିଷ୍ଠିର ରାଉଳ କହିଛନ୍ତି ଯେ କୋରାପୁଟ ଜିଲ୍ଲା ଭଳି ଖଣିଜ ସମ୍ପଦ ଭରା ଜିଲ୍ଲାର ସମସ୍ତ ଖଣିଜ ସମ୍ପଦ ଆଦାନୀ ହାତରେ ଟେକିଦେଇ ଜିଲ୍ଲା କୁ ଧ୍ୱଂସ କରିବା ପାଇଁ ବିଜେପି ସରକାର ଉଦ୍ୟମ ଜାରି ରଖିଛି। ନାଗେଶ୍ୱରୀ ଗୁମ୍ଫା ଓ ଆଦିବାସୀ ଙ୍କ ପୂଜାର୍ଚ୍ଚନା ସ୍ଥଳୀ ଥିବା ବାଲଡା ମାଇନ୍ସ କୁ ମଧ ଆଡାନୀକୁ ଟେକି ଦେଇଛନ୍ତି। ଗଡପଦର ଅଞ୍ଚଳରେ ମଧ ଆଦାନୀ କମ୍ପାନୀ ଖଣି କାର୍ଯ୍ୟ ଆରମ୍ଭ କରିଥିବା ଶୁଣିବାକୁ ମିଳୁଛି । କେରେମେଟି ଠାରେ ଖଣି କାମ ଚାଲିଛି। କୋରାପୁଟ ଜିଲ୍ଲା ର ବତୀ ଯୁବକ ଆନ୍ଧ୍ର, ତାମିଲନାଡୁ କେରଳ ଦାଦନ ଖଟିବାକୁ ଯାଉଥିବା ବେଳେ ଆଦାନୀ ଅମ୍ବାନୀ ଡ଼ାଲମିଆଁ ଆରବପତି ହେଉଛନ୍ତି। ଦରଦାମ୍ ବୃଦ୍ଧି, ଶିକ୍ଷା ବିଭ୍ରାଟ ଏଭଳି କେବେ ହୋଇ ନଥିଲା। ନାଁ ଓଡିଆ ଅସ୍ମିତା । ଚୋରୀ ରାହାଜାନୀ,ନାରୀ ଧର୍ଷଣ ବଢ଼ି ବଢ଼ି ଚାଲିଛି। କେନ୍ଦ୍ର ଓ ରାଜ୍ୟ ରୁ ବିଜେପି ସରକାର କୁ ହଟେଇବାର ଅଭିଯାନ ଆରମ୍ଭ ହୋଇଛି ଦିଲ୍ଲୀ ର ଯନ୍ତର ମନ୍ତର ଠାରୁ । ଏହା ଚାଲିବ ଏବଂ ମୋଦୀ ସରକାର ମୁଣ୍ଡ ନୁଆଇଁ ପାରିଛନ୍ତି ଯୁବ ସମାଜ ଏଥିପାଇଁ ଆନ୍ଦୋଳନ ଜରୁରୀ। ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ତଥା ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ଶ୍ରୀ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି ଯେ ମୋଦୀ କୁ ପ୍ରଶ୍ନ କଲେ ଦିମାଗୀ ନକ୍ସାଲ ବୋଲି କହୁଛି। ଦେଶକୁ ହିନ୍ଦୁ ମୁସଲମାନ ଏବଂ ଧର୍ମୀୟ ଭିତ୍ତିରେ ଭାଗ ଭାଗ କରାଯାଉଛି। ଆର୍ ଏସ୍ ଏସ୍ ର ମୁଖ୍ୟ ଆମେରିକା ରେ କହୁଛନ୍ତି ଗୋଟିଏ କଥା ଏଠି ଦେଶରେ ଦଙ୍ଗା ଭିଆଇ ଭୋଟ ଚୋରି କରି ଶାସନ ଚଳେଇଛନ୍ତି।

# ଗୋମାଂସ ଭର୍ତ୍ତି ବ୍ୟାଗ୍ ସମେତ ବାଇକ ଜବଦ: ଦମ୍ପତି ଥାନାରେ ଅଟକ



ଲଙ୍ଗଳେଶ୍ୱର ,୦୬/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ବସ୍ତା - ବାଲିଆପାଳ ମୁଖ୍ୟ ରାସ୍ତାର ପୁଟୁରା ଛକ ନିକଟରୁ ଏକ କୁଇଣ୍ଟାଲ ରୁ ଉର୍ଦ୍ଧ୍ୱ ଗୋମାଂସ ଜବଦ ହୋଇଛି,ସୂଚନାରୁ ପ୍ରକାଶ ଯେ ବସ୍ତା ଅଞ୍ଚଳରୁ ଏକ ବ୍ୟାଗରେ ଗୋ ମାଂସ ଭର୍ତ୍ତି କରି ବାଇକ ଯୋଗେ ବାଲିଆପାଳ ଅଭିମୁଖେ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ବଜରଙ୍ଗ ଦଳ ର କର୍ମୀ ମାନେ ସେମାନଙ୍କୁ ଅଟକାଇ ସିଂଲା ପୋଲିସ କୁ ଖବର ଦେଇଥିଲେ, ସିଂଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ସମେତ ଗୋମାଂସ ଭର୍ତ୍ତି ବ୍ୟାଗ ଜବଦ କରିବା ସହିତ ଗୋମାଂସ ନେଇ ଯାଉଥିବା ସେକ ଫରିଦ ଏବଂ ତାଙ୍କ ସ୍ତ୍ରୀ କହିନୁର ବିବି ଙ୍କୁ ଅଟକ ରଖି ପଚରା ଉଚରା କରୁଛି, ଅଟକ ସ୍ୱାମୀ ସ୍ତ୍ରୀ ଙ୍କ ଘର ବସ୍ତା ଥାନା ବିଦ୍ୟାଧରପୁର ଅଞ୍ଚଳ ର ବୋଲି ଜଣା ପଡିଛି ।ଏ ନେଇ ବଜରଙ୍ଗ ଦଳର ସଦସ୍ୟ ରାକେଶ କୁମାର ପାତ୍ର ଙ୍କ ଅଭିଯୋଗ କୁ ଭିତ୍ତି କରି ପୋଲିସ କେଶ ନଂ-୩୨୮/୨୬ ମୂଳେ ଏକ ମାମଲା ରୁଜୁ କରିବାସହିତ ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ଢ଼ିଙ୍କିଆ ଓ ମାହାଳରେ ଗ୍ରାମ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କଲା ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍

## ତିନିଟି ଗ୍ରାମ ପଞ୍ଚାୟତରେ ଯୋଗାଯୋଗ ବ୍ୟବସ୍ଥା ଓ ଜୀବନଧାରଣର ମାନ ବୃଦ୍ଧି ପାଇଁ ସମୁଦାୟର ପ୍ରାଥମିକତା ଆଧାରରେ ବିକାଶମୂଳକ କାର୍ଯ୍ୟ ଆରମ୍ଭ

ଜଗତସିଂହପୁର,୦୬/୧୦ (ନି.ପ୍ର): ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ର ସଭାପତି ଶ୍ରୀ ଅନିଲ କୁମାର ସିଂହଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ସମୁଦାୟଗୁଡ଼ିକର ସାମାଜିକ-ଆର୍ଥିକ ସ୍ଥିତି ଓ ଜୀବନଧାରଣର ମାନରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସ୍ଥାନୀୟ ସମୁଦାୟ ସହ ବ୍ୟାପକ ଆଲୋଚନା ଓ ପରାମର୍ଶ ମାଧ୍ୟମରେ ଚିହ୍ନଟ ଏବଂ ପ୍ରାଥମିକତା ଦିଆଯାଇଥିବା ଗ୍ରାମ ବିକାଶ କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଆରମ୍ଭ କରିଛି। ଗତ କିଛି ମାସ ଧରି ଔଝଡ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଏରସମା ବ୍ଲକର ଉକ୍ତ ତିନିଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ସାହିରେ ସ୍ଥାନୀୟ ସମୁଦାୟ ସହ ପରାମର୍ଶ ବୈଠକ ଆୟୋଜନ କରାଯାଇଥିଲା। ଢ଼ିଙ୍କିଆ, ମାହାଳ, ପଟଣା, ଗୋବିନ୍ଦପୁର, ନୂଆଗାଁ, ଗଡ଼କୁଜଙ୍ଗ, ନୋଳିଆ ସାହି ଓ ପୋଲଙ୍ଗ ସମେତ ବିଭିନ୍ନ ଗ୍ରାମ ଓ ହାମ୍ଲେଟ୍ରେ ଅନୁଷ୍ଠିତ ଏହି ବୈଠକଗୁଡ଼ିକରେ ମହିଳା, ଯୁବବର୍ଗ ଓ ବରିଷ୍ଠ ନାଗରିକଙ୍କ ସମେତ ଶତାଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଏହି ପରାମର୍ଶ ବୈଠକଗୁଡ଼ିକରେ ଗ୍ରାମବାସୀମାନେ ବିଭିନ୍ନ ବିକାଶମୂଳକ ଆବଶ୍ୟକତା ଓ ପ୍ରାଥମିକତା ଚିହ୍ନଟ କରିଥିଲେ। ଏଥିରେ ରାସ୍ତା ନିର୍ମାଣ ଓ ଉନ୍ନତିକରଣ, କମ୍ୟୁନିଟି ସେଣ୍ଟର ଓ ଏସ୍ଏଚ୍ଜି ବୈଠକ ଗୃହ ନିର୍ମାଣ, ଡ୍ରେନେଜ୍ ବ୍ୟବସ୍ଥା ନିର୍ମାଣ, ଜୀବିକା ବିକାଶ ପାଇଁ ସହାୟତା, ଭାଗବତ ଟୁଙ୍ଗି ଭଳି ଉପଲବ୍ଧ ସାମୁଦାୟିକ ଢାଞ୍ଚାର ମରାମତି ଓ ନବୀକରଣ, ଶ୍ମଶାନ ଘାଟର ବିକାଶ, ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଉନ୍ନତି ଏବଂ ଗଡ଼କୁଜଙ୍ଗସ୍ଥିତ ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଶ୍ରୀ ଗୁଣ୍ଡିଚା ମନ୍ଦିରର ବିକାଶ ସମେତ ଅନେକ ଆବଶ୍ୟକତା ସାମିଲ ଥିଲା। ପରବର୍ତ୍ତୀ ସମୟରେ, ଅଗଷ୍ଟ ୨୦୨୬ରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ର ସଭାପତି ଶ୍ରୀ ଅନିଲ କୁମାର ସିଂହ ତିନିଟି ଗ୍ରାମ ପଞ୍ଚାୟତର ସମୁଦାୟ ପ୍ରତିନିଧିମାନଙ୍କ ସହ ଏକ ବୈଠକ କରିଥିଲେ। ପୂର୍ବରୁ ଚିହ୍ନଟ ହୋଇଥିବା ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦେବା ସହ ଆଲୋଚନା ସମୟରେ ଅଜଣାରେ ଛାଡ଼ି ଯାଇଥିବା ଅନ୍ୟ କୌଣସି ଆବଶ୍ୟକତା ଥିଲେ ତାହା ମଧ୍ୟ ସୂଚିତ କରିବାକୁ ସେ ସମୁଦାୟ ପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ। ଗ୍ରାମବାସୀମାନଙ୍କ ଦ୍ୱାରା ଜଣାଇଥିବା ପ୍ରାଥମିକତା ଆଧାରରେ ବର୍ତ୍ତମାନ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ତାଲିକା



ଚୂଡ଼ାନ୍ତ କରାଯାଇ କାର୍ଯ୍ୟାନ୍ୱୟନ ପାଇଁ ପଦକ୍ଷେପ ନିଆଯାଇଛି। ଏହି ପଦକ୍ଷେପର ଏକ ଅଂଶ ଭାବେ ଜେଏସଡବ୍ଲ୍ୟୁ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି ଉପରେ ମଧ ଗୁରୁତ୍ୱ ଦେଇଛି। ବିକାଶମୂଳକ କାର୍ଯ୍ୟଗୁଡ଼ିକରେ ସ୍ଥାନୀୟ ଲୋକଙ୍କୁ ନିୟୋଜିତ କରାଯିବା ସହ ନିଜ ନିଜ ଗ୍ରାମର ବିକାଶ କାର୍ଯ୍ୟ ସେହି ଗ୍ରାମର ବାସିନ୍ଦାମାନେ ହିଁ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତିକୁ ସମୁଦାୟ ସଦସ୍ୟମାନେ ବ୍ୟାପକ ଭାବେ ସ୍ୱାଗତ କରିଛନ୍ତି। ଏହା ଫଳରେ ଅଧିକ ସଂଖ୍ୟକ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁଯୋଗ ସୃଷ୍ଟି ହେବା ସହ ବିକାଶମୂଳକ ପଦକ୍ଷେପର ଲାଭ ସମ୍ପୃକ୍ତ ଗ୍ରାମଗୁଡ଼ିକରେ ପହଞ୍ଚିପାରିବ। ଏହି ପ୍ରତିବଦ୍ଧତାର ଅବ୍ୟାହତତାରେ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଧିଙ୍କିଆ ଗ୍ରାମରେ ଚଗଲା ବର୍ଦ୍ଧନଙ୍କ ଘରଠାରୁ ବାମନ ସାମଲଙ୍କ ଘର ପର୍ଯ୍ୟନ୍ତ ୧୨ ଫୁଟ୍ ପ୍ରସ୍ଥର କଂକ୍ରିଟ୍ ରାସ୍ତା ନିର୍ମାଣ କାର୍ଯ୍ୟ ଆଜି ଆରମ୍ଭ ହୋଇଛି। ଏହି ରାସ୍ତା ଧିଙ୍କିଆର ଅମ୍ବାବଟା ସାହିର ବାସିନ୍ଦାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ମାର୍ଗ ହୋଇଥିବା ସହ ବର୍ଷସାରା ସ୍ଥାନୀୟ ସମୁଦାୟ ପାଇଁ ଏକ ଆବଶ୍ୟକ ଲିଙ୍କ୍ ଭାବେ କାର୍ଯ୍ୟ କରିଥାଏ। ବର୍ତ୍ତମାନର କଚ୍ଚା ରାସ୍ତାଟି ବର୍ଷା ଋତୁରେ ପ୍ରାୟତଃ ପାଣିରେ ବୁଡ଼ିଯାଉଥିବାରୁ ଗ୍ରାମବାସୀମାନେ ଯାତାୟାତ, ପରିବହନ ଏବଂ ଆବଶ୍ୟକ ସେବା ପାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେହିପରି, ମାହାଳ ଗ୍ରାମରେ କୁମାର ମଲ୍ଲିକଙ୍କ ଘରଠାରୁ ବାବାଜୀ ରାଉତଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ମଧ ଆରମ୍ଭ ହୋଇଛି। ଏହି ରାସ୍ତା ଢ଼ିଙ୍କିଆର ମୁଖ୍ୟ ରାସ୍ତା ସହ ସଂଯୁକ୍ତ ଏବଂ ଅନେକ ପରିବାର ଦୈନନ୍ଦିନ ଯାତାୟାତ ଓ ଅନ୍ୟାନ୍ୟ ଆବଶ୍ୟକ କାର୍ଯ୍ୟ ପାଇଁ ଏହା ଉପରେ ନିର୍ଭର କରନ୍ତି। ବର୍ଷା ଋତୁରେ ବର୍ତ୍ତମାନର କଚ୍ଚା ରାସ୍ତାରେ ପାଣି ଜମି ଯାଉଥିବାରୁ ସ୍ଥାନୀୟ ଲୋକମାନେ ଦୀର୍ଘଦିନ ଧରି ଅସୁବିଧା ଭୋଗୁଥିଲେ। ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଏବଂ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ର ସହଯୋଗରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ଏହା ମାଧ୍ୟମରେ ଦୀର୍ଘଦିନର ଯୋଗାଯୋଗ ସମସ୍ୟାର ସମାଧାନ ସହ ଗ୍ରାମବାସୀଙ୍କୁ ଅଧିକ ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ସବୁ ଋତୁରେ ଉପଲବ୍ଧ ଯୋଗାଯୋଗ ବ୍ୟବସ୍ଥା ଯୋଗାଇ ଦେବା ଲକ୍ଷ୍ୟ ରହିଛି। କଂକ୍ରିଟ୍ ରାସ୍ତା ନିର୍ମାଣର ଶୁଭାରମ୍ଭ ଅବସରରେ ଆୟୋଜିତ ଉଦ୍ଘାଟନୀ ସମାରୋହ ଉତ୍ସାହ ଓ ଆନନ୍ଦର ସହିତ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍, ପାରାଦୀପର ଉପାଧ୍ୟକ୍ଷ ଶ୍ରୀ ମନୋଜ ସିଂହ, ସିଏସଆର ମୁଖ୍ୟ ଶ୍ରୀ ଅଭିଜିତ ମହାନ୍ତି, ଚଜ ବିଭାଗର ଶ୍ରୀ ସମରେନ୍ଦୁ ପଟ୍ଟନାୟକ, ସିଏସଓ ଶ୍ରୀ ଶୈଳେନ୍ଦ୍ର ମାଝୀ, ଢିଙ୍କିଆ ଜଙ୍ଗଲ କମିଟିର ସଭାପତି ଶ୍ରୀ ନୃସିଂହ ରାଉତ ଓ ସମ୍ପାଦକ ଶ୍ରୀ ପ୍ରଶାନ୍ତ ଲେଙ୍କା, ମାହାଳ ମା' ରାମଚଣ୍ଡୀ ଜଙ୍ଗଲ କମିଟିର ସଭାପତି ଶ୍ରୀ ଅନିରୁଦ୍ଧ ପରିଡ଼ା ଓ ସମ୍ପାଦକ ଶ୍ରୀ ଭ୍ରମରବର ସେଠୀଙ୍କ ସମେତ ଢିଙ୍କିଆ ଓ ମାହାଳ ଜଙ୍ଗଲ କମିଟିର ବିଭିନ୍ନ ସଦସ୍ୟ ଉପସ୍ଥିତ ଥିଲେ। ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଫଳରେ ସ୍ଥାନୀୟ ଗ୍ରାମବାସୀଙ୍କ ଯୋଗାଯୋଗ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆସିବା ସହ ପରିବହନ ସମ୍ବନ୍ଧୀୟ ଅସୁବିଧା ଦୂର ହେବ ବୋଲି ଆଶା କରାଯାଉଛି। ବିଶେଷକରି ବର୍ଷା ଋତୁରେ ଏହା ଗ୍ରାମବାସୀଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ। ଏହି ପଦକ୍ଷେପକୁ ଗ୍ରାମବାସୀମାନେ ଉଷ୍ମତାର ସହ ସ୍ୱାଗତ କରିଛନ୍ତି। ଏହି ରାସ୍ତା ପ୍ରକଳ୍ପଗୁଡ଼ିକ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସମୁଦାୟର ପ୍ରାଥମିକତା ଆଧାରରେ ହାତକୁ ନିଆଯାଉଥିବା ବ୍ୟାପକ ଗ୍ରାମ ବିକାଶ କାର୍ଯ୍ୟକ୍ରମର ଆରମ୍ଭକୁ ସୂଚିତ କରୁଛି। ସମୁଦାୟ ସହ ପରାମର୍ଶ ପ୍ରକ୍ରିୟା ମାଧ୍ୟମରେ ଚିହ୍ନଟ ଓ ପ୍ରାଥମିକତା ପାଇଥିବା ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ମଧ୍ୟ ପର୍ଯ୍ୟାୟକ୍ରମେ ହାତକୁ ନିଆଯିବ। ଉନ୍ନତ ଭିତ୍ତିଭୂମି ସୃଷ୍ଟି, ଜୀବିକାକୁ ସୁଦୃଢ଼ କରିବା ଏବଂ ଗ୍ରାମୀଣ ସମୁଦାୟର ସାମଗ୍ରିକ ଜୀବନଧାରଣର ମାନରେ ଉନ୍ନତି ଆଣିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

# ଜିଲ୍ଲା ପ୍ରଶାସନର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ଖୋରଧା , ୦୬/୧୦ (ନି.ପ୍ର): ଖୋରଧା ଜିଲ୍ଲା ସଦର ମହକୁମା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର୍ ସ୍ମିଥ ପାରୁଷତ୍ତମ୍ ଦାସ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ,ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ,ବିଡିଓ, ଖୋରଧା, ଶ୍ରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର, ଖୋରଧା, ଶ୍ରୀ ବିଭାସ ପାଣିଗ୍ରାହୀ ଏବଂ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ। ଆଜିର ଅଭିଯୋଗ ଶିବିରକୁ ମୋଟ ୯୪ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୩ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ , ଶ୍ରୀ ଋତୁରାଜ ଅଭିଯୋଗ ଶିବିରରେ ୦ ୯ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଶ୍ରୀୟା ଶାଶ୍ୱତୀ , ଉପ ନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ, ଶଙ୍କର ବେହେରା, ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶ୍ରୀ ଅଶୋକ କୁମାର ବେହେରା, ଅବକାରୀ ଅଧିକ୍ଷକ, ଖୋରଧା ଶ୍ରୀମତୀ ସୁମତି ତ୍ରିପାଠୀ, ଡେପୁଟୀ କଲେକ୍ଟର ରଞ୍ଜନ କୁମାର ଦାସଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବରିଷ୍ଠ ଅଧିକାରୀ ବୃନ୍ଦ,ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ,ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

# ବାଲେଶ୍ୱର ଜିଲ୍ଲା ମହାବୀର ଆଖଡ଼ା ସଂଘର ସାଧାରଣ ବୈଠକ

ବାଲେଶ୍ୱର, ୦୬/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମହାବୀର ଆଖଡ଼ା ସଂଘର ସାଧାରଣ ବୈଠକ ସଭାପତି ଗୋପୀନାଥ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସେକ୍ରେଟାରୀ ମନୋଜ କୁମାର ଦାସ, ଉପସଭାପତି ମନୋଜ କୁମାର ରାଉତ,କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ଚାଟାର୍ଜୀ, ଯୁଗ୍ମ ସମ୍ପାଦକ ରାମେଶ୍ୱର୍ ବେହେରା, ସଦର ବିଧାୟକ ଏସିଷ୍ଟାଣ୍ଟ ବିଜେପି ଉପସଭାପତି ସମାଜ ସେବୀ ଗୌରାଙ୍ଗ ଦାସ, ସମାଜ ସେବୀ କୈଳାଶ ଚନ୍ଦ୍ର ଯାଦବ, ଉପଦେଷ୍ଟା ବୈଲଚନ ଦାସ , ଉପଦେଷ୍ଟା ଯଶୋଦା ନନ୍ଦନ ଆଶ, ଉପଦେଷ୍ଟା ଅର୍ଚ୍ଚନା ନନ୍ଦୀ, ଉପଦେଷ୍ଟା ପଦ୍ମଲୋଚନ ଲେଙ୍କା, ସମାଜ ସେବୀ ଆଶ୍ରୀତା ତରେଇ ,ରବୀନ୍ଦ୍ର ବେହେରା , ପ୍ରତିମା ପଣ୍ଡା , ଶ୍ରମିଳା ବାରିକ , ବାସନ୍ତୀ ନାୟକ , ଦେବବ୍ରତ ପାଣିଗ୍ରାହୀ , ପ୍ରମୁଖ ସଂଘର ମୁଖ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏତଦ୍ ବ୍ୟତୀତ ବାଲେଶ୍ୱର ଜିଲ୍ଲାର ସବୁ ଆଖଡ଼ା ଦଳର ସର୍ଦ୍ଦାର ମାନେ ଉପସ୍ଥିତ ଥିଲେ। ଏହି ସାଧାରଣ ବୈଠକ ରେ ମାକଲ ପୂର୍ ମହାବୀର ମନ୍ଦିର ତତ୍ତ୍ୱାଧାରକ ତଥା ଟ୍ରଷ୍ଟ ବୋର୍ଡ ମୁଖ୍ୟ ସୃଷ୍ଟିଧର କମିଳା ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କୋଷାଧ୍ୟକ୍ଷ ରାଜେନ୍ଦ୍ର ଚାଟାର୍ଜୀ ଗଟ ବର୍ଷ ୧୦୦ ବର୍ଷ ପୂର୍ତ୍ତି ଅବସରରେ ହିସାବ ବିକାଶ ସବିଶେଷ ବିବରଣୀ ସମସ୍ତଙ୍କ ସମ୍ମୁଖରେ ରଖିଥିଲେ । କମିଟି ୩୦ ହଜାର ଟଙ୍କା ଅଭାବର ସମ୍ମୁଖୀନ ହୋଇଛି ବୋଲି ଜଣାଇଥିଲେ । ଏପରିକି ବୈଠକ ସବୁବର୍ଷ ନିର୍ଦ୍ଧାରିତ ସମୟରେ ଆଖଡ଼ା ଦଳ ଶୃଙ୍ଖଳିତ ଭାବରେ ଆସିବାକୁ ଅନୁରୋଧ କରିଥିଲେ। ୧୯/୧୦/୨୦୨୬ ସମବାର ରେ ବିରାଷ୍ଟମି ମାକଲ ପୁର ସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ଓ ୨୧/୧୦/ ୨୦୨୬ ବିଜୟା ଦଶମୀ ସିନେମା ଛକରେ ପ୍ରଦର୍ଶନ କରିବାକୁ ଅନୁରୋଧ କରାଯାଇଥିଲା । ଆଖଡ଼ା ଦଳ ନିର୍ଦ୍ଧାରିତ ସମୟ ସୀମା ଭିତରେ ନିଜର ଲାଇସେନ୍ସ ନେବା ପାଇଁ ଅନୁରୋଧ କରାଯାଇଛି । ଶେଷରେ ବୈଲଚନ ଦାସ ଧନ୍ୟବାଦ୍ ଦେଇ ବୈଠକ ଶେଷ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମୁଖ୍ୟ ନିର୍ବାଚନ ଆୟୋଗଙ୍କ...

ଏବଂ ଆଖପାଖ ଅଞ୍ଚଳରେ ଅନାବଶ୍ୟକ ଯାତାୟାତରୁ ଦୂରେଇ ରହିବାକୁ ଅପିଲ୍ କରିଛି। ସୁରକ୍ଷା ବ୍ୟବସ୍ଥା ମଧ୍ୟ ବଢ଼ାଇ ଦିଆଯାଇଛି। ମଲ୍ଲିକାର୍ଜୁନ ଖଡ଼ଗେ ଗୋଟିଏ ଦିନ ପୂର୍ବରୁ ଢରେ ଲେଖିଥିଲେ ଯେ କଂଗ୍ରେସ ପାର୍ଟିର ୩ଟି ଦାବି ନେଇ କୌଣସି ସାଲିସ୍ ହେବ ନାହିଁ। ପ୍ରଥମ—ଜ୍ଞାନେଶ କୁମାରଙ୍କ ଇସ୍ତଫା, ଦ୍ୱିତୀୟ—ଝଓଜକୁ ବାତିଲ କରିବା ଏବଂ ତୃତୀୟ—ବାଲଟ୍ ପେପରରେ ନିର୍ବାଚନ କରାଇବା। ଖଡ଼ଗେ ଅଭିଯୋଗ କରିଛନ୍ତି ଯେ ଝଓଜ ଯୋଗୁଁ ୧୩ କୋଟି ଭୋଟରଙ୍କ ନାମ କଟିଛି। କଂଗ୍ରେସ ନେତା ଉଦିତ ରାଜ କହିଛନ୍ତି, ଜ୍ଞାନେଶ କୁମାରଙ୍କୁ ପଦରୁ ହଟିବାକୁ ହିଁ ପଡ଼ିବ। ଆଜି ନହେଲେ କାଲି ତାଙ୍କୁ ପଦ ଛାଡ଼ିବାକୁ ହେବ। ସେ ଅଭିଯୋଗ କରିଛନ୍ତି ଯେ ସେ ସତ୍ତା କିମ୍ବା ପଦରେ ନଥିବା ସମୟରେ କୋଟି କୋଟି ଲୋକଙ୍କ ଭୋଟ ଅଧିକାର କଥିତ ଭାବେ ଛଡ଼ାଇ ନେବା ଅପରାଧର ଦଣ୍ଡ ତାଙ୍କୁ ଭୋଗିବାକୁ ପଡ଼ିବ। ଏଭଳି ଭାବେ ଗଠିତ ସରକାରଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ବେଆଇନ ବୋଲି ସେ କହିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ଯେ ନିର୍ବାଚନ ଆୟୋଗକୁ ନେଇ ଅଭିଯୋଗ ଓ ଆପତ୍ତି ନୂଆ ନୁହେଁ। ପୂର୍ବରୁ ମଧ୍ୟ ଏହାର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠିଛି। ନିର୍ବାଚନ ଆୟୋଗ କେବଳ ବିଜେପି ପାଇଁ କାମ କରୁଛି ବୋଲି ଅଖିଳେଶ ଅଭିଯୋଗ କରିଛନ୍ତି। ଅଖିଳେଶ ଯାଦବ ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ଆୟୋଗର ଆଭିମୁଖ୍ୟ ଏପରି ଦେଖାଯାଉଛି, ଯେପରି କେବଳ ବିଜେପି ସଦସ୍ୟମାନେ ହିଁ ଭାରତୀୟ ନାଗରିକ ଏବଂ କେବଳ ସେମାନଙ୍କର ଭୋଟ ଦେବାର ଅଧିକାର ରହିଛି। ଏଭଳି ପ୍ରଶ୍ନ ଅନେକ ଥର ସାମ୍ନାକୁ ଆସିଛି ବୋଲି ସେ କହିଛନ୍ତି। ଆରଜେଡି ସାଂସଦ ମନୋଜ ଝା କହିଛନ୍ତି ଯେ ଯଦି ଫର୍ମ-୬କୁ ଅନୁମୋଦନ ଦିଆଯାଇନଥିଲା ଏବଂ ଏକତରଫା ନିଷ୍ପତ୍ତିଗୁଡ଼ିକୁ ବାତିଲ କରିବା କଥା କୁହାଯାଇଛି, ତେବେ ଏବେ କୌଣସି ପ୍ରସ୍ତୁତିର ଆବଶ୍ୟକତା ରହିବା କଥା ନୁହେଁ। ମନୋଜ ଝା କହିଛନ୍ତି ଯେ ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ନିରପେକ୍ଷ ହୋଇପାରିବ ନାହିଁ। ଇଣ୍ଡିଆ ବ୍ଲକ୍ର ସାଂସଦମାନେ ଆଜି ନିର୍ବାଚନ ଆୟୋଗ ଦିଗରେ ମାର୍ଚ୍ଚ କରିବେ ଏବଂ ଦେଶରେ ଗଣତନ୍ତ୍ରର ଅନୁଷ୍ଠାନଗୁଡ଼ିକୁ ମଜବୁତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଊଗଗ ସାଂସଦ ବିଜୟ କୁମାର ହାଁସଦକ କହିଛନ୍ତି ଯେ ଦୀର୍ଘ ସମୟ ଧରି ନିର୍ବାଚନ ଆୟୋଗର ଭୂମିକା ପ୍ରଶ୍ନ ଘେରରେ ରହିଛି। ସେ ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟାରେ ସିଷ୍ଟମ ଏବଂ ସୁରକ୍ଷା ବଳର ଅପବ୍ୟବହାର କରାଯାଇଛି ଏବଂ ଲୋକଙ୍କ ଭୋଟ ଦେବା ଅଧିକାରକୁ ପ୍ରଭାବିତ କରାଯାଇଛି।

## ଆଇନଜୀବୀ ପୀତବାସ...

ଏହାପରେ ଥାନା ଅଧିକାରୀଙ୍କ ସମେତ ବ୍ରହ୍ମପୁର ଓ ସଦର ଝଉଚଡ ତାଙ୍କୁ ପଚରାଉଚରା କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ଚାଲିଥିଲା ଜେରା। ପୁଲିସ ପଚାରିଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିବା ଏବଂ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିଥିବା କହିଛନ୍ତି ବିକ୍ରମ ପଣ୍ଡା। ତେବେ ସାକ୍ଷୀଙ୍କୁ ଧମକ ଓ ପ୍ରଲୋଭନ ଦେବା ଅଭିଯୋଗରେ ହୋଇଥିବା ଏହି ଜେରା ପରେ ତଦନ୍ତ କେଉଁ ଦିଗକୁ ଯାଉଛି।

## ଅନୁଷ୍ଠିତ ହେଲା ଡ. ରମାକାନ୍ତ...

ସଭାକୁ ସଂଚାଳନା କରିଥିଲେ। ଟ୍ରଷ୍ଟପକ୍ଷରୁ ୨୦୨୬ ମସିହା ନିମନ୍ତେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଶିକ୍ଷାଗୌରବ ସମ୍ମାନ ପ୍ରଦାନ କରାଯାଇଥିଲାବେଳେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗବେଷକ ଡ. ଅରବିନ୍ଦ ଗିରି, ଲେଖିକା ଝରଣା ପଟ୍ଟନାୟକ, ଅନୁବାଦକ ଡ. ବିଜୟ କୁମାର ମହାନ୍ତି, ଓ ନାଟ୍ୟକାର ତଥା ଶିଶୁ ସାହିତ୍ୟିକ ଝାଡ଼େଶ୍ୱର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଶସ୍ତିଫଳକ ସହ ଅଙ୍ଗବସ୍ତ୍ର ଓ ପୁସ୍ତକ ସମ୍ମାନିତ ପ୍ରତିଭାଗଣଙ୍କୁ ଅର୍ପଣ କରାଯାଇଥିଲା। ଏହି ଅବସରରେ ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ପକ୍ଷରୁ ପ୍ରକାଶିତ ଡ. ବେହେରାଙ୍କ ସାଧନାମୟ ଜୀବନ ଉପରେ ପର୍ଯ୍ୟବେସିତ ଗ୍ରନ୍ଥ "ସାଧନାଳୟର ସାଧକ ଡ. ରମାକାନ୍ତ ବେହେରା"କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଟ୍ରଷ୍ଟର ଟ୍ରଷ୍ଟି ଡ. ଶିରୀଶ ଚନ୍ଦ୍ର ଜେନା, ଡ. ସୁବର୍ଣ୍ଣକେଶରୀ ସାମଲ, ଡ. ଅର୍ଚ୍ଚନା ସାମଲ, ଶୁଭେନ୍ଦୁ କୁମାର ରାୟ, ଯଦୁନାଥ ସାହୁ, ରଞ୍ଜିତ୍ କୁମାର ଦେ, ଜଗନମୋହନ ପ୍ରଧାନ, ଅନସୂୟା ପ୍ରଧାନ, ନାରାୟଣ ସିଂହ ଓ ଗୌତମ ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନାରେ ସହାୟତା କରିଥିଲେ। ଡ. ପ୍ରଦୀପ୍ତ କୁମାର ମିଶ୍ର, ଡ. ସୁବର୍ଣ୍ଣକେଶରୀ ସାମଲ, ଯଦୁନାଥ ସାହୁ, ଶୁଭେନ୍ଦୁ କୁମାର ରାୟ ଏବଂ ଅଧ୍ୟାପିକା ଅନସୂୟା ପ୍ରଧାନ ମାନପତ୍ର ପାଠ କରିଥିଲେ।

## ୮ ବର୍ଷ ପରେ ଛାତ୍ର ସଂସଦ ...

କରି ପ୍ରାର୍ଥୀ ହୋଇପାରିବେ । ନାମାଙ୍କନ ଦାଖଲ ପରେ ତୀବ୍ର ପ୍ରଚାର ଓ ଶକ୍ତି ପ୍ରଦର୍ଶନ ଦେଖିବାକୁ ମିଳିବ । ତେବେ ଛାତ୍ରଛାତ୍ରୀ କାହା ଉପରେ ଭରସା କରୁଛନ୍ତି ଏବଂ କେଉଁ ସଂଗଠନ ବାଜିମାତ କରୁଛି, ତାହା ଅକ୍ଟୋବର ୧୫ ତାରିଖରେ ହିଁ ସ୍ପଷ୍ଟ ହେବ ।

## ବେତନଟି ଆର ଆଣ୍ଡ୍ ବି ...

ଭିଜିଲାନ୍ସ ଜାଲରେ ପୂର୍ତ୍ତ ବିଭାଗର ବେତନଟୀ ପୂର୍ତ୍ତ ବିଭାଗ ଏସଡିଓ ଅରବିନ୍ଦ ମହାନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୟୂରଭଞ୍ଜଜିଲ୍ଲା ବେତନଟୀ ଆର ଆଣ୍ଡ ବି ସବ୍‌ଡିଭିଜନ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ । ଏକକାଳୀନ ୧୦ଟି ସ୍ଥାନରେ ଚଢ଼ାଉ କରିଛି ଓଡ଼ିଶା ଭିଜିଲାନ୍ସ । ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ୪ଟି ଜିଲ୍ଲାର ଭିଜିଲାନ୍ସ ଟିମ୍ ମିଳିତ ଭାବେ ଏହି ରେଡ୍ ଜାରି କରିଛନ୍ତି । ବାରିପଦା ଭିଜିଲାନ୍ସର ସ୍ୱତନ୍ତ୍ର ଅଦାଲତଙ୍କ ତଲାସି ୱାରେଣ୍ଟ ବଳରେ ଜଣେ ଏଏସପି ୪ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର ଓ ଅନ୍ୟ ସହଯୋଗୀ କର୍ମଚାରୀଙ୍କୁ ନେଇ ଏହି ଚଢ଼ାଉ ଚାଲିଛି । ମୟୂରଭଞ୍ଜ, ବାଲେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲାର ମୋଟ ୧୦ଟି ସ୍ଥାନରେ ଏକସଙ୍ଗେ ତଲାସି ଚାଲିଛି ।

# ସର୍ବ ଭାରତୀୟ ଅବସରପ୍ରାପ୍ତ ସେଣ୍ଟ୍ରାଲ ଗଭରମେଣ୍ଟ ପେନସନର ଏସସେସନ୍ ଓଡ଼ିଶା ବାଲେଶ୍ୱର ବ୍ରାଞ୍ଚ ଗଠନର ଦାବି ପାଇଁ ବୈଠକ




ବାଲେଶ୍ୱର, ୦୬/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସର୍ବ ଭାରତୀୟ ଅବସର ପ୍ରାପ୍ତ ସେଣ୍ଟ୍ରାଲ ଗଭରମେଣ୍ଟ ପେନସନର ଏସସେଶନ ଓଡ଼ିଶା , କଟକ ବାଲେଶ୍ୱର ବ୍ରାଞ୍ଚର ସଭାପତି ବ୍ରଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ପେନସନର ମାନଙ୍କ ଦାବି ପାଇଁ ଏକ ସାଧାରଣ ବୈଠକ ବାଲେଶ୍ୱର ହେଡ ପୋଷ୍ଟ ଅଫିସ କ୍ୟାଣ୍ଟିନ ନିକଟରେ ଏକ ହଲରେ ହୋଇଯାଇଛି । ସାଧାରଣ ସମ୍ପାଦକ ରାଜ କିଶୋର ମଲ୍ଲିକ ଓ ବହୁ ଅବସର ପ୍ରାପ୍ତ ପୋଷ୍ଟାଲ କର୍ମଚାରୀ ଯୋଗ ଦେଇଥିଲେ । ସଭାପତି ବ୍ରଜ କିଶୋର ପ୍ରଧାନ ୨୦୨୬ ଓ ୨୦୨୫ ପୂର୍ବରୁ ଅବସର ଗ୍ରହଣ କରିଥିବା ସମସ୍ତ ପେନସନ ମାନଙ୍କ ଅଷ୍ଟମ ବେତନ କମିଶନର ରିଭିଜନ ହୋଇ ମୂଳ ଦରମାର ସର୍ବନିମ୍ନ ୬୭% ଫିକ୍ସ କରାଯାଉ ଏହା ସ୍ୱାଧୀନତା କାଳରୁ ମାନଦଣ୍ଡ ନିର୍ଦ୍ଧାରିତ ହୋଇଅଛି । ଅନ୍ୟାନ୍ୟ ଦାବି ମଧ୍ୟରେ ପ୍ରତି ୫ ବର୍ଷରେ ମୂଳ ପେନସନର ବୃଦ୍ଧିକୁ ୮୦ ବର୍ଷ ଉପରାନ୍ତେ ୨୦% ବୃଦ୍ଧି ଏହାକୁ ବିଜେପି ସରକାର ପାର୍ଲ୍ୟାମେଣ୍ଟ କମିଟିର ସ୍ଥିର ହୋଇଅଛି । ସ୍ୱାସ୍ଥ୍ୟ ଭତ୍ତା ୧୦୦୦ ଟଙ୍କାରୁ ୩୫୦୦ ଟଙ୍କା ବୃଦ୍ଧି କରାଯାଉ । ସିନିୟର୍ ସିଟିଜେନ୍ସ ମାନଙ୍କୁ ପୂର୍ବ ଭଳି ରେଲୱେ ଟିକେଟରେ ୫୦% ରିହାତି ଦିଆଯାଉ , ଯାହା କରୋନା ସମୟରୁ ବନ୍ଦ ହୋଇଅଛି । ଏହା ୧୫ ବର୍ଷ ପରିବର୍ତ୍ତେ ୧୨ ବର୍ଷ ଅବଧି କରାଯାଉ । ଦରମା ନିର୍ଦ୍ଧାରଣରେ ୩ ଜଣ ପରିବର୍ତ୍ତେ ୫ ଜଣ ସଦସ୍ୟକୁ ନେଇ ନିର୍ଦ୍ଧାରଣ ହେଉ । ଗ୍ରାଚୁଇଟୀ ସୀମା ୨୦ ଲକ୍ଷ ପରିବର୍ତ୍ତେ ୩୦ ଲକ୍ଷ ଦିଆଯାଉ ଦରମା ନିର୍ଦ୍ଧାରଣରେ ସମାନତା ରକ୍ଷା ହେଉ । ଯଥା one grade one pay ହେଉ। ମୂଳ ପେନସନର ୫୦% merget ହୋଇ ପେନସନ ଫିକ୍ସ କରାଯାଉ। ଏହି ଦାବି ଗୁଡ଼ିକ ସରକାରଙ୍କ ଅବଗତ କରାଇବା ପାଇଁ ବୈଠକ ମୂଳ ଉଦ୍ଦେଶ୍ୟ ଥିଲା ଏହି ବୈଠକକୁ ଅବସର ପ୍ରାପ୍ତ ସମସ୍ତ କର୍ମଚାରୀ ପରିଚାଳନା ରେ ସହଯୋଗ କରିଥିଲେ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମ ଉତ୍ସବ ପାଳନ




ରୂପସା ତା୬-୧୦-୨୦୨୬ରିଖ ମଙ୍ଗଳବାର ଅପରାହ୍ନ ତିନିଘଟିକା ସମୟରେ ହାତିଆଡିହା ଶିବମୁନି ଯୋଗାଶ୍ରମ ରେ, ଆଶ୍ରମର ସଭାପତି ମୁନି ରାଜ ନାରାୟଣ ମହାପାତ୍ରଙ୍କ ପରମ ପୂଜ୍ୟା ମାତା ମୁନିରାଜ୍ଞୀ କନକଲତା ମହାପାତ୍ର (ଆଶ୍ରମର ଉପାଧ୍ୟକ୍ଷା)ଙ୍କ ୮୫ତମ ଶୁଭ ଜନ୍ମ ଉତ୍ସବ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ,ଜିଲ୍ଲା ଅଧ୍ୟକ୍ଷ,ମୁନି ସମାଜର ଜ୍ୟୋତି, ବ୍ରହ୍ମ ଜ୍ଞାନୀ ଦିବ୍ୟାତ୍ମା, ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି। ମଞ୍ଚାସୀନ ଥିଲେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ, ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ, ଆତ୍ମଜ୍ଞାନୀ ଯୋଗୀ ଶଚିନ୍ଦ୍ର ମୁନି, ଆତ୍ମଜ୍ଞାନୀ ଯୋଗୀ ବଳଭଦ୍ର ମୁନି,ସେ ଅତି ସୁନ୍ଦର୍ ଆଶୀର୍ବାଦ ପୂର୍ଣ୍ଣ ସାରଗର୍ଭକ ଏକ କବିତା ଗାନ କରିଥିଲେ ।ମୁନି ରାଜ ଅମୂଲ୍ୟମୁନି ଆଶୀର୍ବଚନ ପ୍ରଦାନ କରିଥିଲେ । ସମସ୍ତେ ସେମାନଙ୍କର ପୁଅ ଝିଅ ମାନଙ୍କର ଜନ୍ମ ଉତ୍ସବ ପାଳନ କରିଥାନ୍ତି ମାତ୍ର ପିତା ମାତାଙ୍କର ଜନ୍ମ ଉତ୍ସବ ପାଳନ କରିବା ,ସମଗ୍ର ବିଶ୍ୱ ପାଇଁ ଏହା ଏକ ଉଦାହରଣ ।ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା ମୁନି ସଙ୍ଗୀତ ଗାନ କରିଥିଲେ।ଆଦର୍ଶ ସୁ ପୁତ୍ର ଆଶ୍ରମର ସଭାପତି ମୁନି ରାଜ ନାରାୟଣ ମହାପାତ୍ର ପ୍ରାରମ୍ଭିକ ଭାଷଣରେ ସମସ୍ତଙ୍କୁ ସମ୍ବୋଧିତ କରିଥିଲେ।ଉପାଧ୍ୟକ୍ଷ୍ୟା ଅକୁଣ୍ଠିତ ଚିତ୍ତରେ ଆଶ୍ରମ ଗୃହ ନିର୍ମାଣାର୍ଥେ ଅନୁଦାନ ସର୍ବଦା ଜାରି ରଖି ଥିବାରୁ,ନୂତନ ଆଶ୍ରମଗୃହରେ ହିଁ ଆଜି ତାଙ୍କର ଶୁଭଜନ୍ମୋତ୍ସବ ପାଳନ କରାଯାଇଥିଲା ଏବଂ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ,ତାଙ୍କର ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଯୋଗମୟ ଜୀବନ ଯାପନ ର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା।ଉପସ୍ଥିତ ଥିଲେ- ମୁନି ଯୋଗେନ୍ଦ୍ର ବେହେରା, ଜଗଦୀଶ ପରିଡା, ହୃଷିକେଶ ପରିଡ଼ା,ସତ୍ୟ ସେନାପତି,ସୁଦର୍ଶନ ବର, ଚିତ୍ତରଞ୍ଜନ ବର,ମୁନିରାଜ୍ଞୀ ବିମଳା ଲେଙ୍କା, ବାସନ୍ତୀ ମହାଳିକ, ମୁନିମତୀ ମଞ୍ଜୁଲତା ବେହେରା,ମିନତୀ ଜେନା, ସଂଯୁକ୍ତା ବେହେରା,ମମତା ମହାପାତ୍ର, କୈକେୟୀ ଜେନା, ଯମୁନା ପାତ୍ର, ପାର୍ବତୀ ସେଠି, ଉର୍ମିଳା ରାଉଳ, ନିନ ସାହୁ, ଜାହ୍ନବୀ ଗିରି,ବାସନ୍ତୀ ଗିରି, ସୁମତୀ ବେହେରା, ବାସନ୍ତୀ ପରିଡ଼ା,କୁନି ମାଝୀ,ମିନତୀ ବର,ମେଘମାଳା ଜେନା,ସୁକାନ୍ତୀ ଜେନା,ପ୍ରମିଳା ବେହେରା,ସୁଷମା ପରିଡ଼ା,ଉର୍ମିଳା ପଣ୍ଡା ପ୍ରମୁଖ ବହୁ ମୁନି ମୁନିମତୀ ମାନେ ।ଶେଷରେ ସୁ ପୁତ୍ର ନାରାୟଣ ବାବୁ,ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ଦକ୍ଷତା ବିକାଶରୁ ଆତ୍ମନିର୍ଭରତା: ଜଳେଶ୍ୱରରେ ମହିଳାମାନଙ୍କ ପାଇଁ ଏକ ମାସିଆ ଝୋଟ ସାମଗ୍ରୀ ତିଆରି ତାଲିମ ଶିବିର ଉଦ୍‌ଘାଟିତ




ଜଳେଶ୍ୱର, ୦୬/୧୦ (ନି.ପ୍ର): ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ଜଳେଶ୍ୱରରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । ଜଳେଶ୍ୱର ସହରର ୮ ନମ୍ବର ୱାର୍ଡସ୍ଥିତ ପଞ୍ଚୁଘଣ୍ଟାଠାରେ କୃଷି ବିଭାଗ,ମିଶନ ଶକ୍ତି ଏବଂ ସାମାଜିକ ସଂଗଠନ ର ମିଳିତ ଆନୁକୂଲ୍ୟରେ ଏକମାସିଆ ଝୋଟ ସାମଗ୍ରୀ ପ୍ରସ୍ତୁତି ତାଲିମ କେନ୍ଦ୍ରର ଶୁଭ ଉଦଘାଟନ ହୋଇଯାଇଛି। ଏହି ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ମହିଳାମାନଙ୍କୁ ଝୋଟରୁ ବିଭିନ୍ନ ଆକର୍ଷଣୀୟ ବ୍ୟାଗ୍, ଫାଇଲ୍, କ୍ରାଫ୍ଟ ଏବଂ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରିବାର ନିପୁଣତା ସିଖାଯିବ। ଝୋଟ ଭଳି ପ୍ରାକୃତିକ ଓ ପରିବେଶ-ଅନୁକୂଳ ସମ୍ପଦର ସଠିକ୍ ବିନିଯୋଗ କରି ମୂଲ୍ୟବାନ ସାମଗ୍ରୀ ତିଆରି କରିବା ସହ ସ୍ୱାବଲମ୍ବୀ ମହିଳା,ସଶକ୍ତ ପରିବାର ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଉଦଘାଟନୀ ସମାରୋହରେ ଜଳେଶ୍ୱରର ଲୋକପ୍ରିୟ ନେତା ଶ୍ରୀ ବ୍ରଜମୋହନ ପ୍ରଧାନ, ଯୁବମୋର୍ଚ୍ଚା ସଭାପତି ଫାଲ୍ଗୁନୀ ପାଣିଗ୍ରାହୀ, ନଗର ମଣ୍ଡଳ ସଭାପତି ଶିବ ନାରାୟଣ ମହାପାତ୍ର,ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତାପସ ପାଣିଗ୍ରାହୀ ଏବଂ ଆଦିତ୍ୟ ନାରାୟଣ ପାତ୍ର ରାଜେଶ ଖଟୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ,ଦକ୍ଷତା ବିକାଶ ଓ ରୋଜଗାର ସୃଷ୍ଟି ମାଧ୍ୟମରେ ଆତ୍ମନିର୍ଭରତା ହାସଲ କରିବା ହିଁ ବିକଶିତ ଜଳେଶ୍ୱର ନିର୍ମାଣର ପ୍ରକୃତ ପଥ। ଏହି ପ୍ରଶିକ୍ଷଣ ଦ୍ୱାରା ଅଞ୍ଚଳର ବହୁ ମହିଳା ନିଜ ପାଦରେ ନିଜେ ଛିଡ଼ା ହୋଇ ସାର୍ଥକ ଆତ୍ମନିର୍ଭରତାର ସ୍ୱାଦ ପାଇପାରିବେ।

# ଆବାସ ଯୋଜନାରେ ଦୁର୍ନୀତି ନେଇ ବିଡ଼ିଓଙ୍କ ଦ୍ୱାରସ୍ଥ ହେଲେ ଖୁଦିଆମାଝି ସାହି ଗ୍ରାମବାସୀ

ଜଳେଶ୍ୱର, ୦୬/୧୦ (ନି.ପ୍ର): ସରକାରଙ୍କ ଆବାସ ଯୋଜନାରେ ବ୍ୟାପକ ଚଞ୍ଚକତା ଓ ଅନିୟମିତତା ହୋଇଥିବା ଅଭିଯୋଗ କରି ପ୍ରକୃତ ହିତାଧିକାରୀଙ୍କୁ ହକ୍ ଦେବା ଦାବିରେ ମଙ୍ଗଳବାର ଦିନ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ଗ୍ରାମବାସୀ। ମିଳିଥିବା ସୂଚନା ଅନୁଯାୟୀ, ରାଇବଣିଆ ଥାନା ଅନ୍ତର୍ଗତ ଖୁଦିଆମାଝି ସାହି ପଞ୍ଚାୟତରେ ପ୍ରସ୍ତୁତ ଆବାସ ଯୋଜନା ତାଲିକାରେ ବ୍ୟାପକ ଗଡ଼ବଡ଼ ହୋଇଥିବା ଦେଖିବାକୁ ମିଳିଛି। ପ୍ରକୃତ ଗରିବ ଓ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ଅଯୋଗ୍ୟ, ଧନୀ ଶ୍ରେଣୀ, ପ୍ରଭାବଶାଳୀ ବ୍ୟକ୍ତି ଏବଂ ସରକାରୀ ଚାକିରିଆଙ୍କ ପରିବାର ଲୋକଙ୍କୁ ତାଲିକାରେ ସାମିଲ କରାଯାଇଛି ।ଏପରିକି ଗୋଟିଏ ବ୍ୟକ୍ତିଙ୍କ ନାମରେ ବାରମ୍ବାର ଘର ମଞ୍ଜୁର ହୋଇଥିବା ଭଳି ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ପଞ୍ଚାୟତରେ ଅଧିକାଂଶ ହରିଜନ ଓ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଥିବା ଶ୍ରେଣୀର ଲୋକ ବସବାସ କରୁଥିବା ବେଳେ, ଏହିଭଳି ପ୍ରଶାସନିକ ଏବଂ ସ୍ଥାନୀୟ ଚଞ୍ଚକତା ଯୋଗୁଁ ସେମାନେ ନିଜର ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ।ଏହି ଅନିୟମିତତା ବିରୋଧରେ ଗ୍ରାମର ବିଜୟ ଜେନା, ସୁଶୀଲ କୁମାର ପଲ୍, ଗୌରଙ୍ଗ ବେହେରା, ଶଶାଙ୍କ ବେହେରା, ପ୍ରକାଶ ବେହେରା, ତପନ ଘୋଷ, ରଞ୍ଜିତ୍ ଦେହୁରୀ, ଉମାକାନ୍ତ ସିଂହ ଏବଂ ଶଙ୍କର ଘୋଷ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ବିଡ଼ିଓଙ୍କୁ ଭେଟି ଆଲୋଚନା କରିଛନ୍ତି। ଘଟଣାର ପୂର୍ଣ୍ଣାଙ୍ଗ ତଦନ୍ତ କରାଯାଇ ପ୍ରକୃତ ଗରିବଙ୍କୁ ଘର ଯୋଗାଇଦେବା ସହ ଅନିୟମିତତା ପଛରେ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ, ବିଡ଼ିଓ ଶ୍ରୀ ଘୋଷ ଅଭିଯୋଗର ନିରପେକ୍ଷ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି।

# ଗଜାନନ କମିଟି ତରଫରୁ ୩ ଦିନ ବ୍ୟାପୀ ଅନୁଷ୍ଠିତ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

ଭଦ୍ରକ , ୦୬/୧୦ (ନି.ପ୍ର): ଭଦ୍ରକ ହେଉଛି କଳା ସାହିତ୍ୟ ସଂସ୍କୃତି ର ମାଟି, ଏ ମାଟିର ସ୍ୱପ୍ନକୁ ସାକାର କରିବା ପାଇଁ ଚରିତାର୍ଥ କରିବା ଓ ସଂସ୍କୃତି କୁ ଉଜ୍ଜୀବିତ କରିବାପାଇଁ ଗଜାନନ କମିଟି ପକ୍ଷରୁ ଆଜି ଆୟୋଜିତ ସାଂସ୍କୃତିକ ଉତ୍ସବ ଉଦଯାପିତ ହୋଇଯାଇଛି । ସାମ୍ବାଦିକ ତଥା ଗଜାନନ କମିଟି ର ମାର୍ଗଦର୍ଶକ ରବିନାରାୟଣ ଖିଲାର ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସିଟି ଡ଼ିଏସପି ଅନିଲ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ବାବା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କର ,ସମ୍ମାନୀତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା, ନାରୀ ନେତ୍ରୀ ତଥା ଶକ୍ତିସ୍ୱରୂପା ସଂଗଠନ ର ସଭାପତି ଶଶି କଳା ମିଶ୍ର,ସମ୍ପାଦିକା ଶିକ୍ଷୟତ୍ରୀ ସରୋଜିନୀ ନାୟକ ପ୍ରମୁଖ ଯୋଗଦେଇ ପ୍ରଭୁ ଗଣେଶ ଙ୍କ ମହିମା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗଣେଶ ଙ୍କୁ ପୂଜା କଲେ ସମସ୍ତ ଅମଙ୍ଗଳ ଦୂର ହୋଇ ସବୁ ମଙ୍ଗଳ ହେବା ସହିତ ସବୁ ଅଶୁଭ ଦୂର ହୋଇ ଶୁଭ ହୋଇଥାଏ, ଗଣେଶ ହେଉଛନ୍ତି ବୁଦ୍ଧି ଓ ଜ୍ଞାନ ର ଦେବତା, ଯିଏ ବାପା ଓ ମା ଉଭୟ ଙ୍କୁ ଭଲ ପାଆନ୍ତି ତାଙ୍କରି ଠାରୁ ଆମେ ମାନେ ଶିଖି ବାପା ମା ଙ୍କୁ ଭଲ ପାଇବା ଶିଖିଛନ୍ତି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ,ସୁସଂଗଠିକା ଅନିତା ରାୟ ଓ ସୀମା ରାଉତ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ନୃତ୍ୟ ଶିଳ୍ପୀ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା କ୍ଷକମିଟିର ସଭାପତି ସନିଆ ନାୟକ ମଞ୍ଚ ଆମନ୍ତ୍ରଣ ଓ ସମ୍ପାଦକ ଶିବା ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ କଣ୍ଠ ଶିଳ୍ପୀ ସରୋଜ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବଣ୍ଟି ନାୟକ, ରାଜେଶ ନାୟକ, ମନୋଜ ନାୟକ,ଅଭୟ ନାୟକ,ଦେବା ନାୟକ ପ୍ରମୁଖ ନାୟକ କଲୋନୀ ର ଯୁବକ ମାନଙ୍କ ନେତୃତ୍ୱ ରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ



ବାଲେଶ୍ୱର , ୦୬/୧୦ (ନି.ପ୍ର): ଦି ୱେଲଫୟାର ଅନୁଷ୍ଠାନ ଆନୁକୂଲ୍ୟରେ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ ହୋଇଯାଇଅଛି ।ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ ଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ ପରେପରେ ମସ୍ତିଷ୍କ ପକ୍ଷାଘାତ ବିଦ୍ୟାଳୟର ଶିକ୍ଷକ ଶ୍ରୀ ସୌମ୍ୟରଂଜନ ସେନାପତି ପାରମ୍ଭିକ ଅଭିଭାଷଣରେ ମସ୍ତିଷ୍କ ପକ୍ଷାଘାତ ଶିଶୁ ମାନଙ୍କର ଯତ୍ନ ଓ ଏହିଭଳି ପିଲା ଜନ୍ମ ହେବାର କାରଣ ବିଷୟରେ ଆଲୋକପାତ କରିଥିଲେ । ପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ନିଜ ନିଜର ବକ୍ତବ୍ୟରେ ଏହି ଭଳି ଶିଶୁମାନେ କିପରି ସମାଜରେ ବଞ୍ଚିବେ କି ଉପାୟରେ ସେମାନଙ୍କର ମସ୍ତିଷ୍କର ବିକାଶ ଘଟିବ ନିଜ ନିଜ ଅଭିଭାଷଣ ବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଛାତ୍ରୀ ଶୁଭଲକ୍ଷ୍ମୀ ମହାପାତ୍ରଙ୍କ ମା ଶ୍ରୀମତୀ ବନ୍ଦିତା ମହାପାତ୍ର କିପରି ନିଜେ ପରିଶ୍ରମ କରି ତାଙ୍କ ଝିଅର ମସ୍ତିଷ୍କର କିପରି ବିକାଶ ଘଟିଛି ସେ ଅନୁଭୂତିକୁ ପ୍ରକାଶ କରିଥିଲେ । ପରେ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସ ଏହିଭଳି ଶିଶୁ ମାନଙ୍କ ଠାରେ ପ୍ରାୟତଃ ଚାଲିଚଳନ, ହାତ ଥରିବା, ଇତଃସ୍ତତଃ ଚଳନ ଦେଖାଯାଏ । କଣ କରିବା ଦ୍ୱାରା ବିକାଶ ହେଇ ପାରିବ ତାହା କହିଥଲେ । ଶେଷରେ ଶିକ୍ଷୟତ୍ରୀ ଶ୍ରୀମତୀ ବାସନ୍ତୀ ସିଂ ଧନ୍ୟବାଦ ଜଣାଇଥିଲେ ।

# ଓୟୁଜେ ଜିଲ୍ଲା ଶାଖା ପୁନର୍ଗଠିତ

## ଗଙ୍ଗାଧର ସଭାପତି, ବିବେକାନନ୍ଦ ସମ୍ପାଦକ, ସୁରେଶ କୋଷାଧ୍ୟକ୍ଷ





ବାଲେଶ୍ୱର, ୦୬/୧୦ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ବାଲେଶ୍ୱର ଜିଲ୍ଲା ଶାଖାର ଦ୍ୱିବାର୍ଷିକ ସମ୍ମିଳନୀରେ ନୂତନ କର୍ମକର୍ତ୍ତା ଆଗାମୀ ଦୁଇ ବର୍ଷ ପାଇଁ ମନୋନୀତ କରାଯାଇଛି । ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ ଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଚୟନ କମିଟି ରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି କମିଟିରେ ପରାମର୍ଶ ଦାତା ଭାବେ ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ଚନ୍ଦ୍ରମୋହନ ମହାପାତ୍ର, କୈଳାସ ଚନ୍ଦ୍ର ଦାସ, ଅଜିତ କୁମାର ମହାନ୍ତି ସୁକାନ୍ତ ବିନ୍ଧାଣୀ ରହିଛନ୍ତି । ନୂତନ କମିଟିରେ ଗଙ୍ଗାଧର ରାଉତଙ୍କୁ ସଭାପତି,ବିବେକାନନ୍ଦ ଦାସ ଙ୍କୁ ସାଧାରଣ ସମ୍ପାଦକ,ଓ କୋଷାଧକ୍ଷ ଭାବେ ସୁରେଶ ଚନ୍ଦ୍ର ଦାସ ଉପରେ ପୁନର୍ବାର ୟୁନିଅନ ଆଶା ପ୍ରକଟ କରି ଆଗାମୀ ଦୁଇ ବର୍ଷ ପାଇଁ ମନୋନୀତ କରିଛି । ସେହିପରି ନୂତନ କମିଟି ରେ ଉପସଭାପତି ଭାବେ ଉତ୍କଳ ବନ୍ଧୁ ପଣ୍ଡା, ପ୍ରତ୍ୟାସା ପ୍ରିୟମ୍ବଦା ମହାନ୍ତି, ସମ୍ପାଦକ ଭାବରେ ତପୋଧନ ବାରିକ, ନନ୍ଦକିଶୋର ସାହୁ, ଲକ୍ଷ୍ମୀଧର ବାରିକ, ରବିରଞ୍ଜନ ତ୍ରୀପାଠୀ, ସୋମନାଥ ସାହୁ ବ୍ଲକ ସଂଯୋଜକ ଭାବେ ସୋର ରୁ ସୁଶାନ୍ତ କୁମାର ବେହେରା, ରମାକାନ୍ତ ପଣ୍ଡା ,ବାହାନଗା ରୁ ଜୟଦେବ ଆଚାର୍ଯ୍ୟ, ସିମୁଳିଆରୁ ଗଦାଧର ଜେନା, ରେମୁଣା ଲକ୍ଷ୍ମୀଧର ଗାଣ, ବାଲିଆପାଳ ରୁ ରାଜଶ୍ରୀ ପାଣିଗ୍ରାହୀ ବାଲେଶ୍ୱର ରୁ ମହେଶ୍ୱର ପ୍ରଧାନ, ଖଇରା ପାଇଁ ଉମେଶ ଚନ୍ଦ୍ର ଜେନା,ଓ ସଞ୍ଜୟ କୁମାର ବେହେରା ଅଛନ୍ତି । ସଂଗଠନ ଦାୟିତ୍ୱ ଦୁଇ ଜଣ ଅଭିଜ୍ଞ ସଦସ୍ୟଙ୍କୁ ଦିଆଯାଇଛି । ସେମାନେ ହେଲେ ମଧୁସୂଦନ ଦାସ ଓ ତୃପ୍ତିକାନ୍ତ ପାଢ଼ୀ,ୟୁନିଅନର ଶୃଙ୍ଖଳା କମିଟିରେ ଅରୂପ ଦାସ, କୈଳାସ ଚନ୍ଦ୍ର ଦାସ ,ମନୋଜ ରାୟ ସନ୍ତୋଷ କୁମାର ନାୟକ ରହିଛନ୍ତି ।ଜିଲ୍ଲା ରେ ସଂଗଠନ କୁ ଅଧିକ କ୍ରିୟାଶୀଳ,ଉତ୍ତରଦାୟୀ,ଓ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଜନତାଙ୍କ ପାଇଁ ପ୍ରତିଶ୍ରୁତି ବଦ୍ଧ ହେବାକୁ ସଦସ୍ୟ ମାନେ କାର୍ଯ୍ୟ କରିବା ଉପରେ ବରିଷ୍ଠ ସଦସ୍ୟ ମାନେ ଗୁରୁତ୍ୱ ଆରୋପ କରିଛନ୍ତି ।

# ବାରିପଦାରେ ଯୁଗ୍ମ ଜନ ଶୁଣାଣୀ ଶିବିର ଅନୁଷ୍ଠିତ: ମୋଟ ୨୭୫ ଗୋଟି ଅଭିଯୋଗର ହେଲା ଶୁଣାଣି



ବାରିପଦା, ୦୬/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୭୫ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୨୩୬ ଗୋଟି ବ୍ୟକ୍ତିଗତ ଏବଂ ୩୯ ଗୋଟି ସାମୁହିକ ସମସ୍ୟା ଆଧାରିତ ଅଭିଯୋଗ ହୋଇଛି । ଏହାସହ ୧୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସୟ ନିର୍ଦ୍ଦେଶ ଦେଇଛନ୍ତି । ଜନ ଅଭିଯୋଗ ଶୁଣାଣୀ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

# ସାଇବର ଠକଙ୍କ ଟାର୍ଗେଟରେ ମମତା ହିତାଧିକାରୀ: ପ୍ରସୂତୀ ମହିଳାଙ୍କୁ ଆସୁଛି ଫ୍ରଡକଲ୍

ନୀଳଗିରି, ୦୬/୧୦ (ନି.ପ୍ର): ପ୍ରସୂତୀ ମହିଳାମାନେ କିପରି ପୁଷ୍ଟିକର ଖାଦ୍ୟଖାଇ ଅପପୁଷ୍ଟିରୁ ବଞ୍ଚିତହେବେ ସେଥିନିମନ୍ତେ ରାଜ୍ୟ ସରକାର ପକ୍ଷରୁ ମମତା ଯୋଜନାର ପରିକଳ୍ପନା କରାଯାଇଥିଲା । ଏହି ଯୋଜନା ମାଧ୍ୟମରେ ପୁଅ ଜନ୍ମ ହେଲେ ହିତାଧିକାରୀଙ୍କୁ ୧୦ ହଜାର ଓ ଝିଅ ଜନ୍ମ ହେଲେ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥାଏ ।ଏହି ଟଙ୍କା ସିଧାସଳଖ ଜନ୍ମଦାତ୍ରୀଙ୍କ ବ୍ୟାଙ୍କ ଖାତାକୁ ଦୁଇଟି ପର୍ଯ୍ୟାୟରେ ଯାଇଥାଏ । ପ୍ରାଥମିକ ପର୍ଯ୍ୟାୟରେ ୬ ହଜାର ଓ ପ୍ରସବପରେ ଦ୍ୱିତୀୟ ପର୍ଯ୍ୟାୟରେ ବକେୟା ଟଙ୍କା ଯାଇଥାଏ ।ନୀଳଗିରି ବ୍ଲକରେ ୫ ହଜାରରୁ ଉର୍ଦ୍ଧ୍ୱ ମମତା ହିତାଧିକାରୀ ରହିଥିବା ବେଳେ ସାଇବର ଲୁଟେରା ମାନେ ଏବେ ମମତା ହିତାଧିକାରଙ୍କୁ ଟାର୍ଗେଟ କରିଛନ୍ତି । ଯେଉଁ ମମତା ହିତାଧିକାରୀଙ୍କ ପ୍ରଥମ ପର୍ଯ୍ୟାୟର ଟଙ୍କା ମିଳିଯାଇଛି ସେମାନଙ୍କ ମୋବାଇଲ ନମ୍ବରକୁ କଲ୍ ଆସୁଛି ସିଡିପିଓ, ସୁପର ଭାଇଜର ବୋଲି କୁହାଯିବା ସହ ଦ୍ୱିତୀୟ ପର୍ଯ୍ୟାୟର ଟଙ୍କା ଯିବ ଓଟିପି ପ୍ରଦାନ କରିବା ପାଇଁ କୁହାଯାଉଛି ।ଏ ନେଇ ହିତାଧିକାରୀ ମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ନୀଳଗିରି ସିଡିପିଓ ଗୀତାଞ୍ଜଳୀ ମହାପାତ୍ରଙ୍କ ପକ୍ଷରୁ ସମସ୍ତ ସୁପଭାଇଜରଙ୍କ ଜରିଆରେ ହିତାଧିକାରୀଙ୍କୁ ସଚେତନ କରାଯାଇଛି କୌଣସି କଲ୍ ଆସିଲେ କାହାକୁ ଓଟିପି ପ୍ରଦାନ କରିବା ପାଇଁ ମନା କରାଯାଇଛି ,ଯଦି ଏପରି ଫୋନ ଆସୁଛି ଥାନା ଅଭିଯୋଗ କରିବା ପାଇଁ କୁହାଯାଇଛି ।

# ଭଦ୍ରକରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ 'ସୁରକ୍ଷିତ ଘରକୁ ଫେରନ୍ତୁ' ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ




ଭଦ୍ରକ, ୦୬/୧୦ (ନି.ପ୍ର): ଭଦ୍ରକ ଜିଲ୍ଲାର ପିଏମ୍ ଶ୍ରୀ ବି.ଏମ୍. ବାଗୁରାଇ ହାଇସ୍କୁଲରେ ସେବା ସଂକଳ୍ପ ଅଭିଯାନ-୨୦୨୬ ଅନ୍ତର୍ଗତ ଃ'ସୁରକ୍ଷିତ ଘରକୁ ଫେରନ୍ତୁ'ଃ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାୟ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଶାନ୍ତ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅଂଶୁମାନ ଦ୍ୱିବେଦୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଶୁଭେନ୍ଦୁ ରଞ୍ଜନ ରାୟ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ନିୟମ ସମ୍ପର୍କରେ ସଚେତନ କରାଇଥିଲେ ।ଏହି ଅବସରରେ ହେଲମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବ୍ୟବହାର, ଦ୍ରୁତ ଗତିରେ ଗାଡ଼ି ନ ଚଲାଇବା, ମୋବାଇଲ ଫୋନ୍ ବ୍ୟବହାର କରି ଗାଡ଼ି ନ ଚଲାଇବା ଏବଂ ଟ୍ରାଫିକ ନିୟମ ପାଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ନିଜେ ସୁରକ୍ଷିତ ରହି ଅନ୍ୟକୁ ସୁରକ୍ଷିତ ରଖି ସୁରକ୍ଷିତ ଭାବେ ଘରକୁ ଫେରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଯାଇଥିଲା ।

# ଗଡପୋଖରୀ ପଞ୍ଚାୟତରେ ବିଧାୟକ ଓ ଅଧ୍ୟକ୍ଷାଙ୍କ ଜନଶୁଣାଣି ଶିବିର

ଖଇରା, ୦୬/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ସିମୁଳିଆ ଗାୟିତ୍ରୀ ପଡିଆରେ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ଉପସ୍ଥିତିରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ମୋଟ ୨୮୪ଜଣ ଅଭିଯୋଗକାରୀ ବ୍ଲକ ପ୍ରଶାସନ ଉପସ୍ଥିତିର ନିଜ ନିଜର ଅଭିଯୋଗ ଉତ୍‌ଥାପନ କରିଥିଲେ । ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ଉପରେ ଶତାଧିକ ଅଭିଯୋଗ ଆସିଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ,ଅନ୍ତ୍ୟୋଦୟ ଗୃହ,ରେସନ କାର୍ଡରେ ନାମ ଯୋଡା,ଭୁମିହିନ ପଟ୍ଟା,ବିଦ୍ୟୁତ ସଂଯୋଗ,ଧାନଗଛ ନଷ୍ଟ,ପାରିଖମା-ଡାହି ଗ୍ରାମ୍ୟ ଉନ୍ନୟନ ରାସ୍ତା ଅସମ୍ପୂର୍ଣ୍ଣ ରଖାଯିବା ତଥା ପାନୀୟ ଜଳ ସମସ୍ୟା ଉପରେ ଏହି ଶୁଣାଣି କରାଯାଇଥିଲା । ବିଡିଓ ନାରାୟଣ ସାହୁ,ତହସିଲଦାର ଅନୂପ କୁମାର ବେହେରା,ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ,ବ୍ଲକ ପ୍ରାଣି ଚିକିତ୍ସାଧିକାରୀ ଶୁଭାଶିଷ ମହାପାତ୍ର,ଯୋଗାଣବିଭାଗ ଅଧିକାରିଣୀ ସୁଭାଶିନୀ ସାହୁ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦ୍ରୁପଦ ନାୟକ,ଏପିଓ ବିନୋଦ ଟୁଡୁ,ସିଡିପିଓ ଉର୍ମିଳା ବେହେରା,କୁପାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରିଣୀ ଅନୋଲା ଜଗଦେବ,ଏବିଇଓ ଲକ୍ଷ୍ମୀଧର ସିଂ,ସାମାଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକ ପ୍ରମୁଖ ଶୁଣାଣିରେ ସହଯୋଗ କରିଥିଲେ ।ସରପଞ୍ଚ ଟିକିରାଣି ସେଠୀ ଓ ସମିତିସଭ୍ୟ ଶତ୍ରୁଘ୍ନ ସେଠୀ ଉପସ୍ଥିତ ଥିଲେ ।

# କାଳିଆଖିଆ ଗ୍ରାମରେ ମା' ମନସା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଲଙ୍ଗଳେଶ୍ୱର, ୦୬/୧୦ (ନି.ପ୍ର): ବାଲିଆପାଳ ବ୍ଲକ ବେତଗଡ଼ିଆ ପଞ୍ଚାୟତ ଅଧିନସ୍ଥ କାଳିଆଖିଆ ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ନିର୍ମିତ ମା' ମନସା ଦେବୀଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଉଦଘାଟକ ଭାବେ ବସ୍ତାର ମାନ୍ୟବର ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ମାଆଙ୍କ ମନ୍ଦିରର ଶୁଭ ଉଦଘାଟନ କରିଥିଲେ । ମା' ମନସା ଦେବୀଙ୍କ ଆଶୀର୍ବାଦ ଭିକ୍ଷା କରି ବିଧାୟିକା ଶ୍ରୀମତୀ ଜେନା ଅଞ୍ଚଳବାସୀଙ୍କର ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ । ମାଆ ମନସା ଦେବୀଙ୍କ ପୂଜାର୍ଚ୍ଚନା ସହ ହୋମ ଯଜ୍ଞ ଏବଂ ହରି ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବେତଗଡ଼ିଆ ପଞ୍ଚାୟତର ସରପଞ୍ଚ ସୁମିତ୍ରା ଗିରି,ସନ୍ତୋଷ କୁମାର ଗିରି, ଜୀବନ କୃଷ୍ଣ ନାୟକ, ମନ୍ମଥ ପାଣି, ଯତୀନ୍ଦ୍ର ଗିରି, ବଳରାମ ଆଦକ, ଲକ୍ଷ୍ମଣ ପରିଡ଼ା, ଅନନ୍ତ ଗିରି, ସୁଧୀର ପାଢ଼ିଆରୀ, ଯୁଧିଷ୍ଠିର ଗିରି, ଜଗନ୍ନାଥ ସାହୁ,ଅନିଲ କୁମାର ପାତ୍ର, ଗୋପାଳ ଚନ୍ଦ୍ର ଦାସ, ଲିଙ୍ଗରାଜ ଗିରି, ବିଜୟ ଦାସ, ମୁରାରୀ ମୋହନ ଗିରି, ଜୟନ୍ତ ଆଦକ, ଜଗନ୍ନାଥ ମାଝୀ, ହରିଶଙ୍କର ଦତ୍ତ,ଜୟାନନ୍ଦ ପାତ୍ର,ଶକ୍ତିପଦ ଗିରି,ସରସ୍ୱତୀ ଗିରି,ପ୍ରଶାନ୍ତ କାମିଳା ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇଥିଲେ । କାଳିଆଖିଆ ଗ୍ରାମର ସମସ୍ତ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ ।

# ସିଦ୍ଧି ବିନାୟକ ଗଣେଶ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ



ଉଦଳା , ୦୬/୧୦ (ନି.ପ୍ର): ଉଦଳା ସହର ନିକଟ ଖଣ୍ଡିହୁଡ଼ିସ୍ଥିତ ମା' ତାରିଣୀ ମନ୍ଦିର ପରିସରରେ ବାବା ସିଦ୍ଧି ବିନାୟକ ଗଣେଶ ମନ୍ଦିର ନିର୍ମାଣ ପାଇଁ ଚଳିତ ଅକ୍ଟୋବର ୪ ତାରିଖ ରବିବାର ଦିନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ମନ୍ଦିର ଉନ୍ନୟନ ଟ୍ରଷ୍ଟର ଉପସଭାପତି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଉକ୍ତ ବୈଠକରେ ଅଧ୍ୟକ୍ଷତା କରି ସମସ୍ତଙ୍କୁ ଖୋଲା ମତ ଦେବାକୁ ଆହ୍ୱାନ ଜଣାଇଥିଲେ । ଟ୍ରଷ୍ଟର ସଂପାଦକ ବିଶ୍ୱନାଥ ବେହେରା ପ୍ରାରମ୍ଭରେ ଏଠାରେ ମନ୍ଦିର ନିର୍ମାଣ ସହ ଉକ୍ତ ସ୍ଥାନକୁ ଏକ ତିର୍ଥକ୍ଷେତ୍ରରେ ପରିଣତ କରିବା ପାଇଁ ପୁରିର ମୁକ୍ତିମଣ୍ଡପକୁ ଅନୁମତି ଆଣିବା ସକାଶେ କିଛି ସାଥିଙ୍କୁ ନେଇ ଯାଇଥିଲେ ଏବଂ ସେଦିନର ଅନୁଭବ କିପରିଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଯାହାକି ଥିଲା ଖୁବ୍ ହୃଦୟସ୍ପର୍ଶୀ । ଏହାପରେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଅନାଦି ଚରଣ ନାୟକ, ଇଂ. ସୁବାଷ ପଣ୍ଡା, ପ୍ରହ୍ଲାଦ ଦାସ, ଅବସରପ୍ରାପ୍ତ ଶିକ୍ଷାଜିଲ୍ଲା ପରିଦର୍ଶକ ସୁରେନ୍ଦ୍ର ସାହୁ, ଅଧ୍ୟାପକ ରମେଶ ଚନ୍ଦ୍ର ନାୟକ, ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା, ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଂଗଠନ ସଂପାଦକ ଲଳିତ କୁମାର ବେହେରା, ଏନ୍.ପି.ଏସ୍. ଶିକ୍ଷକ ସଂଘର ସଭାପତି ବିରେନ୍ଦ୍ର ମଢ଼େଇ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ଆଜିର ଏହି ବୈଠକରେ ଉପଖଣ୍ଡର ବିଭିନ୍ନ ସ୍ଥାନରୁ ବୁଦ୍ଧିଜୀବି, ବରିଷ୍ଠ ନାଗରିକ, ଅଧ୍ୟାପକ, ଶିକ୍ଷକ, ଶିକ୍ଷୟିତ୍ରୀ, ଅବସରପ୍ରାପ୍ତ ଶିକ୍ଷକ, ସାମ୍ବାଦିକ ଓ ଗ୍ରାମବାସୀ ବହୁସଂଖ୍ୟାରେ ଯୋଗ ଦେଇଥିଲେ । ପୂର୍ଣ୍ଣଚନ୍ଦ୍ର ସାହୁ ଶେଷରେ ଧନ୍ୟବାଦ ଅର୍ପଣ ପୂର୍ବକ ବୈଠକରେ ଯବନିକା ପକାଇଥିଲେ ।

# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ବେତନଟୀ,୬/୧୦ (ନି.ପ୍ର) : ଜାତୀୟ ରାଜପଥ ତାରାକୋଟି ଛକରେ ମଙ୍ଗଳବାର ରାତି ସାତଟାରେ ଏକ ଦ୍ରୁତଗାମୀ ବାଇକ ଧକ୍କାରେ ଜନୈକା ମହିଳାଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ତାରାକୋଟି ଗ୍ରାମର ମଙ୍ଗଳ ସିଂଙ୍କ ସ୍ତ୍ରୀ ସୁନି ସିଂ(୫୫) । ସୂଚନା ମୁତାବକ ସୁନି ସିଂ ଚାଲି ଚାଲି ରାସ୍ତା ଅତିକ୍ରମ କରୁଥିବା ସମୟରେ ବେତନଟୀରୁ ବାରିପଦା ଅଭିମୁଖେ ଅତ୍ୟନ୍ତ ଦ୍ରୁତଗତିରେ ଯାଉଥିବା ଓଡି-୦୧ ବିଏଫ-୩୭୨୨ ନମ୍ବର ବିଶିଷ୍ଟ ମୋଟର ସାଇକେଲଟି ସୁନି ସିଂଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ ଘଟଣାସ୍ଥଳରେ ହିଁ ସୁନି ସିଂ ଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା । ଦୁର୍ଘଟଣାରେ ଗୁରୁତର ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳର ଦୁଇଜଣ ଯୁବକଙ୍କୁ ପୁଲିସ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ମୃତଦେହକୁ ଜାତୀୟ ରାଜପଥ ବିଭାଗର ଗାଡ଼ିରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରି ଅଧିକ ତଦନ୍ତ ଆରମ୍ଭ କରିଛି ବେତନଟୀ ପୁଲିସ ।

# ବାଇକ ଦୁର୍ଘଟଣାରେ ଭାଜପା ନେତା ଗୁରୁତର

ଖଇରା, ୦୬/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧିନ କୁପାରୀ ମଣ୍ଡଳର ପୂର୍ବତନ ସଭାପତି ତଥା ଭାଜପାର ଟାଣୁଆ ନେତା ପତିତପାବନ କର ଏକ ବାଇକ ଦୁର୍ଘଟଣାରେ ଗୁରୁତର ହୋଇ ପଡିଛନ୍ତି । ତାଙ୍କୁ ପ୍ରଥମେ ଖଇରା ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ଶ୍ରୀଯୁକ୍ତ କର ଖଇରାରୁ ବାଘୁଆସାହି କେନାଲ ରାସ୍ତା ଦେଇ ବର୍ତ୍ତନା ଯାଉଥିବା ବେଳେ ବିପରିତ ଦିଗରୁ ନିଜ ପୁଅ ପ୍ରଦୀପଙ୍କ ସହ ବାଇକରେ ନିଜ ଘର ଚୁନନଟୀ ଅଭିମୁଖେ ଆସୁଥିବା ଗୀତା ନାଇକଙ୍କ ସହ ଧକ୍କା ହୋଇଥିଲା । ଗୀତା ଓ ପ୍ରଦୀପ ନାଇକଙ୍କୁ ମଧ୍ୟରେ ଗୁରୁତର ଅବସ୍ଥାରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି ।

# ବାଂଲାଦେଶରେ ଦୁର୍ଗା ପୂଜା ଅବସରରେ ତିନି ଦିନିଆ ଛୁଟି

ନୂଆଦିଲ୍ଲୀ,୦୬/୧୦ : ଦୁର୍ଗା ପୂଜା ଛୁଟି ହେତୁ ଅକ୍ଟୋବର ୨୦ ରୁ ୨୨ ପର୍ଯ୍ୟନ୍ତ ବାଂଲାଦେଶର ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ । ଅକ୍ଟୋବର ସପ୍ତାହାନ୍ତ ସହିତ ଏହି ଛୁଟିଦିନଗୁଡ଼ିକୁ ମିଶାଇ ମୋଟ ପାଞ୍ଚ ଦିନ ଛୁଟି ଦିଆଯିବ । ସୋମବାର ସରକାର ଏହି ନିଷ୍ପତ୍ତି ଘୋଷଣା କରିଛନ୍ତି ।ଏ ସଂକ୍ରାନ୍ତରେ ଜାରି ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ ଦୁର୍ଗା ପୂଜା ପାଇଁ ଘୋଷିତ ସାଧାରଣ ଏବଂ ଅନ୍ୟାନ୍ୟ ଛୁଟିଦିନର ତାରିଖ ପରିବର୍ତ୍ତନ କରାଯାଇଛି । ସରକାରୀ କାର୍ଯ୍ୟାଳୟ ଶନିବାର (ଅକ୍ଟୋବର ୧୭) ରେ ଖୋଲା ରହିବ ଏବଂ ଅକ୍ଟୋବର ୨୨ ରେ ଛୁଟି ରହିବ । ଅକ୍ଟୋବର ୨୩ ଏବଂ ୨୪ ଯଥାକ୍ରମେ ଶୁକ୍ରବାର ଏବଂ ଶନିବାର ।




❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida